କାବୁଲରେ ଦୂତାବାସ ଖୋଲିବ ଭାରତ ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 198 | ଭାଗ ୩୩ | ସଂଖ୍ୟା ୧୯୮ | Saturday 11 October 2025 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୧୧ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଛୋଟ ଅପରାଧ ହେବ ଅପରାଧମୁକ୍ତ

ଲାଗୁ ହେଲା ଜନବିଶ୍ୱାସ ଅଧ୍ୟାଦେଶ

ଅଣ-ଗୁରୁତର ମାମଲାରେ ଦୂରହେବ କାରାଦଣ୍ଡ

୨୦୨୫-୨୬ ଧାନ ସଂଗ୍ରହ ନୀତିକୁ କ୍ୟାବିନେଟ ମଞ୍ଜୁରୀ

୯୩ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ

ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ଆଉ ୧୬ଶହ କୋଟି

ଅନ୍ତଃନଦୀ ଜଳାଶ୍ରୟ ପ୍ରକଳ୍ପ ଯୋଜନାକୁ ମଞ୍ଜୁରୀ

ନବକୃଷ୍ଣ ଚୌଧୁରୀ ଯୋଜନା ସଂପ୍ରସାରଣ ପାଇଁ ୧୪୩୭ କୋଟି

ଆନ୍ତଃନଦୀ ସଂଯୋଗୀକରଣରେ ୬ ପ୍ରକଳ୍ପ ସାମିଲ

ପାର୍ବତୀ ଗିରି ପ୍ରକଳ୍ପ ପାଇଁ ଆଉ ୨୧୧ କୋଟି

ଅଧ୍ୟାଦେଶ ଜରିଆରେ ଲାଗୁହେଲା ସଂଶୋଧିତ କାରଖାନା ଆଇନ

ଟିକସ ଓ ହିସାବ ସେବା ସଂଶୋଧନ ନିୟମକୁ ମଞ୍ଜୁରୀ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ, ୨୦୨୫କୁ ଅନୁମୋଦନ କରିଛନ୍ତି। ଯାହା କ୍ଷୁଦ୍ର ଏବଂ ପ୍ରକ୍ରିୟାଗତ ନିୟାମକ ଅପରାଧକୁ ଅପରାଧମୁକ୍ତ କରିବା, ଦଣ୍ଡକୁ ଯୁକ୍ତିଯୁକ୍ତ କରିବା ଏବଂ ମନୋନୀତ ରାଜ୍ୟ ଆଇନରୁ ଅନାବଶ୍ୟକ ଅନୁପାଳନ ବୋଝକୁ ଦୂର କରିବା ପାଇଁ ଏକ ଐତିହାସିକ ଆଇନଗତ ସଂସ୍କାର। ଏହି ପଦକ୍ଷେପ ଏକ ବିଶ୍ୱାସ-ଭିତ୍ତିକ, ସୁବିଧାଜନକ ଶାସନ ପ୍ରଣାଳୀକୁ ସଂଗଠିତ କରି ରାଜ୍ୟ ସାରା ବ୍ୟବସାୟ କରିବାରେ ସହଜତା ଏବଂ ଜୀବନଧାରଣ କରିବାରେ ସହଜତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ ଆଜି କ୍ୟାବିନେଟ ମଞ୍ଜୁରୀ ମିଳିଛି।

କେନ୍ଦ୍ର ସରକାରଙ୍କ ଜନ ବିଶ୍ୱାସ (ସଂଶୋଧନ ବ୍ୟବସ୍ଥା) ଆଇନ, ୨୦୨୩ ସହିତ ସମନ୍ୱୟ ରକ୍ଷା କରାଯାଇଛି, ଯାହା ଅଣ-ଗୁରୁତର ଅପରାଧ ପାଇଁ ଆନୁପାତିକ ଦେୱାନୀ ଦଣ୍ଡ ସହିତ ଫୌଜଦାରୀ ଦଣ୍ଡକୁ ପ୍ରତିସ୍ଥାପନ କରିବାକୁ ସମର୍ଥନ କରେ। ଓଡ଼ିଶା ସରକାର ଏହି ଢାଞ୍ଚାର ଏକ ପଦ୍ଧତିଗତ ସମୀକ୍ଷା କରିଥିଲା । ସମୀକ୍ଷା ପ୍ରକ୍ରିୟାରେ ନଅଟି ବିଭାଗ ସାମିଲ ଥିଲା ଏବଂ ୧୬ଟି ରାଜ୍ୟ ଆଇନକୁ ଅନ୍ତର୍ଭୁକ୍ତ କରାଯାଇଥିଲା।

ଏହି ଅଧ୍ୟାଦେଶ ଜରିମାନା ବ୍ୟବସ୍ଥାକୁ ବଦଳାଇ ଭିନ୍ନ ଭିନ୍ନ ସ୍ତରରେ ଅର୍ଥଦଣ୍ଡ ବ୍ୟବସ୍ଥା, ପ୍ରକ୍ରିୟାଗତ ତ୍ରୁଟି ପାଇଁ ଦଣ୍ଡର ସୀମା କମ କରିବା ଏବଂ ବୈଷୟିକ କିମ୍ବା ନିୟାମକ ଉଲ୍ଲଂଘନ ପାଇଁ ସମାନୁପାତିକ ମଞ୍ଜୁରୀ, ଅଣ-ଗୁରୁତର ମାମଲାରେ କାରାଦଣ୍ଡକୁ ଦୂର କରିବା ପାଇଁ କାର୍ଯ୍ୟକାରୀ କରିବ। ଅନୁସନ୍ଧାନ ଏବଂ ଆପିଲ୍‌ଗୁଡ଼ିକର ବିଚାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇପାରିବ। ସମାଧାନ ସମୟକୁ ହ୍ରାସ କରାଯିବା ସହିତ ମକଦ୍ଦମା ଖର୍ଚ୍ଚ ମଧ୍ୟ ହ୍ରାସ କରାଯାଇପାରିବ। ଏହି ଅଧ୍ୟାଦେଶ ଜାତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ପୃଷ୍ଠା-୬

କାମ କଲାନି ଟ୍ରମ୍ପଙ୍କ ଲବି-ଦାବି

ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ,୧୦।୧୦: ଅନେକ ପ୍ରଚାର କରିବା ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରିନାହିଁ। ଗତ କିଛି ମାସ ହେବ ଅନେକ ଦେଶ ମଧ୍ୟରେ ଯୁଦ୍ଧର ସମାପ୍ତି କରି ଶାନ୍ତି ଆଣିଥିବା ଦାବି କରିଆସୁଥିଲେ ଟ୍ରମ୍ପ। ଏହା ସହ ସେ ହିଁ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବୋଲି ଦାବି କରୁଥିଲେ। ହେଲେ ଆଜି ତାଙ୍କର ସେ ସ୍ୱପ୍ନ ଭାଙ୍ଗିଯାଇଛି। ତାଙ୍କ ପରିବର୍ତ୍ତେ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଛି।

ଭେନେଜୁଏଲାରେ ଗଣତନ୍ତ୍ର ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଦେଶରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇବା ପାଇଁ ଏକ ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିବାରୁ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମାରିଆଙ୍କୁ ଭେନେଜୁଏଲାର 'ଆଇରନ୍ ଲେଡି' ବୋଲି କୁହାଯାଏ। ଘୋଷଣା କରିବା ସମୟରେ ନୋବେଲ କମିଟି କହିଛି ଯେ, ପୃଷ୍ଠା-୬

ଆଜି ମହାନଦୀ ଜଳ ବିବାଦ ଆଲୋଚନା

● ଦିଲ୍ଲୀରେ ଭେଟିପାରନ୍ତି ଓଡ଼ିଶା ଏବଂ ଛତିଶଗଡ଼ର ଜଳ ସମ୍ପଦ ସଚିବ



ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଶୁକ୍ରବାର ଦିଲ୍ଲୀରେ ହେବ ମହାନଦୀ ଜଳ ବିବାଦ ଆଲୋଚନା। ଦିଲ୍ଲୀରେ ଭେଟିପାରନ୍ତି ଓଡ଼ିଶା ଏବଂ ଛତିଶଗଡ଼ର ଜଳ ସମ୍ପଦ ସଚିବ। ଏନେଇ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ସଚିବ ଅନୁ ଗର୍ଗ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୩୦ରେ ମହାନଦୀ ଜଳ ବଣ୍ଟନକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳ ସମ୍ପଦ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ହୋଇଥିଲା। ଆଗକୁ ମୁଖ୍ୟ ସଚିବ ଏବଂ ଜଳ ସମ୍ପଦ ସଚିବମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ସମାଧାନ କରିବା ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସାକ୍ଷାତ କରିପାରନ୍ତି ବୋଲି ସୂଚନା ରହିଛି।

● ସରଣ୍ଡା ଜଙ୍ଗଲରେ ଲାଲ୍ ତାଣ୍ଡବ

କଲଭର୍ଟ ଉଡ଼ାଇଲେ ମାଓବାଦୀ

● ଯବାନ ଗୁରୁତର, ହସ୍ପିଟାଲରେ ଭର୍ତ୍ତି

● ପ୍ରେସର ବୋମା ବିସ୍ଫୋରଣରେ ନାବାଳକ ଗୁରୁତର

ସୁନ୍ଦରଗଡ଼/ବିଶ୍ରା,୧୦।୧୦ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକର ଜରାଇକେଳା ପଞ୍ଚାୟତ ସୀମାନ୍ତରେ ଥିବା ଝାଡ଼ଖଣ୍ଡସ୍ଥିତ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ପୁଣି ଥରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ନିଜର ଉପସ୍ଥିତି ଜାହିର କରିଛନ୍ତି। ଏକ ଭୟଙ୍କର ବିସ୍ଫୋରଣରେ ସିଆରପିଏଫ୍‌ର ଜଣେ ଇନ୍ସପେକ୍ଟର ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟ ଏକ ସ୍ଥାନରେ ନକ୍ସଲମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଏକ କଲଭର୍ଟ ମଧ୍ୟ ଉଡ଼ାଇ ଦେଇଛନ୍ତି। ଉଭୟ ଘଟଣା ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ପୃଷ୍ଠା-୬

ପୀତବାସ ପଣ୍ଡା ହତ୍ୟା ମାମଲା

ଅତି ନିକଟରୁ କରାଯାଇଥିଲା ଗୁଳି

● ୫୦ରୁ ଅଧିକ ସିସିଟିଭି ଯାଞ୍ଚ କରିଛି ପୁଲିସ

● ଆନ୍ଧ୍ରରେ ୬ ଜଣିଆ ପୁଲିସ ଟିମ୍‌ର ତଦନ୍ତ

ବ୍ରହ୍ମପୁର,୧୦।୧୦ (ଅସିତ ପଣ୍ଡା): ଆଇନୀଜୀବ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ୩ ଦିନ ବିତିଗଲା। ଏଯାଏଁ ହତ୍ୟାକାରୀଙ୍କୁ ଖୋଜି ପାରିନି ପୁଲିସ। ତିନି ଦିନ ଧରି ବିଭିନ୍ନ ଦିଗରେ ତଦନ୍ତ ଜାରି ଥିଲେ ବି ଆତତାୟୀଙ୍କ ଟେର୍ ମିଳୁନି। ହତ୍ୟାକାଣ୍ଡ ଭିଆଇ ୨ ଦୁର୍ବୃତ୍ତ କୁଆଡ଼େ ଗଲେ କିଛି ଜଣାପଡୁନି। ତଦନ୍ତକୁ ନେଇ ପୁଲିସ ନିରବ ଥିବା ବେଳେ ଆଜି ସଂଧ୍ୟାରେ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ପୁଲିସର ଏକ ୬ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଇଛି।

ଅପରାଧର ଖିଅ ଖୋଜିବାକୁ ଯାଇ ପୁଲିସ ଆଇନଜୀବୀ ପୀତବାସ କାହା ରାସ୍ତାରେ କଣ୍ଟା ଥିଲେ ଜାଣିବାକୁ କ୍ରାଇମ୍ ଫାଇଲ୍ ପଢ଼ିବା ଆରମ୍ଭ କରିଛି। ପୀତବାସ ଅନେକ ଆପରାଧିକ ମାମଲାରେ ଓକିଲ ଥିଲେ।

ବହୁ ମାମଲା ପରିଚାଳନା କରିଛନ୍ତି। ନିକଟରେ ଗୋପାଳପୁର ଗଣଦୁଷ୍କର୍ମ ଓ ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ବି ସେ ଧରିଥିଲେ। ଏହାବାଦ ବହୁ ଦୁର୍ନୀତି, ଅପରାଧ ମାମଲାରେ ତାଙ୍କର ମହକିଲ ଅଛନ୍ତି। ହତ୍ୟା ପଛର କାରଣ ଖୋଜିବାକୁ ସମୟ ପୃଷ୍ଠା-୬

ଧର୍ମେନ୍ଦ୍ର: ବିଜୟର ଗ୍ୟାରେଣ୍ଟର

ସବୁଠି ବିଜେପି ପାଇଁ ବିଜୟର ମାସ୍କଟ

ପୁଣି ସାଜିବେ ସରକାର ଗଠନର ସୂତ୍ରଧର

ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ): ନିର୍ବାଚନ ପାଇଁ ବିହାରରେ ପହଞ୍ଚିଲେ ବିଜୟର ଗ୍ୟାରେଣ୍ଟର ଧର୍ମେନ୍ଦ୍ର ପ୍ରଧାନ। ବିହାରରେ ଏନଡିଏର ପୁଣି ଥରେ ଜିତାପଟ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେ ମଧ୍ୟ ଏନଡିଏ ମେଣ୍ଟକୁ ବିଜୟ ଶିରିପା ପିନ୍ଧାଇବାକୁ ନିଜସ୍ୱ ରଣନୀତି ଆରମ୍ଭ କରିଦେଇଛନ୍ତି।

ଧର୍ମେନ୍ଦ୍ରଙ୍କ ପାଇଁ ବିହାର ନୂଆ ନୁହେଁ। ସେ ପୂର୍ବରୁ ୨୦୧୦ରେ ବିହାରର ସହାପ୍ରଭାରୀ ଥିଲେ। ସେତେବେଳେ ସେ ଏନଡିଏ ମେଣ୍ଟକୁ ରେକର୍ଡ ୨୪୩ ଆସନରୁ ୨୦୬ ଆସନରେ ଜିତାଇଥିଲେ। ଏମିତିବି ବିହାରରେ ଧର୍ମେନ୍ଦ୍ରଙ୍କ ଟ୍ରାକ ରେକର୍ଡ ବେଶ ଭଲ। ୨୦୧୪ ଲୋକସଭା ନିର୍ବାଚନରେ ମଧ୍ୟ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଏନଡିଏ ଲଢ଼ିଥିଲା। ସେ ସମୟରେ ବିଜେପି ୪୦ ଲୋକସଭା ଆସନରୁ ୩୧ ଦଖଲ କରିଥିଲା। କେବଳ ବିହାର ନୁହେଁ, ଯେଉଁ ରାଜ୍ୟ ଦାୟିତ୍ୱ ନେଇଛନ୍ତି ସେହି ରାଜ୍ୟରେ ଧର୍ମେନ୍ଦ୍ର ବିଜେପିକୁ ବିଜୟ ଶିରୀପା ପିନ୍ଧାଇଛନ୍ତି। ହରିୟାନାରେ ବିଜେପିର ତୃତୀୟ ଥର ବିଜୟର ସୂତ୍ରଧର ଥିଲେ ଧର୍ମେନ୍ଦ୍ର। ହରିୟାନାରେ ୯୦ରୁ ୪୮ ଆସନରୁ ଜିତିଥିଲା ବିଜେପି। ପ୍ରଥମ ପୃଷ୍ଠା-୬

ଆଇଏଏସ୍ ସ୍ତରରେ ଅଦଳବଦଳ

କେନ୍ଦ୍ରକୁ ଗଲେ ୩ ବରିଷ୍ଠ ଅଧିକାରୀ

● ଏନ. ଥିରୁମାଲା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ

● ଚଞ୍ଚଳ ରାଣାଙ୍କୁ ବିଏମ୍‌ସି ସହ ବିଡିଏ ଦାୟିତ୍ୱ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ଜାରି କରଯାଇଛି। ୨୦୦୨ ବ୍ୟାଚ୍‌ର ଆଇଏଏସ୍ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବ ଗିରିଶ ଏସ୍‌ଏନ୍‌ଙ୍କୁ ମିସନ ଶକ୍ତି ବିଭାଗରେ ଅତିରିକ୍ତ ଦାୟିତ୍ୱ ମିଳିଛି।

ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ତଥା ୨୦୦୧ ବ୍ୟାଚ୍‌ର ଆଇଏଏସ୍ ଶାଳିନୀ ପଣ୍ଡିତ କେନ୍ଦ୍ରକୁ ଯିବେ। ତାଙ୍କୁ ଅର୍ଥ ମନ୍ତ୍ରାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ତଥା ୨୦୧୧ ବ୍ୟାଚର ଆଇଏଏସ୍ ସମର୍ଥ ବର୍ମାଙ୍କୁ ମଧ୍ୟ କେନ୍ଦ୍ରରେ ନିଯୁକ୍ତି ମିଳିଛି। ସେ ଭରତ ସରକାରଙ୍କ ବନ୍ଦର ବିଭାଗରେ ନିର୍ଦ୍ଦେଶକ ଭାବେ କାମ କରିବେ। ସେହିପରି ୨୦୧୪ ବ୍ୟାଚ୍‌ର ଆଇଏଏସ୍ ସ୍ୱଧା ଦେବୀ ସିଂହ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକରୁ କେନ୍ଦ୍ର ସରକାରଙ୍କ ଜନଗଣନା ବିଭାଗରେ କାର୍ଯ୍ୟ କରିବାକୁ ନୂଆ ଦାୟିତ୍ୱ ପାଇଛନ୍ତି। ସେଠାରେ ସେ ନିର୍ଦ୍ଦେଶକ ଭାବେ କାମ କରିବେ।

ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ଡେପୁଟେସନ୍‌ରେ ଯିବା ପରେ ତାଙ୍କ ସ୍ଥାନରେ ୨୦୦୯ ପୃଷ୍ଠା-୬

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ଖୋଳତାଡ଼

'ବଣିକ୍'ର ୩ ଅଧିକାରୀ କ୍ରାଇମବ୍ରାଞ୍ଚରେ ହାଜର

କଟକ,୧୦।୧୦(ସଂଚାର ବ୍ୟୁରୋ): ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମଲା ଲିଙ୍କ୍‌ରେ କ୍ରାଇମବ୍ରାଞ୍ଚର ଖୋଳତାଡ଼ ଜୋର ଧରିଛି। କଟକ କ୍ରାଇମବ୍ରାଞ୍ଚରେ ହାଜର ହୋଇଛନ୍ତି 'ବଣିକ୍' କୋଚିଂ ସେଣ୍ଟରର ୩ ଅଧିକାରୀ। ସୂଚନାଯୋଗ୍ୟ ଯେ, ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଅନିୟମିତତା ମାମଲାରେ ଗୁରୁବାର କ୍ରାଇମବ୍ରାଞ୍ଚ ପକ୍ଷରୁ 'ବଣିକ୍' କୋଚିଂ ସେଣ୍ଟର ଉପରେ ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ବୟାନ ଆଧାରରେ 'ବଣିକ୍' କୋଚିଂ ସେଣ୍ଟର ଉପରେ ଚଢ଼ାଉ କରିଥିଲା କ୍ରାଇମବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୯ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ଭିତରେ ରହିଛନ୍ତି ୧୧୪ ଜଣ ଏସ୍‌ଆଇ ଚାକିରି ଆଶାୟୀ। ଏମାନଙ୍କ ମଧ୍ୟରୁ ୧୦ ଜଣ 'ବଣିକ୍' କୋଚିଂ ସେଣ୍ଟରରେ ପଢୁଥିଲେ। କୋଚିଂ ସେଣ୍ଟର କମ୍ପ୍ୟୁଟରରୁ ଡାଟା ସଂଗ୍ରହ କରିଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱରରେ ଥିବା ଏହି ସେଣ୍ଟରର ମୁଖ୍ୟ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ଅନ୍ୟ ଦଲାଲମାନଙ୍କ ସହ 'ବଣିକ୍'ର କ'ଣ ସମ୍ପର୍କ ରହିଛି, ତାହା ଜାଣିବାକୁ ପ୍ରୟାସ କରିଥିଲା କ୍ରାଇମବ୍ରାଞ୍ଚ।

'ବଣିକ୍'ର ମାଲିକ ସୁବ୍ରତ ଛାଟୋଇ ଏବଂ ଏହି ପରୀକ୍ଷା ସ୍କାମ୍‌ରେ ଫେରାର ଥିବା ପଞ୍ଚସଫୁର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ମଧ୍ୟରେ କୌଣସି ଲିଙ୍କ୍ ଅଛି କି ନାହିଁ ତା'ର ମଧ୍ୟ ଖୋଳତାଡ଼ କରାଯାଉଛି। ଏମିତିରେ 'ବଣିକ୍' କୋଚିଂ ସେଣ୍ଟର ମାଲିକ ସୁବ୍ରତ ଛାଟୋଇ କହିଥିଲେ ଯେ, ରାଜନୀତି ପାଇଁ ରାଜ୍ୟର ଏକ ପ୍ରତିଷ୍ଠିତ ଅନୁଷ୍ଠାନ 'ବଣିକ୍'କୁ ବଦନାମ୍ କରାନଯାଉ। 'ବଣିକ୍'ରୁ କୋଚିଂ ନେଇ ଅନେକ ପିଲା ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟ କରୁଛନ୍ତି। ସେମାନେ ଏଭଳି ଅପପ୍ରଚାର ଦ୍ୱାରା ନିଜକୁ ଅପମାନିତ ପୃଷ୍ଠା-୬

କାନ ଡେରିଥା

ମର୍ଡର ଘଟଣା ଚକିତ କରୁଛି
ନିର୍ଭୟେ ଦୁର୍ବୃତ୍ତଗଣ
ଓଡ଼ିଶା ପୁଲିସ ନାମକୁ ମାତର
ଅନଫିଟ ଆଚରଣ !
କେମିତି ବଞ୍ଚିବ ପ୍ରାଣ...
ଏମିତି ଘଟଣା କି ଶିକ୍ଷା ଦେଉଛି
ପ୍ରଭୁ ଭାରସାରେ ମନ।

■ ଦେବାଶିଷ

ନୂଆପଡ଼ା ଉପନିର୍ବାଚନ

ପ୍ରାର୍ଥୀ ଘୋଷଣା ରାସ୍ତାରେ ଆଦିବାସୀ ସଂଘ କଣ୍ଟା

ନୂଆପଡା ଉପନିର୍ବାଚନ ପାଇଁ ବିଜେଡି ଓ ବିଜେପି କାହାକୁ ଦଳୀୟ ପ୍ରାର୍ଥୀ କରିବେ ତାହାକୁ ସମସ୍ତେ ଚାହିଁ ରହିଥିବା ବେଳେ ଏଥିରେ ଏବେ ଆଦିବାସୀ ସଂଘ କଣ୍ଟା ସାଜିଛି। ସଂଘ ପକ୍ଷରୁ ଉଭୟ ଶାସକ ଓ ବିରୋଧୀ ଦଳକୁ ଚେତାବନୀ ଦିଆଯିବା ସହିତ ଆଦିବାସୀମାନଙ୍କୁ ପ୍ରାର୍ଥୀ କରିବାକୁ କୁହାଯାଇଛି। ଆଦିବାସୀଙ୍କୁ ପ୍ରାର୍ଥୀ ନକଲେ ସଂଘ ସ୍ୱାଧୀନ ପ୍ରାର୍ଥୀ ଦେବ ବୋଲି ଧମକ ବି ଦେଇଛି।

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ଘାଷିରାମ ମାଝୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ସମସ୍ତଙ୍କ ନଜର ଏବେ ବିଜେଡି ଓ ବଜେପି ପ୍ରାର୍ଥୀଙ୍କ ଉପରେ ରହିଛି। ବିଜେଡି ଏଠାରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅକୁ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବ ବୋଲି ଖୋଦ ଜୟ ସୂଚନା ଦେଇଥିବା ବେଳେ ଦଳ ପକ୍ଷରୁ କିନ୍ତୁ ବିଧିବଦ୍ଧ ଭାବେ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ।

ସେହିଭଳି ବିଜେପି ପ୍ରାର୍ଥୀ ଗତ ନିର୍ବାଚନରେ ଏଠାରେ ତୃତୀୟ ସ୍ଥାନରେ ରହିଥିବାରୁ ଚଳିତ ଉପନିର୍ବାଚନରେ ସମସ୍ତଙ୍କ ନଜର ବିଜେପି ପ୍ରାର୍ଥୀଙ୍କ ଉପରେ ରହିଛି।

ଏଭଳି ସ୍ଥିତିରେ ଆଦିବାସୀ ସଂଘର ଏଭଳି ଧମକ ଏବେ ଦୁଇ ଦଳକୁ ଏକ ପ୍ରକାର ଅଡୁଆରେ ପକାଇ ଦେଇଛି। କାରଣ କଂଗ୍ରେସ ପ୍ରାର୍ଥୀ ଘାଷିରାମ ମାଝୀ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସିଏ ଆଉ ସଂଘରେ ନଥିବା ଆଦିବାସୀ ସଂଘ ଆଦିବାସୀ ସଂଘ ତାହାର କାର୍ଡ ଖେଳିବା ଆରମ୍ଭ କରିଛି। ତେଣୁ ଆଦିବାସୀ ଭୋଟକୁ ଦୃଷ୍ଟିରେ ରଖି ବିଜେଡି ଓ ବିଜେପି କି ପ୍ରକାର ନିଷ୍ପତ୍ତି ଗ୍ରହଣ କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

ଦୁଇ ଦଳକୁ ସଂଘର ନାଲିଆଖି

ବଢ଼ିପାରନ୍ତି ସ୍ୱାଧୀନ ପ୍ରାର୍ଥୀ

ଗତ ନିର୍ବାଚନରେ ନୂଆପଡାରେ ମୋଟ ସାତଜଣ ପ୍ରାର୍ଥୀ ଥିବାବେଳେ ଏମାନଙ୍କ ମଧ୍ୟରେ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ଥିଲେ। ଏଥର ଯଦି ବିଜେଡି ଓ ବିଜେପି ଅଣ ଆଦିବାସୀଙ୍କୁ ପ୍ରାର୍ଥୀ କରନ୍ତି ଏବଂ ଆଦିବାସୀ ସଂଘ ନିଜ ଜିଦ୍‌ରେ ଅଟଳ ରହେ, ତେବେ ସଂଘ ପକ୍ଷରୁ ସ୍ୱାଧୀନ ପ୍ରାର୍

ଥମୁନି ବର୍ଷା, ପାଣିରେ ବୁଡ଼ିଛି ସ୍କୁଲ

● ଦୁଇ ମାସ ହେବ ଶିକ୍ଷୟିତ୍ରୀଙ୍କ ଘରେ ଚାଲିଛି ପାଠପଢା ● ଆଖି ବୁଜି ବସିଛି ଶିକ୍ଷା ବିଭାଗ

ଆଳି,୧୦।୧୦(ସଂଚାର ବ୍ୟୁରୋ): ଗତ ଦୁଇ ମାସ ହେବ ଲଗାଣ ବର୍ଷା ଯୋଗୁଁ ସ୍କୁଲ ଚତୁପାର୍ଶ୍ୱରେ ବର୍ଷା ପାଣି । ସ୍କୁଲଟି ବର୍ଷା ପାଣି ଘେରରେ ଥିବାରୁ ସ୍କୁଲର ଶିକ୍ଷୟତ୍ରୀଙ୍କ ଘରେ ଦେଢ଼ମାସ ହେବ ଚାଲିଛି ପାଠ ପଢା। ଆଳି ବ୍ଲକ କଳସପୁର ପଞ୍ଚାୟତରେ ଥିବା ନଅରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଏଭଳି ଚିତ୍ର ଆଳି ବ୍ଲକର ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ପଦାରେ ପକାଇ ଦେଇଛି ।

ସୂଚନା ଅନୁଯାଇ ନଅରସାହି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୧୩ ଜଣ ଛୋଟ ଛୋଟ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ ଗତ ଦୁଇ ମାସ ହେବ ଲଗାଣ ବର୍ଷା

ଯୋଗୁଁ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଭାବେ ବର୍ଷା ପାଣି ଘେରରେ। ବିଦ୍ୟାଳୟର ଦୁଇ ପାର୍ଶ୍ୱରେ ଦୁଇଟି ଦଳ ପୁଷ୍କରିଣୀ ଥିବାରୁ ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟ ରାସ୍ତା ସମେତ ସମ୍ପୂର୍ଣ୍ଣ ବିଦ୍ୟାଳୟ ପରିସର ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତା ଓ ବିଦ୍ୟାଳୟରେ ପାଣି ପଶିବା ହେତୁ କୁନି କୁନି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବାକୁ ଭୟ କରୁଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ନନ୍ଦଙ୍କ ଘରେ ପାଠପଢା ସହ ଚାଲିଛି ମଧ୍ୟାହ୍ନ ଭୋଜନ। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଦାନନ୍ଦ ଲେଙ୍କା ଗତ ଅଗଷ୍ଟ ମାସରେ ଆଳି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ତାହାର କିଛି ନିର୍ଯାସ ହୋଇ ପାରିନାହିଁ ନାହିଁ । ଏ ବିଷୟରେ ଆଳି ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିବା ବେଳେ ତାହା ସମ୍ଭବ ହୋଇନାହିଁ ।

ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡେରାବିଶ,୧୦।୧୦(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ପରିସରରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବୀର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପ୍ରଭାତି ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବୀରରେ ମୁଖ୍ୟ ଅତିଥିଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଶିବିରଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବୀରରେ ୩୬ ଜଣ ଶ୍ରବଣ ବାଧିତ, ୬୭ ଜଣ ଦୃଷ୍ଟିବାଧିତ, ୭୨ ଜଣ ମାନସିକ ଭିନ୍ନକ୍ଷମ, ୨୦୯ ଜଣ ଅସ୍ଥିଶଲ୍ୟ ଓ ୩୫ ଜଣ ଶିଶୁ ଏହି ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ। ତେବେ ଉପରୋକ୍ତ ବିଭାଗର ଡାକ୍ତରମାନେ ଏହି ବ୍ୟକ୍ତିମାନଙ୍କୁ ପରୀକ୍ଷା କରାଯାଇ ପରେ ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ଶ୍ରୀମତୀ ବାରିକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

ଗଜଲକ୍ଷ୍ମୀ ମଣ୍ଡପ ବୁଲି ଆଶୀର୍ବାଦ ନେଲେ ମନ୍ତ୍ରୀ ସୂରଜ

ଡେରାବିଶ,୧୦।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଚାନ୍ଦୋଳ ବଜାରର ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ଆଜି ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଇ ମା'ଙ୍କ ଦର୍ଶନ କରିବା ସହିତ ଆଶିର୍ବାଦ ଭିକ୍ଷା କରିଛନ୍ତି। ଆଜି ଅପରାହ୍ନରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାନ୍ଦୋଳ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ବିଜେପି ମୁଖପାତ୍ର ତଥା ପାଟକୁରାର ବିଜେପି ନେତା ତେଜେଶ୍ୱର ପରିଡ଼ା ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ହଜାର ହଜାର ଦଳୀୟ କର୍ମୀଙ୍କଗହଣରେ ସ୍ୱାଗତ କରିଥିଲେ। ପରେ ଶ୍ରୀ ପରିଡ଼ା ମନ୍ତ୍ରୀଙ୍କୁ ବାଜା ପଟୁଆର ଓ ଦଳୀୟ କର୍ମୀଙ୍କ ଗହଣରେ ଚାନ୍ଦୋଳ ବଜାରରେ ହୋଇଥିବା ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ନେଇ ସେଠାରେ ମା'ଙ୍କର ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ।

ଲକ୍ଷ୍ମୀପୂଜାରେ ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ଚୈତନ୍ୟ ଦେବୀ ମଣ୍ଡପ

କେନ୍ଦ୍ରାପଡା,୧୦।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହର ଗଜଲକ୍ଷ୍ମୀ ପୂଜା ପାଇଁ ବେଶ୍ ଚଳଚଞ୍ଚଳ ହୋଇଥିବା ବେଳେ କାକଟ ମଙ୍ଗଳା ମନ୍ଦିର ସମ୍ମୁଖରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଚୈତନ୍ୟ ଦେବୀ ମଣ୍ଡପ (ଜୀବନ୍ତ ଲକ୍ଷ୍ମୀ) ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ରାଜଯୋଗ ମୁଦ୍ରାରେ ବଡ଼ହାଟ ତପସ୍ୟା ଭବନ ସେବାକେନ୍ଦ୍ରର ଭାଇଭଉଣୀ ମାନେ ଲକ୍ଷ୍ମୀ ନାରାୟଣ, ଶିବ ପାର୍ବତୀ ଓ ଅନ୍ୟାନ୍ୟ ପୌରାଣିକ କଥାବସ୍ତୁ ଆଧାରରେ ଝାଙ୍କୀ ପ୍ରଦର୍ଶନ କରୁଛନ୍ତି। ଏହାକୁ ଦେଖିବାପାଇଁ ବେଶ୍ ଜନଗହଳି ପରିଲକ୍ଷିତ ହୋଇଛି। ତିନିଦିନ ଧରି ପ୍ରତି ସଂଧ୍ୟାରେ ଏହି ଝାଙ୍କୀ ପ୍ରଦର୍ଶିତ ହେବ।

ଧୂମଧାମରେ ମାଳ ପାଟଣାରେ ଗଜଲକ୍ଷ୍ମୀ ପୂଜା ପାଳିତ



ଆଳି,୧୦।୧୦(ସଂଚାର ବ୍ୟୁରୋ): ଆଳି ବ୍ଲକ୍ ଚଣ୍ଡିଆଗଡି ପଞ୍ଚାୟତ ମାଳପାଟଣା ଗ୍ରାମରେ ମାଳପାଟଣା ବଜାର ଛକ କମିଟିର ମିଳିତ ଆନୁକୂଲ୍ୟରେ କୁମାର ପୂର୍ଣ୍ଣିମା ଦିନଠାରୁ ତିନି ଦିନ ବ୍ୟାପି ୩୧ ତମ ସାର୍ବଜନୀନ ମା ଗଜଲକ୍ଷ୍ମୀ ପୂଜା ପଞ୍ଚାୟତବାସୀଙ୍କ ଦ୍ୱାରା ଧୁମଧାମରେ ମହାସମାରୋହରେ ଭଜନ କୀର୍ତ୍ତନ ସହ ପାଳିତ ହୋଇଯାଇଛି।ଏହି ଅନୁଷ୍ଠାନଟି ମାଳପାଟଣା ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ସୁରୁଖୁରୁରେ ଏବଂ ଏକତା ଭିତରେ ଗଢି ଉଠିଛି। ଏବଂ ରାଜ୍ୟର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ମାଳ ପାଟଣା ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ଭଜନ ସମାରୋହ ସାଂସ୍କୃତିକ କାଯ୍ୟକ୍ରମ ହୋଇଥିଲା।

ସେହିପରି ଆଳିର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ତନ୍ମଧ୍ୟରୁ ବଡାମ୍‌ବିଳା ପଞ୍ଚାୟତ ନମୌଜା କଳଦିଆ ଦଶିପୁର ଗ୍ରାମରେ ଆଜକୁ ୮୬ ବର୍ଷ ଧରି ମା ଗଜଲକ୍ଷ୍ମୀ ପୂଜା ପାଇଁ ଆସୁଛନ୍ତି। ଭାରତ ସ୍ୱାଧୀନ ପୂର୍ବରୁ କଳଦିଆ ଦଶିପୁର ପଡ଼ିଆରେ ରୀତିନୀତି ସଂସ୍କୃତି ପରମ୍ପରା ଅନୁସାରେ ଗଜଲକ୍ଷ୍ମୀ ପୂଜା ପାଇଁ ଆସୁଛନ୍ତି। ୫ଦିନ ବ୍ୟାପି ଧୁମଧାମରେ କଳ୍ପି ଉଠେ ପୂଜା ମଣ୍ଡପ ଭକ୍ତଙ୍କ ଗହଳି ଭିତରେ ମାଆକୁ ହଜାର ହଜାର ଭକ୍ତ ଦର୍ଶନ କରିଥାନ୍ତି। ପତ୍ରପୁର ଗୋପାଳପୁରରେ ମଧ୍ୟ ବହୁ ପୁରାତନରୁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳନ ହେଉଛି। ଆଳିର ବହୁ ସ୍ଥାନରେ ପୂର୍ବ ପୁରୁଷରୁ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ପାଳିତ ହୋଇଆସୁଛି ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

● ୧୪୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ପଞ୍ଜିକରଣ କଲେ

ସାଲେପୁର,୧୦।୧୦(ସଂଚାର ବ୍ୟୁରୋ): ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦଘାଟନ କରିଥିଲେ। ଏଥିରେ ସମାନ୍ୟୀତ ଅତିଥି ଭାବରେ ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ତହସିଲଦାର ଜୟନ୍ତ କୁମାର ଜୟସିଂ, ସିଡିପିଓ ସୌଦାମିନୀ ପଣ୍ଡା ଓ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶ୍ରୀ ସନାତନ ଦାସ ଯୋଗଦେଇଥିଲେ। ଏହି ଶିବିରରେ ସାଲେପୁର ବ୍ଲକର ୩୫ଟି ପଞ୍ଚାୟତ ସମେତ ୭ଟି ବ୍ଲକର ପ୍ରାୟ ୧୪୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗମାନେ ନାମ ପଞ୍ଜିକରଣ କରିଥିବା ସହିତ ଭିନ୍ନକ୍ଷମ ପ୍ରମାଣ ପତ୍ର, ବସ ପାସ ଅନ୍ୟାନ ସରକାରୀ ସୁବିଧା ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ୪ଟିରୁ ଉର୍ଦ୍ଧ୍ୱ ବିଭାଗର ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରି ପ୍ରମାଣ ପତ୍ର ଓ ଅନ୍ୟାନ ସରକାରୀ ସୁବିଧା ଦେବା ପାଇଁ ସୁପାରିଶ କରିଥିଲେ।

ପ୍ରେମ ପ୍ରତାରଣା ଓ ଧୋକା ପରେ ଜୀବନରୁ ମାରିଦେବାକୁ ପ୍ରୟାସ

ରାଜକନିକା,୧୦।୧୦(ସଂଚାର ବ୍ୟୁରୋ): ଦୀର୍ଘ ପନ୍ଦର ବର୍ଷର ପ୍ରେମ ସମ୍ପର୍କ ରଖି ପ୍ରେମରେ ସାଥିଙ୍କୁ ବିଶ୍ୱାସ କରିବା ପରେ ପ୍ରେମିକା ଶେଷରେ ପୁରୁଣା ପ୍ରେମିକକୁ ଜୀବନରୁ ମାରି ଦେବାକୁ ପଛେଇଲେନି। ଏମିତି ଘଟଣା ଏବେ ପ୍ରେମୀ ଯୁଗଳଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ତେବେ ଦୀର୍ଘ ପନ୍ଦର ବର୍ଷ କାଳ ପ୍ରେମ ପରେ ଚାରିବର୍ଷର (ଲିଭଇନ ଲାଇଫ) ସମ୍ପର୍କକୁ ପାଦରେ ଦଳି ମକଚି ନୂଆ ପ୍ରେମିକ ସହିତ ମିଶି ପୁରୁଣା ପ୍ରେମିକକୁ ଜୀବନରୁ ମାରିଦେବାକୁ ଖାଦ୍ୟରେ ନିଶା ଦେଇ ଆଚେତ ହେବା ପରେ ଏକ ଲୁହା ରଡ଼ରେ ପ୍ରେମିକର ମୁଣ୍ଡକୁ ଆକ୍ରମଣ କରି ନଦୀରେ ଫିଙ୍ଗି ପ୍ରେମିକା ଚକ୍ଷଟ ମାରିଥିବା ଏବେ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅଧୀନ ହାଟସାହି ପଞ୍ଚାୟତର ହାଟସାହି ଗାଁର କାଲାଚାନ୍ଦ ବେହୁରିଆ ନାମକ ଜଣେ ଯୁବକ ସେହି ହାଟସାହି ମୁଗ ଡିହ ଗାଁରେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ।

ଗଣପର୍ବ ଲାଗି ପୁରପଲ୍ଲୀ, ସହର ଏବେ ଉତ୍ସବମୁଖର

କେନ୍ଦ୍ରାପଡା,୧୦।୧୦(ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କୁମାର ପୂର୍ଣ୍ଣିମା ଠାରୁ କେନ୍ଦ୍ରାପଡାରେ ମା ଧନଦାତ୍ରୀଙ୍କ ହୋଇଛି ଧରାବତରଣ। କେନ୍ଦ୍ରାପଡାର ଗଣପର୍ବ ୫ମ ଦିନରେ ଉତ୍ସବ ମୁଖର। ଏହି ଗଣପର୍ବ ୭ଦିନେ ହେଉଥିବା ପୂଜାରେ ସଜେଇ ହୋଇଛି ପୁରପଲ୍ଲୀ ଠାରୁ ସହର କଟକରେ ମା ଦୁର୍ଗାଙ୍କ ସୁନାମେଢ଼ ପଇଁ ପ୍ରତିଯୋଗିତା ହେଉଥିବା ବେଳେ କେନ୍ଦ୍ରାପଡା ରେ ଚାନ୍ଦି ମେଢ଼ପାଇଁ ହୋଇଛି ପ୍ରତିଯୋଗିତା । ସହରରେ ୭୫ ମଣ୍ଡପରେ ପୂଜା ପାଉଛନ୍ତି ମହାଲକ୍ଷ୍ମୀ ଓ ଅନ୍ୟ ଦେବତା ମାନେ । ୪୦ ଗୋଟି ମେଢ଼ ସୁନା ଓ ଚାନ୍ଦିରେ ସଜେଇ ହୋଇଛି । ସହରର ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ, କାକଟ, ମହିପାଳ, ଗଙ୍ଗା ଭାଗିରଥୀ, ଶନିଲକ୍ଷ୍ମୀ, ତିନିମୁହାଣୀ, ଗଜ ଉଦ୍ଧାରଣ, ବସ୍ତ୍ରହରଣ, ନୃସିଂହ ଅବତାର, ରୋହିନୀ ଗାଈ, ଖଡିଅଙ୍ଗ, ସୂର୍ଯ୍ୟରଥ, ବିମ୍ବଳାଇ, ଶିବସେନା, ବ୍ୟାସ ସରୋବର, ଲକ୍ଷ୍ମୀ ନାରାୟଣ, ରାଧାକୃଷ୍ଣ ପ୍ରଭୃତି ଅନେକ ମୂର୍ତ୍ତି ଗୁଡିକ ମଣ୍ଡପରେ ଚାନ୍ଦିରେ ସଜେଇ ହୋଇ ପୂଜା ପାଉଛନ୍ତି। ଦୁହୁରିଆ ପାଖ ସଦଭାବନା କ୍ଲବ ତରଫରୁ ନିର୍ମାଣ କରାଯାଇ ଥିବା ଗେଟ୍ ଓ ମା ଲକ୍ଷ୍ମୀ ଠାକୁରାଣୀଙ୍କୁ ଦେଖିବା ପାଇଁ ଭିଡ ଜମିଛି । ମଢିଆଳ ମା ଲକ୍ଷ୍ମୀ ଠାକୁରାଣୀଙ୍କ ମେଢ ୨୦ କେଜି ରୂପାରେ ହୋଇଥିବା ଜଣାପଡିଛି। ସେହିପରି ୨ ଥାନପତି ସୁନା ଓ ରୂପା ରେ ସଜେଇ ହୋଇଛନ୍ତି । ମୋଟାମୋଟି ଦେଖିବାକୁ ଗଲେ ପ୍ରାୟ ଅନକେ ମଣ୍ଡପରେ ସୁନା, ରୂପାରେ ସଜେଇ ହୋଇଛନ୍ତି । ମାଙ୍କ ଦର୍ଶନ କରିବା ପଇଁ ଭକ୍ତମାନଙ୍କ ଆଗ୍ରହ ବୃଦ୍ଧି ପାଇଛି । ଗଜଲକ୍ଷ୍ମୀ ପୂଜା ଅବସରରେ କେନ୍ଦ୍ରାପଡା ପୌରପାଳିକା ତରଫରୁ ପରିମଳ ଉପରେ ଗୁରୁତ୍ୱ ଦେଇଅଛନ୍ତି।

ପ୍ରତି ମେଢ଼କୁ ମିଳିବ ୫୦ ହଜାର ଟଙ୍କା

କେନ୍ଦ୍ରାପଡ଼ା,୧୦।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଭାଇଚାରାର ଅନନ୍ୟ ନିଦର୍ଶନ` ଏଠାରେ ସବୁ ସଂପ୍ରଦାୟର ଲୋକମାନେ ପୂଜାରେ ନିଜକୁ ସାମିଲ କରିଥାନ୍ତି । କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପ୍ରତିମେଢ ପାଇଁ ୫୦ ହଜାର ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମତବ୍ୟକ୍ତ କରିଛନ୍ତି । ନୂଆବସଷ୍ଟାଣ୍ଡରେ ଥାନପତି ପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କହିଲେ କେନ୍ଦ୍ରାପଡ଼ାର ବିକାଶ ରଥ କେବେ ହେଲେ ଅଟକିବ ନାହିଁ । କେନ୍ଦ୍ରାପଡ଼ାକୁ ସବୁ କ୍ଷେତ୍ରରେ ବିକାଶ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଓ ଶିଳ୍ପ କ୍ଷେତ୍ରରେ ବିକାଶ ହେବ । ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ କହିଲେ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ବେଶ ସମ୍ବେଦନଶୀଳ ଅଛନ୍ତି। ତେଣୁ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସହରର ସମସ୍ତ ପୂଜା କମିଟିର ସଭାପତି, ସଂପାଦକମାନଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରେ ମୁରବୀହୀନ ଶାସନ

ନିଶ୍ଚିନ୍ତକୋଇଲି,୧୦।୧୦(ସଂଚାର ବ୍ୟୁରୋ): କିଛି ମାସ ହେବ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ମନମୁଖୀ ଶାସନ। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା କର୍ମଚାରୀମାନେ ସରକାରୀ ସମୟଜ୍ଞାନକୁ ଖୋଲାଖୋଲି ଭାବେ ବେଖାତିର କରି ନିଜ ମନ ମୁତାବକ ନିଜର ଘର କାର୍ଯ୍ୟ ସାରି ବାବୁମାନେ ସରକାରୀ କାର୍ଯ୍ୟରେ କେଉଁଦିନ ଦିନ ୧୧ଟା ଓ କେଉଁ ଦିନ ଦିବା ୧୨ଘଟିକାରେ ଯୋଗ ଦେଇଥାନ୍ତି। ଏପରିକି ଖୋଦ୍ ବିଇଓ ମଧ୍ୟ କେଉଁ ଦିନ କାର୍ଯ୍ୟାଳୟକୁ ଆସିନଥାନ୍ତି ତ କେଉଁ ଦିନ କାର୍ଯ୍ୟାଳୟକ ବହୁ ବିଳମ୍ବରେ ଆସିଥାନ୍ତି। ଫଳରେ ଶୈକ୍ଷିକ କାର୍ଯ୍ୟ ପାଇଁ ଆସୁଥିବା ବହୁ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ନିରାଶରେ ଫେରିଥାନ୍ତି।

ତେବେ ଏପରି ଅଭିଯୋଗ ଆସିବା ପରେ ଆମ ପ୍ରତିନିଧି ବିଇଓ ଅଫିସକୁ ଦିବା ୧୦ଟା ବେଳରୁ ଯାଇଁ ଅପେକ୍ଷା କରିଥିଲେ କିଛି କର୍ମଚାରୀ ଠିକ୍ ସମୟରେ ଆସିଥିଲେ କିନ୍ତୁ ଏହି ଅଫିସର ଡ଼ିଇଓ ଅମର କୁମାର ସାମଲ ଯିଏକି ଦିବା ୧୦.୪୫ ମିନିଟ୍‌ରେ ହିରୋ ଷ୍ଟାଇଲରେ ଆସି କାର୍ଯ୍ୟାଳୟକୁ

ପ୍ରବେଶ କରିଥିଲେ, ଆମ ପ୍ରତିନିଧି ଶ୍ରୀ ସାମଲଙ୍କୁ ତାଙ୍କ ନାମ ପଚାରିବାରୁ ସେ ନିଜ ନାମ ଭୁତ ବୋଲି କହିଥିଲା ବେଳେ ଅତ୍ୟନ୍ତ ଅଶାଳୀନ ଭାଷା ବ୍ୟବହାର କରିଥିଲେ। ଏପରିକି ଖୋଦ୍ ବିଇଓ ମଧ୍ୟ ଅପରାହ୍ନ ୨ଘଟିକା ପରେ କାର୍ଯ୍ୟାଳୟକୁ ଆସିଥିଲେ। ବହୁତ କର୍ମଚାରୀ ମଧ୍ୟ କାର୍ଯ୍ୟାଳୟକୁ ଆସିନଥିଲେ। ଶିକ୍ଷା ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଏହାପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

ଦୀନବନ୍ଧୁ ସାହୁଙ୍କ ଜୟନ୍ତୀ ସମାରୋହ



କେନ୍ଦ୍ରାପଡ଼ା,୧୦।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସଙ୍ଗିଳନୀ କକ୍ଷରେ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ୧୧୬ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ପୂର୍ବତନ ଓଡିଶା ଲୋକସେବା ଆୟୋଗର ଅଧକ୍ଷ ଡ. ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀନବନ୍ଧୁ ସାହୁ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ କ

‘ଅଣ୍ଡା ଉତ୍ପାଦନର ଶକ୍ତିକେନ୍ଦ୍ର ହେବ ଓଡ଼ିଶା’

■ ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଛି

■ ୨୦୨୯ ସୁଦ୍ଧା ୫୦୦ କୋଟି ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ଭରପୂର ପୋଷଣ ଥିବା ଖାଦ୍ୟ ହେଉଛି ଅଣ୍ଡା। ଏହା ଏକ ସମ୍ପୂର୍ଣ୍ଣ ଖାଦ୍ୟ। ସବୁଠାରୁ କମ ମୂଲ୍ୟରେ ମିଳୁଥିବା ଏହି ପ୍ରାଣୀଜ ଖାଦ୍ୟ ହେଉଛି ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟର ଆଧାର ଓ ଗ୍ରାମୀଣ ଅର୍ଥନୀତିର ଉତ୍ସ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ‘ବିଶ୍ୱ ଅଣ୍ଡା ଦିବସ’ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହା କହିଛନ୍ତି।

ଏବେ ଦୈନିକ ପ୍ରାୟ ୧ କୋଟି ୧୭ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି। ବାର୍ଷିକ ୩୭୨ କୋଟି ଅଣ୍ଡା ଉତ୍ପାଦନ ହେଉଥିବା ବେଳେ ୨୦୨୯ ସୁଦ୍ଧା ବାର୍ଷିକ ୫୦୦ କୋଟି ଅଣ୍ଡା ଉତ୍ପାଦନ ଲକ୍ଷ୍ୟ ରହିଛି। ଆମ ରାଜ୍ୟରେ ବାର୍ଷିକ ଅଣ୍ଡାର ମୁଣ୍ଡପିଛା ଉପଲବ୍ଧତା ୮୦ ଗୋଟି ଥିବା ବେଳେ ସୁସ୍ଥ ଶରୀର ପାଇଁ ବାର୍ଷିକ ୧୮୨ ଗୋଟି ଅଣ୍ଡାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ତେଣୁ ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲାରେ ଯୁବ ଉଦ୍ୟୋଗୀମାନେ ଆଗେଇ ଆସିବାକୁ ମନ୍ତ୍ରୀ ଆହ୍ୱାନ କରିଥିଲେ।

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଅଣ୍ଡା ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ କରାଇବାର ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ନିର୍ଦ୍ଦେଶକ ହାଡିବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁର୍ଗମ ଅଞ୍ଚଳ ଗମନାଗମନକୁ ସହଜ କରୁଛି ପିଏମ୍ ଜନମନ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ସଫଳତାର ସହିତ ଶେଷ କରିଛନ୍ତି। ରାଜ୍ୟର ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳରେ ଏହି ପ୍ରକଳ୍ପ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି। ରାୟଗଡା ଜିଲ୍ଲାର ତେଲଗୁଡୁଠାରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଦେବଗଡ଼ ଜିଲ୍ଲାର ପୂର୍ତ୍ତ ରାସ୍ତାଠାରୁ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଯୋଗୁଁ ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକଙ୍କୁ ନିରାପଦ ଏବଂ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି ଏବଂ ସେମାନଙ୍କ ଜୀବନଯାପନରେ ଉନ୍ନତି ଦେଖାଦେଇଛି।

ରାୟଗଡା ଜିଲ୍ଲାରେ, ୩୦ ମଇରେ ସମାପ୍ତ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁଁ ତେଲଗୁଡୁ ଗ୍ରାମଠାରୁ ୨.୫ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି। ଏହି ନୂତନ ରାସ୍ତା ଯୋଗୁଁ ବର୍ଷସାରା ଗ୍ରାମକୁ ଯାନବାହାନ ପହଞ୍ଚିପାରିବ। ଏହା ଦ୍ୱାରା ସେମାନଙ୍କର ଆୟରେ ନିଶ୍ଚିତ ଭାବେ ବୃଦ୍ଧି ଘଟିବ।

ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାଙ୍କୁ ଶ୍ରମିକ ଭାବରେ ମଧ୍ୟ ସାମିଲ କରାଯାଇଥିଲା। ଏହା ଦ୍ୱାରା ସେମାନେ ମଜୁରୀଭିତ୍ତିକ ଆୟରେ ସମର୍ଥ ହୋଇଥିଲେ ଏବଂ ଏହା ଗୋଷ୍ଠୀସଂପୃକ୍ତିକୁ ସୁଦୃଢ଼ କରିଥିଲା। ପ୍ରକଳ୍ପ ଅଧିନରେ ରାସ୍ତାକୁ ଦୀର୍ଘସ୍ଥାୟୀ ଏବଂ ସୁରକ୍ଷିତ ରଖିବା ପାଇଁ ବୃକ୍ଷରୋପଣ ଏବଂ ଉପଯୁକ୍ତ ଜଳ ନିଷ୍କାସନ ଭଳି ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକ ଅନ୍ତର୍ଗତ ସିଆରହୁଲିର ଦୂରବର୍ତ୍ତୀ ବସତିକୁ ସବୁଦିନିଆ ଯୋଗାଯୋଗ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି ରାସ୍ତା ଜନଜାତି ସମ୍ପ୍ରଦାୟ ପାଇଁ ଏକ ଜୀବନରେଖା ପାଲଟିଛି। ଏହା ଦ୍ୱାରା ସ୍କୁଲ, ଅଙ୍ଗନବାଡି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ ହୋଇପାରିଛି। ଏହି ପ୍ରକଳ୍ପଗୁଡ଼ିକର ସଫଳତା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଞ୍ଚଳର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ଏବଂ ତୃଣମୂଳସ୍ତରେ ଥିବା ଲୋକଙ୍କର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ କ୍ଷେତ୍ରସ୍ତରୀୟ ତଦାରଖ, ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଯୋଗୁଁ ଏହି ପ୍ରକଳ୍ପଗୁଡ଼ିକ ସମୟସୀମା ମଧ୍ୟରେ ଶେଷ ହୋଇପାରିଛି।

କଳିଙ୍ଗା ଘାଟି ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭଞ୍ଜନଗର ବିଧାୟକ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟିବା ପରଠାରୁ ଯାତାୟତ ସଂପୂର୍ଣ୍ଣ ବନ୍ଦ ରହିଛି। କେବେ ସ୍ଥିତିରେ ସୁଧାର ଆସିବ କେହି ମଧ୍ୟ ସ୍ପଷ୍ଟ କହି ପାରୁନଥିବା ବେଳେ କନ୍ଧମାଳ ଓ ଗଞ୍ଜାମ ସୀମାନ୍ତ କଳିଙ୍ଗା ଘାଟିର ଉଭୟ ପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଲାଣି। ତେଣୁ ଶୁକ୍ରବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏସଂକ୍ରାନ୍ତରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଭୂସ୍ଖଳନ ସ୍ଥାନରେ ମରାମତି କାର୍ଯ୍ୟ ଯଥା ସମ୍ଭବ ଶୀଘ୍ର ସାରିବା ସହ ଘାଟିର ଉଭୟ ପଟକୁ ସଂଯୋଗ କରିବା ନେଇ ଏକ ବିକଳ୍ପ ରାସ୍ତା ସମ୍ପର୍କରେ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏନେଇ ରାସ୍ତା କାମ କିଭଳି ଖୁବ ଶୀଘ୍ର ହେବ ଏବଂ ବିକଳ୍ପ ରାସ୍ତା ସମ୍ପର୍କରେ ମଧ୍ୟ ବିଚାରକୁ ନେଇଥିବା ଜଣାପଡିଛି। ଉଭୟ ଗଂଜାମ ଓ କନ୍ଧମାଳ ଜିଲ୍ଲାକୁ ସଂଯୋଗ କରିବାରେ ଏହି ଘାଟି ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ସଂପୂର୍ଣ୍ଣ କଳିଙ୍ଗା ଘାଟିର ମରାମତି ସହିତ ବିକଳ୍ପ ବାଇପାସ୍ ରାସ୍ତା କରିବା ଏବଂ ଜାତୀୟ ରାଜପଥ ବିଭାଗର ସ୍ୱତନ୍ତ୍ର ଏକ ଅଭିଜ୍ଞ ଦକ୍ଷ ବୈଷୟିକ ବିଶେଷଜ୍ଞ ଦଳକୁ କଳିଙ୍ଗା ଘାଟିର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଉଭୟ ଜିଲ୍ଲାର ସୀମାବର୍ତ୍ତି ଇଲକାର ଲୋକମାନେ ଗୁରୁବାର ଭଞ୍ଜନଗର ବିଧାୟକ ଶ୍ରୀ ନାୟକ ଏବଂ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ଦେଇଥିଲେ। ଆଜି ବିଧାୟକ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିବାରୁ ସେମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ବିଦ୍ୟୁତ ସେବାର ଉନ୍ନତି ପାଇଁ ଓଇଆରସି ଜନଶୁଣାଣି

୧୯୯ରୁ ୨୫ ଅଭିଯୋଗର ହେଲା ଶୁଣାଣି

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଓଡିଶାରେ ଟାଟା ବିତରଣ କମ୍ପାନୀଗୁଡ଼ିକ ପ୍ରଦାନ କରୁଥିବା ବିଦ୍ୟୁତ ସେବାରେ ଅସନ୍ତୋଷ ହୋଇ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ନିଜଆଡୁ ଗୋଟେ ମାମଲା ପଞ୍ଜୀକୃତ କରିଥିଲେ। ଜନଶୁଣାଣି ମାଧ୍ୟମରେ ତାହାକୁ ଫଇସଲା କରିବା ନିଷ୍ପତ୍ତି ଓଡିଶା ବିଦ୍ୟୁତସେବା ଇତିହାସରେ ପ୍ରଥମ। ଓଇଆରସିଙ୍କ ପୂର୍ବ ନିଷ୍ପତ୍ତି ଅନୁଯାଇ ଆଜି ଓଇଆରସି କାର୍ଯ୍ୟାଳୟ ଶୈଳଶ୍ରୀ ବିହାର ଭୁବନେଶ୍ୱରରେ ଜନଶୁଣାଣି ଅନୁଷ୍ଠିତ ହେଲା। ସାଧାରଣ ଉପଭୋକ୍ତାଙ୍କ ଠାରୁ ଆରମ୍ଭ କରି ଓକିଲ, ବୁଦ୍ଧିଜୀବୀ, ବିଶେଷଜ୍ଞ, ସମୀକ୍ଷକ, ଓଇଆରସିର ପୂର୍ବତନ ସଭ୍ୟ ଏବଂ ଗ୍ରୀଡ୍କୋ, ସେସୁ ଓ ଏନଟିପିସିର ପୂର୍ବତନ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀଙ୍କୁ ମିଶାଇ ସମୁଦାୟ ୧୯୯ ଜନ ଆପତ୍ତି କର୍ତ୍ତାଙ୍କ ତାଲିକା ବାହାରିଥିଲା। ବିପରୀତ ପକ୍ଷ ଭାବେ ଟାଟା ଆବଣ୍ଟନ କମ୍ପାନୀଗୁଡିକର ଓଡିଶା ମୁଖ୍ୟ ଓ ମୁଖ୍ୟ କାର୍ଯ୍ୟନିବାହୀ ଅଧିକାରୀମାନେ ଭାଗ ନେଇଥିଲେ। ବିଦ୍ୟୁତ ବିଶେଷଜ୍ଞ ବିଭୁ ସ୍ୱାଇଁ, ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥି, ପୂର୍ବତନ ବିଦ୍ୟୁତ ନିରୀକ୍ଷକ ଅକ୍ଷୟ ସାହାଣି ସହିତ ସମୁଦାୟ ୨୫ ଜନ ଆପତ୍ତି କର୍ତ୍ତାଙ୍କ ଠାରୁ ମତାମତ ଗ୍ରହଣ କରିଥିଲେ। ମତାମତ ଦେଇପାରି ନଥିବା ଅବଶିଷ୍ଟ ୧୭୪ ଅପତ୍ତି କର୍ତ୍ତାଙ୍କ ମତାମତ ଶୁଣିବା ପାଇଁ ଆୟୋଗ ଆଉ ଏକ ତାରିଖ ଧାର୍ଯ୍ୟ କରିବେ ବୋଲି କହିଲେ।

ଓସିପିଏଲ୍ ମିଶ୍ରଣ ନିଷ୍ପତ୍ତି ରାଜ୍ୟସ୍ୱାର୍ଥ ପରିପନ୍ଥୀ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ଗତ ୮ ତାରିଖରେ ଏକ ନୋଟସିଟ୍ ପ୍ରେରଣ କରି କହିଛନ୍ତି ଯେ, ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ପାଇଁ ସଦ୍ୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେଣୁ ଶକ୍ତି ବିଭାଗ ଓସିପିଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟା ଜାରି ରଖିଛି ତାହାକୁ ବାତିଲ କରନ୍ତୁ। ପୂର୍ବରୁ ଗତ ଅଗଷ୍ଟ ମାସରେ ଓପିଜିସି ବୋର୍ଡ ମିଟିଂରେ ଏହାର ସହଯୋଗୀ ସଂସ୍ଥା ଓସିପିଏଲକୁ ଏହା ସହିତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ କହିବା କଥା ଯେଉଁ ଉଦ୍ଦେଶ୍ୟରେ ଓପିଜିସି ବୋର୍ଡରେ ମିଶ୍ରଣ ପ୍ରସ୍ତାବ ଅନୁମୋଦନ ହୋଇଥିଲା ତାହା ଇତିମଧ୍ୟରେ ସମାଧାନ ହୋଇଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଜିଏସଟି ପରିଷଦ ମିଟିଂର ନିଷ୍ପତ୍ତି ଅନୁଯାଇ କୋଇଲା ଉତ୍ପାଦନ ଉପରେ ଜିଏସଟି କ୍ଷତିପୂରଣ ସେସ ଟନ ପିଛା ୪୦୦ ଟଙ୍କା ଆଉ ଲାଗୁ କରାଯିବ ନାହିଁ। ତଦନୁଯାଇ କେନ୍ଦ୍ର ଜିଏସଟି ପରିଷଦ ଜିଏସଟି କ୍ଷତିପୂରଣ ଶେଷକୁ ରଦ୍ଦ କରିଦେଇଛନ୍ତି। ତେବେ ଆଗରୁ କୋଇଲା ଉପରେ ଲାଗୁ ହେଉଥିବା ୫% ଜିଏସଟିକୁ ବୃଦ୍ଧିକରି ୧୮% କରାଯାଇଛି। ତେଣୁ ଓସିପିଏଲ ଏବେ ଓପିଜିସିରେ ମିଶ୍ରଣ ନହେଲେ ବି ଜିଏସଟି କ୍ଷତିପୂରଣ ସେସ ୪୦୦ ଟଙ୍କା ଦେବାକୁ ପଡିବ ନାହିଁ। ଦ୍ୱିତୀୟରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡ଼ିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ଓସିପିଏଲକୁ ପୂର୍ବରୁ ଆବଣ୍ଟନ ହୋଇଥିବା ମନୋହରପୁର କୋଇଲାଖଣି ସମ୍ପୂର୍ଣ୍ଣ ରୂପେ ଓପିଜିସି ବିଦ୍ୟୁତ ଉତ୍ପାଦନ ପାଇଁ ସମର୍ପିତ। ଇତିମଧ୍ୟରେ ଓସିପିଏଲ ମନୋହରପୁର କୋଇଲା ଖଣିରୁ ଗତ ୬ ବର୍ଷଧରି କୋଇଲା ଉତ୍ପାଦନ କରି ଏହି ବିଭାଗରେ ଆବଶ୍ୟକୀୟ ଦକ୍ଷତା ଓ ଅଭିଜ୍ଞତା ହାସଲ କରିଛି। ତେଣୁ ଓସିପିଏଲ ନିଲାମ ପ୍ରକ୍ରିୟାରେ ମିଳିଥିବା ଟାଙ୍ଗରଡ଼ିହି କୋଇଲାଖଣିକୁ ଉତ୍ତମ ପରିଚାଳନା କରିବା ପାଇଁ ସକ୍ଷମ। ଏପରି ସମୟରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ରାଜ୍ୟର ପ୍ରବଳ ବ୍ୟବସାୟିକ ଓ ଅର୍ଥନୈତିକ କ୍ଷତି ହେବ ବୋଲି ଶ୍ରୀ ମହାପାତ୍ର ହିସାବ କରି କହିଛନ୍ତି। କେବଳ ମନୋହରପୁର କୋଇଲାଖଣି ଯାହା ଓପିଜିସିକୁ ପୂର୍ଣ୍ଣ ସମର୍ପିତ ତାହାକୁ ଓପିଜିସି ନିଜ ନିୟନ୍ତ୍ରଣକୁ ନେଇପାରିବ ଏବଂ ଓସିପିଏଲରେ ଓପିଜିସିର ଥିବା ୫୧% ଅଂଶଧନକୁ ରାଜ୍ୟ ସରକାରଙ୍କୁ ଅର୍ପଣ କରିବ। ଏପରି ହେଲେ ଓସିପିଏଲ ରାଜ୍ୟ ସରକାରଙ୍କ ସଂସ୍ଥା ହୋଇଯିବ। କିନ୍ତୁ ସରକାର ନେଇଥିବା ଏକପାଖିଆ ମିଶ୍ରଣ ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ବିରୋଧୀ ଅଟେ।

ବିଡିଏରେ ସିଇଏମ୍‌ସି ବୈଠକ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ବିଡ଼ିଏ ଉପାଧ୍ୟକ୍ଷ ତଥା ସେଣ୍ଟ୍ରାଲ୍ ଏନ୍‌ଫୋର୍ସମୋଣ୍ଟ ମନିଟରିଂ କମିଟିର ଅଧ୍ୟକ୍ଷ ଡ଼. ତୀରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ସନ୍ନିଳନୀ କକ୍ଷରେ ସେଣ୍ଟ୍ରାଲ୍ ଏନ୍‌ଫୋର୍ସମୋଣ୍ଟ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିଇଏମ୍‌ସିର ସମସ୍ତ ଅଂଶୀଦାରୀ ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବିଭାଗ, ଇଓକୋ, ରେଳବାୟୀ, ଆର୍‌ଆଣ୍ଡବି, ବିଏମ୍‌ସି, ଓୟୁଏଟି ଇତ୍ୟାଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସରକାରୀ ଜମି ଜବରଦଖଲ ଏବଂ ଉଚ୍ଛେଦ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହାପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସିଇଏମ୍‌ସିର ଆବାହକ ତଥା ବିଡିଏର ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ଆୟୁକ୍ତ ରଞ୍ଜନ କୁମାର ଜେନା ସିଇଏମ୍‌ସି ଦ୍ୱାରା କରାଯାଇଥିବା ବିଭିନ୍ନ ଉଚ୍ଛେଦ ସମ୍ପର୍କରେ ବିବରଣି ପ୍ରଦାନ କରିଥିଲେ। ଉକ୍ତ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଓ କାର୍ଯ୍ୟକାରୀ ନ ହୋଇଥିବା ଉଚ୍ଛେଦ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା ହୋଇଥିଲା। ଉଚ୍ଛେଦ କାର୍ଯ୍ୟ ପାଇଁ ନିୟମିତ ଭାବେ ପୁଲିସ ବଳ ଯୋଗାଇ ଦୋବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସିଇଏମ୍‌ସି ଦ୍ୱାରା ମୋଟ୍ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ଯାହାଫଳରେ ୨୫.୩୪ ଡେସିମଲ ସକାରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଥିଲା। ପୁଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇ ପାରି ନଥିଲା। ସେହିପରି ବୁଇସ୍ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୨୫ଟି ସ୍ଥାନରେ ଉଚ୍ଛେଦ କରାଯାଇ ୫ଏକର ୩୨୫ ଡେସିମଲ୍ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିଲା କରାଯାଇଥିଲା। ୨୦ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇ ପାରି ନଥିଲା। ଉକ୍ତ ବୈଠକରେ ବିଡିଏ ସଚିବ ମାନସ ରଞ୍ଜନ ପାଢୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

କଫ ସିରପ୍ ବ୍ୟବହାରକୁ ନିୟନ୍ତ୍ରଣ ଲାଗି ପରାମର୍ଶ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ୫ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ନିରାପତ୍ତା ଓ ଆରୋଗ୍ୟ ନିମନ୍ତେ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ, ସୁଚିନ୍ତିତ ଓ ଯୌକ୍ତିକ କରିବା ପାଇଁ ସରକାର ଉପଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କୁ ଚଳିତ ମାସରେ ଏକ ପରାମର୍ଶମୂଳକ ଚିଠି ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେ ଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ, ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ଏହି ସବୁ ଔଷଧ ମଧ୍ୟ ୫ ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସମ୍ପାଦକୀୟ

ଗାଜା ଆକ୍ରମଣ: ଶାନ୍ତିର ଆହ୍ୱାନ ଓ ମାନବୀୟ ସଙ୍କଟ

ଆଜିର ତାରିଖ ଅକ୍ଟୋବର ୧୦, ୨୦୨୫। ଗାଜାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି — ଯୁଦ୍ଧବିରତିର ପ୍ରଥମ ପର୍ଯ୍ୟାୟ। ଇସ୍ରାଏଲର ସେନା ଗାଜାର କିଛି ଅଞ୍ଚଳରୁ ପ୍ରତ୍ୟାହାର ହୋଇଛି, ଏବଂ ହମାସ୍ ସହିତ ରୁକ୍ତି ଅନୁଯାୟୀ ବନ୍ଦୀମାନଙ୍କର ମୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏହି ଯୁଦ୍ଧବିରତି ପୂର୍ବରୁ ଗାଜାରେ ହୋଇଥିବା ଆକ୍ରମଣମାନ ଏକ ଭୟଙ୍କର ମାନବୀୟ ସଙ୍କଟ ସୃଷ୍ଟି କରିଛି, ଯାହା ବିଶ୍ୱକୁ ଚିନ୍ତାରେ ପକାଇଛି। ଦୁଇ ବର୍ଷ ପୂର୍ବେ, ଅକ୍ଟୋବର ୭, ୨୦୨୩ରେ ହମାସ୍ ନେତୃତ୍ୱରେ ପାଲେଷ୍ଟାଇନ୍ ମିଲିଟାଣ୍ଟମାନେ ଇସ୍ରାଏଲ ଉପରେ ଏକ ଆଶ୍ଚର୍ଯ୍ୟଜନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧, ୧୯୫ ଇସ୍ରାଏଲୀ ଏବଂ ବିଦେଶୀ ନାଗରିକମାନେ ପ୍ରାଣ ହରାଇଥିଲେ, ଏବଂ ଶତାଧିକ ବନ୍ଦୀ ହୋଇଥିଲେ। ଏହା ଇସ୍ରାଏଲର ଇତିହାସରେ ସବୁଠାରୁ ମରଣାନ୍ତକ ଆତଙ୍କବାଦୀ ଆକ୍ରମଣ ଥିଲା। ଏହି ଘଟଣା ପରେ ଇସ୍ରାଏଲ ଗାଜାରେ ବ୍ୟାପକ ସାମରିକ ଅଭିଯାନ ଆରମ୍ଭ କରିଥିଲା, ଯାହା ଦୁଇ ବର୍ଷ ଧରି ଚାଲିଥିଲା ଏବଂ ହଜାର ହଜାର ପାଲେଷ୍ଟାଇନୀୟନଙ୍କର ଜୀବନ ନେଇଥିଲା।

୨୦୨୫ରେ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଇସ୍ରାଏଲର ଆକ୍ରମଣମାନ ଗାଜାରେ ବିନାଶ ସୃଷ୍ଟି କରିଥିଲା। ଏପ୍ରିଲ୍ରେ ଗାଜା ସିଟିରେ ଏକ ସ୍କୁଲ୍-ଟର୍ନଡ୍-ଶେଲ୍ଟର ଉପରେ ଆକ୍ରମଣରେ ଡଜନ୍ ଡଜନ୍ ଲୋକ ମୃତ୍ୟୁବରଣ କରିଥିଲେ। ସେପ୍ଟେମ୍ବରରେ କେନ୍ଦ୍ରୀୟ ଗାଜାରେ ଏକ ଘର ଉପରେ ଆକ୍ରମଣରେ ୧୧ ଜଣ ମୃତ୍ୟୁବରଣ କରିଥିଲେ, ଏବଂ ଗାଜା ସିଟିରେ ନିରନ୍ତର ବୋମାବର୍ଷଣ ଚାଲିଥିଲା।ଏପ୍ରିଲ୍ ୨୧ରେ ଟେଣ୍ଟ୍ କ୍ୟାମ୍ପ୍ ଉପରେ ଆକ୍ରମଣରେ ଅନେକ ନିରୀହ ନାଗରିକ ମୃତ୍ୟୁବରଣ କରିଥିଲେ। ରାଷ୍ଟ୍ରସଂଘର ଏକ କମିଶନ୍ ରିପୋର୍ଟରେ କୁହାଯାଇଛି ଯେ ଇସ୍ରାଏଲ ଗାଜାରେ ନରସଂହାର କରିଛି।

ଅନ୍ୟପକ୍ଷରେ, ହମାସ୍ର ଅକ୍ଟୋବର ୭ ଆକ୍ରମଣକୁ ଏକ ନରସଂହାର ଭାବରେ ବର୍ଣ୍ଣନା କରାଯାଇଛି, ଯାହା ଇସ୍ରାଏଲର ସ୍ୱରକ୍ଷା ଅଧିକାରକୁ ବୈଧ କରିଥାଏ। ଏହି ଆକ୍ରମଣ ପରେ ଇସ୍ରାଏଲର ଅଭିଯାନ ହମାସ୍କୁ ନିର୍ମୂଳ କରିବାକୁ ଲକ୍ଷ୍ୟ ରଖିଥିଲା, କିନ୍ତୁ ଏହା ବ୍ୟାପକ ନାଗରିକ ହତ୍ୟାକୁ ନେଇଛି। ଦୁଇ ବର୍ଷରେ ଗାଜାରେ ହଜାର ହଜାର ଲୋକ ମରିଛନ୍ତି, ଅନେକ ବିସ୍ଥାପିତ ହୋଇଛନ୍ତି, ଏବଂ ଅବକାଠାମୋ ଧ୍ୱଂସ ହୋଇଛି।

ଭାରତର ଦୃଷ୍ଟିକୋଣରୁ, ଏହି ସଂଘର୍ଷରେ ଏକ ନିରପେକ୍ଷ ଭୂମିକା ଗ୍ରହଣ କରିଛି। ଭାରତ ପାଲେଷ୍ଟାଇନର ସମର୍ଥନ କରିଛି, ୧୯୭୪ରେ ପ୍ରଥମ ଅଣ-ଆରବ ଦେଶ ଭାବରେ ପିଏଲ୍ଓକୁ ମାନ୍ୟତା ଦେଇଛି, ଏବଂ ୧୯୮୮ରେ ପାଲେଷ୍ଟାଇନ୍ ରାଷ୍ଟ୍ରକୁ ମାନ୍ୟତା ଦେଇଛି। କିନ୍ତୁ ଇସ୍ରାଏଲ ସହିତ ମଜବୁତ ସମ୍ପର୍କ ରହିଛି, ବିଶେଷକରି ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟାରେ। ଭାରତ ଦୁଇ-ରାଷ୍ଟ୍ର ସମାଧାନର ସମର୍ଥନ କରୁଛି, ଯେଉଁଥିରେ ପାଲେଷ୍ଟାଇନୀୟନମାନେ ସ୍ୱାଧୀନ ରାଷ୍ଟ୍ରରେ ସୁରକ୍ଷିତ ସୀମାରେ ବାସ କରିବେ। ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ସଂସଦରେ ଏହି ଦୃଷ୍ଟିକୋଣକୁ ସ୍ପଷ୍ଟ କରିଛନ୍ତି।

ଏହି ସଂଘର୍ଷ କେବଳ ମଧ୍ୟପ୍ରାଚ୍ୟର ନୁହେଁ, ବରଂ ବିଶ୍ୱର ଶାନ୍ତି ଓ ସ୍ଥିରତାର ପ୍ରଶ୍ନ। ନିରୀହ ନାଗରିକମାନଙ୍କର ହତ୍ୟା, ବିଶେଷକରି ଶିଶୁ ଓ ମହିଳାମାନଙ୍କର, ନିନ୍ଦନୀୟ। ହମାସ୍ର ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ଇସ୍ରାଏଲର ଅନୁପାତହୀନ ପ୍ରତିକ୍ରିୟା ଉଭୟ ସମସ୍ୟାର ମୂଳ। ଯୁଦ୍ଧବିରତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏହା ସ୍ଥାୟୀ ଶାନ୍ତିର ପଥ ପ୍ରଶସ୍ତ କରିବା ଆବଶ୍ୟକ।

ଭାରତ ଭଳି ଦେଶମାନେ କୂଟନୈତିକ ପ୍ରୟାସରେ ଅଧିକ ଭୂମିକା ନେବା ଉଚିତ୍। ଗାଜାର ପୁନର୍ନିର୍ମାଣ, ମାନବୀୟ ସାହାଯ୍ୟ ଏବଂ ଦୁଇ-ରାଷ୍ଟ୍ର ସମାଧାନର ପ୍ରଚାର ଆବଶ୍ୟକ। ଏହି ସଙ୍କଟରୁ ଶିକ୍ଷା ନେଇ ବିଶ୍ୱ ସମୁଦାୟ ସହଯୋଗର ହାତ ବଢ଼ାଇବା ଉଚିତ୍। ଶାନ୍ତି ହିଁ ଏକମାତ୍ର ବିକଳ୍ପ।

କାର୍ଯ୍ୟାଳୟରେ କଦର୍ଯ୍ୟାଳୟ ପରିସ୍ଥିତି

ଦିପ୍ତିମୟୀ ନାୟକ

ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ ଜଣେ ନମୁନା ଥାଆନ୍ତି। ଯେଉଁ ନମୁନା ମାନଙ୍କ ପାଇଁ କାର୍ଯ୍ୟାଳୟରେ କଦର୍ଯ୍ୟାଳୟ ପରିସ୍ଥିତି ସୃଷ୍ଟି ହୋଇଥାଏ। ସମସ୍ତଙ୍କର ଚିନ୍ତା, କର୍ମ, ଭାବନା ସମାନ ନଥାଏ। ସମସ୍ତେ ନିଜ ନିଜ ଚିନ୍ତା, କର୍ମ, ଭାବନାରେ କାର୍ଯ୍ୟ କରିବାକୁ ଚାହିଁଥାଆନ୍ତି। ଦୁଃଖର ବିଷୟରେ କାର୍ଯ୍ୟାଳୟରେ ଏମିତି କିଛି ଲୋକ ଥାଆନ୍ତି ଯାହାଙ୍କ ପାଇଁ କାର୍ଯ୍ୟାଳୟଟା କଦର୍ଯ୍ୟାଳୟ ଭଳି ଲାଗୁଥାଏ। ନା ସେଠି ଶାନ୍ତି ଥାଏ ନା କୌଣସି କାମରେ ମନ ଲାଗୁଥାଏ। ଯେହେତୁ ସେଟା କାର୍ଯ୍ୟାଳୟ ହୋଇଥାଏ ତେଣୁ ମନମୁଖୀ ରାଜନୀତି କରୁଥିବା ଲୋକଙ୍କ କଥାରେ ଘୋଡ଼ାକୁ ଗଧ ଆଉ ଗଧକୁ ଘୋଡା ବୋଲି କହିବାକୁ ପଡିଥାଏ। ଯଦି ଏମାନଙ୍କ କଥାରେ ଗଧକୁ ଘୋଡା। ଘୋଡ଼ାକୁ ଗଧ କହିଦେଲ ତେବେ ଏମାନଙ୍କ ଆଖିରେ ଆପଣମାନେ ସବୁବେଳ ପାଇଁ ଭଲ ହୋଇରହିବେ ନଚେତ ଆପଣ ଏ ଦୁନିଆର ସବୁଠାରୁ ଖରାପ ମଣିଷ କିମ୍ବା ମୂର୍ଖ ମଣିଷ ହୋଇଯିବେ। ଗୋଟେ ସଚୋଟ କର୍ମଚାରୀ କେବେବି ଚାହିଁବନି ତା କାର୍ଯ୍ୟାଳୟ କଦର୍ଯ୍ୟାଳୟରେ ପରିଣତ ହେଉ କିନ୍ତୁ ଯାହାର କାମ ଉପରେ ଧ୍ୟାନ ନରହି ଅନ୍ୟ ମାନଙ୍କ କାମରେ ଧ୍ୟାନ ରହିଥିବ ସେଠି ନିଶ୍ଚିନ୍ତ ଭାବରେ କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ଲାଗିବ।

ଦିନକର କଥା ଥରେ ସୋମନାଥ ତା କାର୍ଯ୍ୟାଳୟରେ ନୂଆକରି ଯୋଗ ଦେଇଥାଏ। ମନରେ ଉତ୍କଣ୍ଠା ରଖିଥାଏ ଭଲରେ କାମ କରିବ। ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ରଖିବ। ହେଲେ କଣ ହେବ ଯେହେତୁ ସେ ନୂଆ କର୍ମଚାରୀ ଭାବରେ ସେଠାରେ ଯୋଗଦେଇଥାଏ। ତାକୁ ଜଣେ ଦୁଇଜଣ ବହୁତ ହଇରାଣ କରନ୍ତି। ନିଜ କାମକୁ ନିର୍ଭୁଲ ଭାବରେ ତୁଲାଇବା ତା ପାଇଁ ଏତେ ଯେ କଠିନ ହୋଇଯିବ ସେ କେବେ ଭାବି ହିଁ ନଥିଲା। ବାସ ସେ ଚାହିଁଥିଲା ଭଲରେ କାମ କରିବ କିନ୍ତୁ ତା କାର୍ଯ୍ୟାଳୟରେ ଥିବା ସେହି ଜଣେ ଦୁଇଜଣ କର୍ମଚାରୀ ତାକୁ ଏତେ ହଇରାଣ କଲେ ଶେଷରେ ସେ ବିରକ୍ତ ହୋଇ ତାର କିଛି ସହଯୋଗୀଙ୍କୁ କହିବାକୁ ଲାଗିଲା କି କାର୍ଯ୍ୟାଳୟରେ ଯୋଗଦେଲି ଯେ ମୋତେ କଦର୍ଯ୍ୟାଳୟ ପରି ଲାଗୁଛି। ସେଇଠୁ ତାର ଜଣେ ସହଯୋଗୀ କହିଲେ କୌଣସି କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ହୋଇନଥାଏ କିନ୍ତୁ କିଛି କର୍ମଚାରୀଙ୍କ ପାଇଁ କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ହୋଇଯାଇଥାଏ। ସେଇଠୁ ସୋମନାଥ କହିଲା ତାହାଲେ ଏମାନଙ୍କ କବଳରୁ କିପରି ନିଜକୁ ରକ୍ଷା କରିହେବ। ତାର ସହଯୋଗୀ କହିଲେ ଯିଏ ଯାହା କହିବ ସରି କହିବୁ। ତାପରେ ତୁ ଯଦି କୌଣସି ବିଷୟରେ ଜାଣୁ ତଥାପି ତୁ ନଜାଣିଲା ଭଳି ରହିବୁ।ପ୍ରତ୍ୟେକ କଥାରେ ଆଜ୍ଞା ଆପଣ ମୋତେ ଏ ବିଷୟରେ ଟିକେ ବୁଝେଇ ଦିଅନ୍ତୁ। ମୁଁ ଜାଣିପାରୁନି ଯଦି କହିବୁ। ତେବେ ତୁ ତୋ କାର୍ଯ୍ୟାଳୟରେ ବେଶି ଦିନ ତିଷ୍ଠି ରହିପାରିବୁ। ନତେତ ତୁ ଏଇଠୁ ବିଦାୟ ନେଇ ଆଉ କେଉଁ କାର୍ଯ୍ୟାଳୟରେ ଯୋଗଦେବୁ।ସେଇଠୁ ସୋମନାଥ ହସିବାକୁ ଲାଗିଲା। ଆଉ କହିଲା ବାପରେ ଏଠି ଏମିତିବି ହୁଏ କି। ତାର ସହଯୋଗୀ କହିଲେ କେବଳ ଏଠି ନୁହେଁ ସବୁଠି ଏମିତି ହୁଏ। ବାସ ସହିବା ଶକ୍ତି ଟିକେ ରଖିଥା। ଯଦି ତୋତେ ଅଧିକ ଖରାପ ଲାଗେ ତେବେ ତୁ ତୋର ଆଉ କେଉଁ କାର୍ଯ୍ୟାଳୟ ଦେଖିବୁ କିନ୍ତୁ ମନେ ରଖିଥା ସବୁ କାର୍ଯ୍ୟାଳୟ ଭଲଥାଏ। ଆଉ ସେହି ଭଲ କାର୍ଯ୍ୟାଳୟ ଗୁଡିକରେ କିଛି କଦର୍ଯ୍ୟ ଲୋକ ଥାଆନ୍ତି। ଯେଉଁମାନେ କାର୍ଯ୍ୟାଳୟକୁ କଦର୍ଯ୍ୟାଳୟର ଆଖ୍ୟା ଦେଇଦେଇଥାନ୍ତି। ଯାହାଙ୍କ ପାଇଁ ଲୋକ ବଦଳନ୍ତି କିନ୍ତୁ କାର୍ଯ୍ୟାଳୟ ଥାଏ। ସୋମନାଥ ତା ସହଯୋଗୀ ମାନଙ୍କ ଠାରୁ ଏତକ କଥା ଶୁଣି ଭାବିଲା ଏମାନେ ଠିକ କହୁଛନ୍ତି ଆଗରୁ ମୁଁ ଯେଉଁ କାର୍ଯ୍ୟାଳୟ ଗୁଡିକରେ କାମ କରିଥିଲି ସେଠିବି ଏମିତି ହୁଏ।କେତେ କାର୍ଯ୍ୟାଳୟ ପରିବର୍ତ୍ତନ କରିବି ଜାଣିକି ଏଇଠି କିଛି ଦିନ ତିଷ୍ଠି ଯିବି। ହେଲେ ସମୟ ଆଉ ପରିସ୍ଥିତି ସୋମବାର ସାଥ ଦେଲାନି। ଶେଷରେ ସୋମନାଥ ସେଠାରୁ ବିଦାୟ ନେଲା। ଆଉ କହିଲା ଘୋଡ଼ାକୁ ଗଧ ଆଉ ଗଧକୁ ଘୋଡା କହିବା ଅଭ୍ୟାସ ମୋର ନାହିଁ ତେଣୁ ଆଗକୁ ମୁଁ ଯେଉଁଠିକି ଯିବି ସେଠି ଯେମିତି ମଣିଷର ଭାବନାକୁ ବୁଝିବା ସହ ତାର ଜ୍ଞାନକୁ ଯଥେଷ୍ଟ ସମ୍ମାନ ମିଳୁଥିବ। କିଛିଦିନ ଗଲା ସୋମନାଥ କୌଣସି ଏକ କାର୍ଯ୍ୟାଳୟରେ ଯୋଗଦେଲା। ସବୁଠି ସେ ଦେଖିଥିଲା ମାଲିକ ପରବୋଲକରା କିନ୍ତୁ ଏହି କାର୍ଯ୍ୟାଳୟରେ ମାଲିକ ନିଜ ବୋଲ ମାନନ୍ତି। ଲୋକଙ୍କ ମୁହଁ ଦେଖି ସେମାନଙ୍କ ଆତ୍ମାର କଥା ପଢି ଦିଅନ୍ତି। ଯଦି କେହି କାହାକୁ ମୂର୍ଖ ସଜେଇବା ପାଇଁ କିଛି ମିଛ ଅଭିଯୋଗ କରେ ତେବେ ମାଲିକ ସେହି କଥାର କେତେ ସତ୍ୟତା ଥାଏ ତାକୁ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତି। ସତ କହିବାକୁ ଗଲେ ଯିଏ ଛୋଟରୁ ବଡ଼ ହୋଇଥାଏ ସେ ହିଁ ଜାଣିଥାଏ ତା ସଂଘର୍ଷର କାହାଣୀ କେତେ ଲମ୍ବା। ସେଥିପାଇଁ ଅନ୍ୟମାନେ ଯେଉଁ ସଂଘର୍ଷ କରନ୍ତି ତାଙ୍କ ମୁହଁ ଦେଖି ମାଲିକ ଆତ୍ମାକୁ ଶାନ୍ତି ଦେଲାଭଳି କଥା କହିଥାଆନ୍ତି। ଯାହାଫଳରେ ସୋମନାଥକୁ ମଧ୍ୟ ଏହି କାର୍ଯ୍ୟାଳୟଟି କଦର୍ଯ୍ୟାଳୟ ପରି ଲାଗିଲାନି ବରଂ ସୋମନାଥକୁ ଏହି ନୂଆ କାର୍ଯ୍ୟାଳୟ ଦେବାଳୟ ପରି ଲାଗିଲା। ଦେବାଳୟ ପରି ଲାଗିବନି କାହିଁକି ଯେଉଁଠି ସବୁ କର୍ମଚାରୀ ଭଲ ଥିବେ ସେଠି ନିଶ୍ଚିନ୍ତ ଭାବରେ କାର୍ଯ୍ୟାଳୟ ବି ଦେବାଳୟ ପରି ଲାଗିବ।

ତେଣୁ ଆପଣ ଯଦି ଆପଣଙ୍କ କାର୍ଯ୍ୟାଳୟକୁ କଦର୍ଯ୍ୟାଳୟ ବୋଲି ଭାବୁଛନ୍ତି ତେବେ ଅପେକ୍ଷା କରନ୍ତୁ ଆପଣଙ୍କୁ ମଧ୍ୟ ଭଲ କାର୍ଯ୍ୟାଳୟ ମିଳିବା ସହ ଆପଣଙ୍କୁ ଯଥେଷ୍ଟ ସମ୍ମାନ ମିଳିବ।

ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୧୦୬୬୧୫୮୬

ବାଜି, ଜେପି, ମନମୋହନ ଓ ଅକ୍ଟୋବର ୧୧

ପ୍ରହଲାଦ କୁମାର ସିଂହ

'ନୁହେଁ ବନ୍ଧୁ, ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା।'

ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ସମେତ ୬ଜଣଙ୍କ ଜୁଇ କଟକ ଖାନନଗର ଶ୍ମଶାନରେ ଜଳୁଥିବା ବେଳେ ରାତିର ଅନ୍ଧାର ଭିତରେ ଜୁଇ ଆଲୁଅରେ ଏହି ମର୍ମସ୍ପର୍ଶୀ କବିତା ଲେଖିଥିଲେ କାଳଜୟୀ କବି ସଚ୍ଚି ରାଉତରା। ବାଜି ରାଉତ କୌଣସି ଧନୀ ପରିବାରର ସନ୍ତାନ ନଥିଲେ। ଶୈଶବରେ ତାଙ୍କ ବାପା ମରିଯିବା ପରେ ମା' ଅନ୍ୟ ଘରେ ପାଇଟି କରି ଯେଉଁ ପାରିଶ୍ରମିକ ପାଉଥିଲେ ସେଥିରେ ପରିବାର ଚଳୁଥିଲା। ଉତ୍କଟ ଦାରିଦ୍ର୍ୟରେ ଷଡୁଥିବା ଏଭଳି ଏକ ପରିବାରରେ ଜନ୍ମ ହୋଇଥିବା ବାଜି ରାଉତ ପୋଲିସ ଗୁଳିରେ ସହିଦ ହୋଇଥିଲେ ୧୯୩୮ ଅକ୍ଟୋବର ୧୧ ତାରିଖରେ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁରସ୍ଥିତ ବ୍ରାହ୍ମଣୀ ନଦୀଘାଟରେ। ସେତେବେଳକୁ ତାଙ୍କ ବୟସ ଥିଲା ମାତ୍ର ୧୨ ବର୍ଷ।

ଢେଙ୍କାନାଳର ରାଜ ଅତ୍ୟାଚାର ସବୁ ସୀମା ସରହଦ ଟପିବା ପରେ ଲୋକେ ପ୍ରଜାମଣ୍ଡଳ ଗଢ଼ି ରାଜଶକ୍ତି ବିରୋଧରେ ଆରମ୍ଭ କରିଥିଲେ ଆନ୍ଦୋଳନ। ଏହି ଆନ୍ଦୋଳନକୁ ଦବାଇବା ପାଇଁ ଢେଙ୍କାନାଳ ରାଜାଙ୍କୁ ସହଯୋଗ କରୁଥିଲେ ବଲାଙ୍ଗୀର, କଳାହାଣ୍ଡି, ଷଢେଇକଳା, କେନ୍ଦୁଝର ଆଦିର ରାଜାମାନେ। ସେମାନେ ଢେଙ୍କାନାଳକୁ ନିଜ ନିଜର ସୈନ୍ୟ ସାମନ୍ତ ପଠାଇଥିଲେ। ଏହାଛଡା କଲିକତାରୁ ବ୍ରିଟିଶ ସରକାରଙ୍କ ସଶସ୍ତ୍ର ଫୌଜ ବି ଢେଙ୍କାନାଳ ଆସି ଦମନଲୀଳାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଜାମଣ୍ଡଳ ଆନ୍ଦୋଳନର ଅନେକ ନେତାଙ୍କୁ ବନ୍ଦୀ କରିବା ସହ ବିଭିନ୍ନ ଆଳରେ ଆନ୍ଦୋଳନକାରୀ ପ୍ରଜାମାନଙ୍କ ଉପରେ ଅତ୍ୟାଚାର ବଢୁଥିଲା। ଏମିତିକି ଗାଁରେ ଗାଁରେ ଲୁଟ୍‌ତରାଜ ମଧ୍ୟ କରାଯାଉଥିଲା। ଏହି ଆନ୍ଦୋଳନର ଅନ୍ୟତମ ନେତା ବୀର ବୈଷ୍ଣବ ପଟ୍ଟନାୟକ କିନ୍ତୁ ରାଜତନ୍ତ୍ର ଆଖିରେ ଧୂଳିଦେଇ ଗୋପନରେ ମେଳି ଚଳାଉଥିଲେ। ବୀର ବୈଷ୍ଣବ ଭୁବନ ଗାଁରେ ଆତ୍ମଗୋପନ କରିଛନ୍ତି ବୋଲି କୌଣସି ସୂତ୍ରରୁ ଖବରପାଇ ବ୍ରିଟିଶ ଫୌଜ ଆସିଥିଲେ ଏହି ଗାଁକୁ। କିନ୍ତୁ ସେମାନେ ବୈଷ୍ଣବଙ୍କ ପତ୍ତା ପାଇନଥିଲେ। ଏଠାରେ ଉଲ୍ଲେଖନୀୟ ଯେ ଭୁବନ ହେଉଛି ଓଡ଼ିଶାର ସବୁଠାରୁ ବଡ ଗାଁ। ବ୍ରିଟିଶ ଫୌଜ ଏହି ଗାଁର ୮ଜଣଙ୍କୁ ଧରି ନେବାରେ ଲୋକେ ତାହାର ପ୍ରତିରୋଧ କଲେ ଏବଂ ସେମାନଙ୍କୁ ଦମନ କରିବା ଲାଗି ଗୁଳି ଚାଳନା କରାଯିବାରେ ରଘୁ ନାୟକ ଓ ଗୁରି ନାୟକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହେଲା ଓ ଆଉ କେତେକ ଆହତ ହେଲେ। ଏହାସତ୍ତ୍ୱେ ବି ଲୋକେ ପୋଲିସର ପ୍ରତିରୋଧ କରିବାରେ ସେମାନେ ପଛଘୁଞ୍ଚା ଦେଇ ଗୁଳିଚାଳନା ସହ ପଳାଉଥିଲେ ଓ ଅନ୍ଧାର ରାତିରେ ଲୋକେ ବି ସେମାନଙ୍କୁ ଗୋଡାଉଥିଲେ। ଏହି ରକ୍ତମୁଖା ପୋଲିସ ଦଳ ବ୍ରାହ୍ମଣୀ ନଦୀ ପାର ହେବା ପାଇଁ ନୀଳକଣ୍ଠପୁର ଘାଟରେ ପହଞ୍ଚିଲେ। ସେଦିନ ଘାଟରେ ଗୋଟିଏ ମାତ୍ର ଡଙ୍ଗା ଥାଏ ଓ ତାହାର ଦାୟିତ୍ୱରେ ଥାଆନ୍ତି ୧୨ବର୍ଷର ବାଳକ ବାଜି ରାଉତ। ସେତେବେଳକୁ ବାଜି ପ୍ରଜାମଣ୍ଡଳର ମରଣ ସେନାର ସଭ୍ୟ ଭାବେ କେତେକ ସଭାସମିତିରେ ଢେଙ୍କାନାଳ ରାଜ୍ୟର ଅତ୍ୟାଚାର ଓ ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ସଂଗ୍ରାମ ବିଷୟରେ ଶୁଣିଥାନ୍ତି। ପୋଲିସ ଫୌଜ ତାଙ୍କୁ ଡଙ୍ଗାରେ ନଦୀ ପାର କରିଦେବା ପାଇଁ ଯେତେ ଧମକାଇଲେ ବି ବାଜି ରାଉତ ସେଥିରେ ଡରିନଥିଲେ ଓଲଟା ସ୍ପଷ୍ଟ ଭାବେ କହିଥିଲେ ଯେ ନରହନ୍ତାମାନଙ୍କୁ ଡଙ୍ଗାରେ ବସାଇବା ପାଇଁ ପ୍ରଜାମଣ୍ଡଳର ଆଦେଶ ନାହିଁ ବୋଲି। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଥମେ ବାଜିଙ୍କ ମୁଣ୍ଡକୁ ପୋଲିସ ବାହିନୀ ବନ୍ଧୁକ ବଟ୍‌ରେ ପିଟିଲେ ଓ ପରେ ଗୁଳିକଲେ। ବାଜିଙ୍କ ସହ ପୋଲିସର ଯୁକ୍ତିତର୍କ ଚାଲିଥିବା ବେଳେ ତାଙ୍କ ଗାଁ ନୀଳକଣ୍ଠପୁରର ଅନେକ ଲୋକ ସେଠି ଜମିଥିଲେ। ଭୟରେ ପୋଲିସ ଆଖିବୁଜା ଗୁଳି ଚଳାଇବାରୁ ନଈଘାଟ ନିକଟରେ ନୀଳକଣ୍ଠପୁରର ଲକ୍ଷ୍ମଣ ମଲ୍ଲିକ, ନଟ ମଲ୍ଲିକ ଓ ହୃଷି ପ୍ରଧାନ ବି ଟଳି ପଡ଼ିଥିଲେ। ଆଉ କେତେକ ଆହତ ବ୍ୟକ୍ତିଙ୍କର ପରେ ମୃତ୍ୟୁ ହେଲା। ବୀର ବୈଷ୍ଣବ ବାଜିଙ୍କ ସମେତ ୬ଜଣଙ୍କ ମୃତଦେହ ସଂଗ୍ରହ କରି କଟକ ଅଣାଇଲେ ଏବଂ ସେଠାରେ ୬ଟି ବଳଦ ଗାଡିରେ ଏହି ୬ଜଣ ସହିଦଙ୍କ ଶବାଧାରକୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଖାନନଗର ଶ୍ମଶାନରେ ଦାହ କରାଯାଇଥିଲା। ସେତେବେଳେ କବିଙ୍କ ଲେଖନୀ ମୁନରୁ ଝରିଥିଲା,

'କଟକ ପଡ଼ିଶା ଢେଙ୍କାନାଳ ଦଶା
ଦେଖ ହେ ଭାଇଭଉଣୀ,
ଅନ୍ଧାରୀ ମୂଲକ ମଳିମୁଣ୍ଡିଆଙ୍କ
ବୀରପଣ ଦେଖ ପୁଣି ହେ।
ବାର ବରଷର ବାଳକ
ଗୁଳି ମୁହେଁ ଦେଖାଇଛି ବେକ ହେ।
ନୀଳକଣ୍ଠପୁର, ଭୁବନ ଗ୍ରାମର
ଏ ଯେ ଷଡ଼ ମହାରଥୀ,
ସ୍ୱାଧୀନତା ପଥେ ଢାଳିଛନ୍ତି ରକ୍ତ
ଦେଖ ଏହାଙ୍କର ମୂର୍ତ୍ତି ହେ।'

୧୯୩୮ରୁ ଏଯାବତ ବାଜି ରାଉତଙ୍କ ଉପରେ ଅନେକ କବିତା ଲେଖାଗଲାଣି। ବଞ୍ଚିଥିଲେ ତାଙ୍କୁ ଏବେ ପ୍ରାୟ ୯୯ ପୂରି ୧୦୦ ବର୍ଷ ଚାଲୁଥାନ୍ତା। ଅନ୍ୟ ଅନେକ ଲୋକଙ୍କ ଭଳି ସାଧାରଣ ଜୀବନ ବିତାଇଥିଲେ ସେ ବି ଅପରିଚିତ ହୋଇ ରହିଯାଇଥାନ୍ତେ। କିନ୍ତୁ ଦେଶ ମାତୃକା ଲାଗି ବଳିଦାନ ଦେବା ପାଇଁ ଏହି ୧୨ବର୍ଷର ବୀର ବାଳକ ସୁବର୍ଣ୍ଣ ମୁହୂର୍ତ୍ତର ଯେପରି ସଦୁପଯୋଗ କରି ଜୀବନକୁ ବାଜି ଲଗାଇ ଦେଲେ ସେଥିଲାଗି କାଳକାଳ ପାଇଁ ଇତିହାସ ପୃଷ୍ଠାରେ ବାଜି ରାଉତଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯିବ। ଏହି ଓଡ଼ିଶା ମାଟିରେ ଦିନେ ଧର୍ମପଦ ଆତ୍ମବିସର୍ଜନ କରିଥିଲେ ଜାତିର ଟେକ ରଖିବା ପାଇଁ। ବାଜି ରାଉତ କିନ୍ତୁ ବଳିଦାନ ଦେଲେ 'ଜାତି ପାଇଁ ଜୀଇଁବି - ମାଟି ପାଇଁ ମରିବି' ଆଦର୍ଶରେ ଅନୁପ୍ରାଣୀତ ହୋଇ। ତାଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ। ୧୯୪୨ର ଭାରତଛାଡ ଆନ୍ଦୋଳନ ବେଳେ ଆମ ରାଜ୍ୟର ଅନେକ ଛାତ୍ରଛାତ୍ରୀ 'ଭାଇ ହେ, ରଣ ସମୟରେ ବହି ଧରିବାକୁ ମତେ ଆଉ ତୁମେ କହନା / ଛାତିର ରକତ ତାତି ଉଠେ ମୋର ବାଜିବାରୁ ଯୁଦ୍ଧ ବାଜଣା' ବୋଲି ଆନ୍ଦୋଳନର ଅଗ୍ନିକୁଣ୍ଡକୁ ଲଙ୍ଫ ପ୍ରଦାନ କରିଥିଲେ।

ଅକ୍ଟୋବର ୧୧

୧୩ରେ ଆସିବ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା!

ପାଟନା,୧୦।୧୦: ବିହାର ନିର୍ବାଚନ ପାଇଁ ଏନ୍‌ଡିଏ ମଧ୍ୟରେ ଚାଲିଥିବା ଆସନ ବଣ୍ଟନ ସଂକ୍ରାନ୍ତ ଆଲୋଚନା ପ୍ରାୟତଃ ଶେଷ ହୋଇଛି। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏନ୍‌ଡିଏର ଅନ୍ୟତମ ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଓ ବିଜେପି ମଧ୍ୟରେ ଏକ ବୁଝାମଣା ହୋଇଛି। ତେଣୁ ଆସନ୍ତା ୧୩ ତାରିଖରେ ଏନ୍‌ଡିଏ ପକ୍ଷରୁ ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ନେଇ ସମ୍ଭାବନା ବ୍ୟକ୍ତ କରାଯାଉଛି। ସମସ୍ତ ସାମ୍ବିଧାନିକ ଦଳ ଏହି ବୁଝାମଣା ନେଇ ସହମତି ମଧ୍ୟ ପ୍ରକାଶ କରିଥିବା କୁହାଯାଉଛି। ବିଜେପି ରାଜ୍ୟ ଓ କେନ୍ଦ୍ର ସରକାରରେ ଏଲ୍‌ଜେପି (ରାମ ବିଳାସ) କୁ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ଓ ସମ୍ମାନ ପ୍ରଦାନ ନେଇ ଆଶ୍ୱାସନା ଦେଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏନ୍‌ଡିଏର ସାଧାରଣ କାର୍ଯ୍ୟସୂଚୀରେ ଚିରାଗଙ୍କ 'ବିହାର ପ୍ରଥମ,

ବିହାରୀ ପ୍ରଥମ' ଦୃଷ୍ଟିକୋଣକୁ ଅନ୍ତର୍ଭୁକ୍ତ କରିବା ପାଇଁ ସହମତି ହୋଇଛି। ଏହି ଦୃଷ୍ଟିକୋଣକୁ ମେଣ୍ଟର ଘୋଷଣାପତ୍ରରେ ପ୍ରମୁଖ ଭାବେ ପ୍ରଦର୍ଶିତ କରାଯିବ। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଓ ଚିରାଗଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇଥିବା ରିପୋର୍ଟ ହୋଇଛି। ଏହି ବୈଠକ ପରେ ଉଭୟ ନେତାଙ୍କ ମୁହଁରେ ହସ ଦେଖିବାକୁ ମିଳିଥିଲା, ଯାହା ବର୍ତ୍ତମାନ ସୂଚିତ କରୁଛି ଯେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇଛି।

ବଢ଼ିବ ମମତାଙ୍କ ଅଡୁଆ

ସିଇଓଙ୍କ ଠାରେ ଫେରାଦ ହେଲା ବିଜେପି

ନୂଆଦିଲ୍ଲୀ,୧୦।୧୦: ପଶ୍ଚିମବଙ୍ଗ ବିରୋଧୀ ଦଳ ମୁଖ୍ୟ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଗଠିତ କରାଯାଇଥିବା ବିଜେପିର ଏକ ପ୍ରତିନିଧିମଣ୍ଡଳ ଶୁକ୍ରବାର କୋଲକାତାରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ ଅଗ୍ରୱାଲଙ୍କୁ ଭେଟିଛନ୍ତି। ଇଲେକ୍ଟ୍ରନ କମିଶନ ଅଧିକାରୀମାନଙ୍କୁ ଧମକ ଦେବା ଅଭିଯୋଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳରେ ଥିବା ୧୦ ଜଣ ବିଜେପି ସାଂସଦ ଏନେଇ କମିଶନଙ୍କୁ ଅଭିଯୋଗ କରିବା ସହ ଏହି ନିର୍ବାଚନରେ ସାମିଲ ହେବାକୁ ଥିବା କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଭାରତୀୟ ନିର୍ବାଚନ କମିଶନଙ୍କୁ ପଠାଇଥିବା ଚିଠିରେ ବିଜେପି ଉଲ୍ଲେଖ କରିଛି ଯେ ଯେତେବେଳେ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ନିର୍ବାଚନର ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ନିୟୋଜିତ ଅଧିକାରୀମାନଙ୍କୁ ଖୋଲାଖୋଲି ଭାବେ ଧମକ ଦିଅନ୍ତି, ସେତେବେଳେ ଏହା ପ୍ରଶାସନିକ ପଦାନୁକ୍ରମରେ ଏକ ଭୟଙ୍କର ବାର୍ତ୍ତା ପହଞ୍ଚାଇଥାଏ- ଯେ ସମ୍ବିଧାନ ପ୍ରତି ଆନୁଗତ୍ୟ ଅପେକ୍ଷା ଶାସକ ଦଳ ପ୍ରତି

ଆନୁଗତ୍ୟକୁ ପ୍ରାଥମିକତା ଦିଆଯିବା ଉଚିତ।

ସେହିପରି ମମତା ଦେଇଥିବା ମନ୍ତବ୍ୟକୁ ବିଜେପି ଭାରତୀୟ ଗଣତନ୍ତ୍ରର ମୂଳଦୁଆକୁ ନଷ୍ଟ କରିବାର ପ୍ରୟାସ ବୋଲି ଦାବି କରିଛି। ଏହି ପରିପ୍ରେକ୍ଷୀରେ କମିଶନ ତୁରନ୍ତ ଏହି ମାମଲା ଉପରେ ଧ୍ୟାନ ଦେଇ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି। ଚିଠିରେ ଆହୁରି ମଧ୍ୟ କୁହାଯାଇଛି ଯେ ବାରମ୍ବାର ହିଂସା ଓ ଧମକ ସତ୍ତ୍ୱେ ବଙ୍ଗଳାର ଲୋକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱାସ ରଖିଆସିଛନ୍ତି। ନିର୍ବାଚନ କମିଶନଙ୍କ ପବିତ୍ର କର୍ତ୍ତବ୍ୟ ହେଉଛି ଯେ ସେମାନଙ୍କର ବିଶ୍ୱାସ ଯେପରି ଭାଙ୍ଗି ନଯାଏ। ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ବଢୁଥିବା ରାଜନୈତିକ ଉତ୍ତେଜନା ମଧ୍ୟରେ ଏହି ଅଭିଯୋଗ ସାମ୍ନାକୁ ଆସିଛି। ଗୁରୁବାର, ମମତା ବାନାର୍ଜୀ ନିର୍ବାଚନ କମିଶନ ଏବଂ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଉପରେ ଏକ କଡ଼ା ଆକ୍ରମଣ କରିବା ସହ ନିଆଁ ସହିତ ନ ଖେଳିବାକୁ ଚେତାବନୀ ଦେଇଥିଲେ। ସେ ଅଭିଯୋଗ କରିଥିଲେ ଯେ ଏହି ସଂଶୋଧନ ଜାତୀୟ ନାଗରିକ ପଞ୍ଜିକରଣ (ଏନ୍‌ଆରସି) କାର୍ଯ୍ୟକାରୀ କରିବାର ଏକ ପ୍ରଚ୍ଛଦ ପ୍ରୟାସ ଥିଲା, ସେ କହିଥିଲେ ଯେ ଏହା ଏସ୍‌ଆଇଆର୍ ନୁହେଁ, ଏହା ପଛରେ ଏନ୍‌ଆରସି ରହିଛି।

୧୫ରୁ ବେଙ୍ଗଲରେ ଭାରତର ଶକ ପ୍ରଦର୍ଶନ

ପାକ୍‌ରେ ଲକ୍‌ଡାଉନ

୩.୫ ହଜାର କିମି 'ନୋ ଫ୍ଲାଇଂ ଜୋନ୍'

ନୂଆଦିଲ୍ଲୀ,୧୦।୧୦: ଅପରେସନ ସିନ୍ଦୂର ପରଠାରୁ, ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିଛି। ଏହି ପଦକ୍ଷେପର ଅଂଶସ୍ୱରୂପ ଭାରତ ବଙ୍ଗୋପ ସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କରେ ଏକ ନୋଟମ୍ (ବାୟୁସେନାକୁ ନୋଟିସ) ଜାରି କରିଛି। ଏହି ନୋଟମ୍ ଅକ୍ଟୋବର ୧୫ରୁ ୧୭, ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ ୩,୫୫୦ କିମି ଅଞ୍ଚଳକୁ 'ନୋ-ଫ୍ଲାଏ ଜୋନ' ଭାବେ ଘୋଷଣା କରିଛି। ଏ ସମ୍ପର୍କରେ ଏକ ନୋଟମ୍ ଓ ସାମୁଦ୍ରିକ ସୁରକ୍ଷା ବିଜ୍ଞପ୍ତି ଜାରି କରାଯାଇଛି। ଏନେଇ କୁହାଯାଇଛି ଯେ ଏଠାରେ ପରୀକ୍ଷଣରେ ଦୀର୍ଘ-ଦୂରବର୍ତ୍ତୀ ବାଲିଷ୍ଟିକ କ୍ଷେପଣାସ୍ତ୍ର, ବାୟୁ ଏବଂ ସମୁଦ୍ର ପରିବହନର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବରେ ନୋଟମ୍ ଜାରି କରିଥାଏ। ସାଧାରଣତଃ,



ଅଗ୍ନି ସିରିଜ କ୍ଷେପଣାସ୍ତ୍ର କିମ୍ବା ଏକ ଉନ୍ନତ ରଣନୈତିକ ଅସ୍ତ୍ର ପ୍ରଣାଳୀ ସାମିଲ ହୋଇପାରେ। ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ସ୍ଥାନ ଓ କ୍ଷେତ୍ର ଭାରତର ଅଗ୍ନି ସିରିଜ କିମ୍ବା କ୍ରୁଜ ଏବଂ ହାଇପରସୋନିକ ଯାନ ପରୀକ୍ଷଣ ସମୟରେ ବ୍ୟବହୃତ ମିଶନ ସହ ମେଳ ଖାଉଛି। ଦୁଇ ହଜାର କିମିରୁ ଊର୍ଦ୍ଧ୍ୱ ଅଞ୍ଚଳକୁ ନୋ-ଫ୍ଲାଏ ଜୋନ ଭାବେ ଘୋଷଣା କରିବାର ଅର୍ଥ ହୋଇପାରେ ଯେ ଏଥର ପରୀକ୍ଷଣରେ ନୂତନ ପ୍ରଯୁକ୍ତିବିଦ୍ୟା କିମ୍ବା ଉନ୍ନତ ମାର୍ଗଦର୍ଶନ ପ୍ରଣାଳୀ ସାମିଲ ହୋଇପାରେ। ଭାରତର ଏହି ପରୀକ୍ଷଣ କେବଳ ଆତ୍ମନିର୍ଭରଶୀଳ ପ୍ରତିରକ୍ଷା କ୍ଷମତାକୁ ଏକ ନୂତନ ଦିଗଦର୍ଶନ ଦେବ ନାହିଁ ବରଂ ଶତ୍ରୁକୁ ଭାରତ ଆଡକୁ ଚାହିଁବାରୁ ମଧ୍ୟ ନିବୃତ୍ତ କରିବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଭାରତ ବାୟୁ ଏବଂ ସମୁଦ୍ର ପରିବହନର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବରେ ନୋଟମ୍ ଜାରି କରିଥାଏ। ସାଧାରଣତଃ, ଡିଆରଡିଓ ଓ ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ (ଏସ୍‌ଏଫ୍‌ସି) ମିଳିତ ଭାବରେ ଏପରି ଅପରେସନ ପରିଚାଳନା କରନ୍ତି। ରିପୋର୍ଟ ଅନୁସାରେ, ଏହି ପରୀକ୍ଷଣ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପ (ଓଡ଼ିଶା ଉପକୂଳ)ରୁ କରାଯିବ। 'ଅପରେସନ ସିନ୍ଦୂର' ସମୟରେ ଭାରତ ତା'ର ସାମରିକ ଶକ୍ତିର ୧୦ ପ୍ରତିଶତ ମଧ୍ୟ ବ୍ୟବହାର ନ କରି ପାକିସ୍ତାନ ଉପରେ ଏପରି ଷ୍ଟ୍ରାଇକ୍ କରିଛି, ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ। ଏହି ସମୟରେ ବାୟୁସେନା ମୁଖ୍ୟ ଏପି ସିଂହ ଓ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି ଯେ ଯାହା ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଓ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ମନରେ ଭୟ ସୃଷ୍ଟି କରିଛି।

ବିହାରରେ ଡଙ୍ଗା ଓଲଟି ଯୁବତୀ ମୃତ, ୫ ନିଖୋଜ

ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ପାଟନା,୧୦।୧୦: ବିହାର ଔରଙ୍ଗାବାଦରେ ଘଟିଛି ଏକ ନୌକା ଦୁର୍ଘଟଣା। ସୋନ ନଦୀରେ ଡଙ୍ଗା ଓଲଟିବା ଯୋଗୁଁ ଜଣେ ୨୦ ବର୍ଷୀୟା ଯୁବତୀଙ୍କ ଜୀବନ ଯାଇଥିବା ବେଳେ ୫ ଜଣ ନିଖୋଜ ରହିଛନ୍ତି। ଏହି ଅଘଟଣ ବଡେମ ଓପି ଥାନା ଅଧୀନସ୍ଥ ରଘୁନାଥପୁର ବାଲି ଘାଟରେ ଘଟିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ସମୟରେ ଉକ୍ତ ଡଙ୍ଗାରେ ୧୬ ଜଣ ମହିଳାଙ୍କ ସମେତ ୧୮ ଜଣ ଚାଷୀ ରହିଥିଲେ। ସେମାନେ ସୋନ୍ ଡିଲା ଅଞ୍ଚଳରେ ଆଳୁ ଚାଷ କରୁଥିବା ବେଳେ ଏହା ଅମଳ କରିବା ସକାଶେ ଯାଉଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିବା ଔରଙ୍ଗାବାଦ ଏସ୍‌ଡିପିଓ ସଞ୍ଜୟ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳ ଓ ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଘଟଣାସ୍ଥଳରେ ଜିଲ୍ଲାପାଳ, ଏସପି, ଏସଡିଏମ, ଏସଡିପିଓ ଓ ଅନ୍ୟ ସ୍ଥାନୀୟ ଅଧିକାରୀମାନେ ପହଞ୍ଚିଛନ୍ତି। ସ୍ଥାନୀୟ ବୁଡ଼ାଳିଙ୍କ ସହାୟତାରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲେ ହେଁ ତାଙ୍କ ପରିଚୟ ମିଳିପାରିନାହିଁ। ସେହିପରି ଘଟଣା ସମ୍ପର୍କରେ ଔରଙ୍ଗାବାଦ ଜିଲ୍ଲାପାଳ ଶ୍ରୀକାନ୍ତ ଶାସ୍ତ୍ରୀ କହିଛନ୍ତି ଯେ ଏହି ଦୁର୍ଘଟଣାରେ ଅଦ୍ୟାବଧି ୫ ଜଣ ନିଖୋଜ ହୋଇଯାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୧୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କ ସନ୍ଧାନ ଜାରି ରହିଛି। ନଦୀ ପାର୍ ସମୟରେ ଡଙ୍ଗାଟି ଓଲଟିପଡ଼ିଥିଲା। ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶକରିବା ସହ ସେମାନଙ୍କ ପରିବାରକୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଛନ୍ତି।

କାବୁଲରେ ଦୂତାବାସ ଖୋଲିବ ଭାରତ

ନୂଆଦିଲ୍ଲୀ,୧୦।୧୦ : ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମିର ଖାନ ମୁତାକି ଭାରତ ଗସ୍ତରେ ଅଛନ୍ତି। ଏହି ଗସ୍ତରେ ସେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହିତ ବୈଠକ କରିଛନ୍ତି। ଏହି ବୈଠକ ଆଫଗାନିସ୍ତାନରେ ଅଶରଫ ଗନି ସରକାର

ତାଲିବାନୀ ବିଦେଶ ମନ୍ତ୍ରୀଙ୍କ ସହ ବୈଠକ ପରେ ଜୟଶଙ୍କରଙ୍କ ଘୋଷଣା

ପତନର ୪ ବର୍ଷ ପରେ ହୋଇଛି। ଦୀର୍ଘ ୪ ବର୍ଷ ପରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ପୁଣି ଦୂତାବାସ ଖୋଲିବ ଭାରତ। ଏହାଦ୍ୱାରା ଭାରତ-ଆଫଗାନିସ୍ତାନ ସମ୍ବନ୍ଧ ବୃଦ୍ଧି ହେବ। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଅମିର ଖାନ ମୁତାକିଙ୍କ ସହ ବୈଠକ ପରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ଘୋଷଣା କରିଛନ୍ତି। ମୁତାକିଙ୍କ ସହ ବୈଠକ ପରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଯେ, ଭାରତ ସବୁବେଳେ ଆଫଗାନିସ୍ତାନକୁ ସହଯୋଗ କରିଛି। ଆଫଗାନ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଆତଙ୍କବାଦ ବିରୋଧୀ ଲଢେଇରେ ଆଫଗାନ ସବୁବେଳେ ଆମ ସହ ରହିଛି। ପହଲଗାମ ଆକ୍ରମଣର ନିନ୍ଦା ମଧ୍ୟ କରିଥିବା କହିଛନ୍ତି ଜୟଶଙ୍କର। ଏବେ ଋଷିଆ ଓ ପାକିସ୍ତାନ ପରି ଦେଶରେ ଆଫଗାନିସ୍ତାନର ଦୂତାବାସ ରହିଛି। କାବୁଲରେ ଭାରତରେ ହାଇକମିଶନ ରହିଛି କିନ୍ତୁ ଦୂତାବାସ କେବେ ହୋଇପାରିନି। ଆଫଗାନିସ୍ତାନରେ ତାଲିବାନ ଶାସନ ଆସିବା ପରେ ହିଁ ଭାରତ ନିରବ ଥିଲା। କିନ୍ତୁ ଏବେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ସହ ସାକ୍ଷାତ ପରେ ତାଲିବାନରେ ଦୂତାବାସ ଖୋଲିବା ନେଇ ଘୋଷଣା କରିଛି ଭାରତ। ଆଫଗାନିସ୍ତାନରେ ବିକାଶ ଓ ସହାୟତର କାମ ଜାରି ରଖିବ ଭାରତ ବୋଲି ଜୟଶଙ୍କର କହିଛନ୍ତି। ଭାରତ ଆଫଗାନିସ୍ତାନକୁ ୨୦ଟି ଆମ୍ବୁଲାନ୍ସ ଦେବାକୁ ଘୋଷଣା କରିଛି।

ନୂଆ ଫର୍ମାଟ୍‌ରେ 'ମହାଭାରତ'

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): କଲେକ୍ଟିଭ୍ ମିଡିଆ ନେଟୱାର୍କ ପକ୍ଷରୁ ଏଆଇ ମାଧ୍ୟମରେ ଦେଶର ଲୋକପ୍ରିୟ ମହାକାବ୍ୟ 'ମହାଭାରତ'ର ଏକ ଅଭୂତପୂର୍ବ ପୁନଃ-ପରିକଳ୍ପନା ଘୋଷଣା କରାଯାଇଛି। ଏହି ସିରିଜ୍ ପାଇଁ ଆସନ୍ତା ୨୫ରେ ଓ୍ୱେଭ୍ସ ଓଟିଟିରେ ଏକ ସ୍ୱତନ୍ତ୍ର ଡିଜିଟାଲ ପ୍ରିମିୟର ହେବ ଓ ନଭେମ୍ବର ୨୦ାରୁ ପ୍ରତି ରବିବାର ପୂର୍ବାହ୍ନ ୧୧ଟାରେ ଦୂରଦର୍ଶନରେ ପ୍ରସାରିତ ହେବ। ଏହି ସିରିଜ୍ ଭାରତ ସହ ସମଗ୍ର ବିଶ୍ୱରେ ଡିଜିଟାଲ ଦର୍ଶକଙ୍କ ପାଇଁ ଓ୍ୱେଭ୍ସ ଓଟିଟିରେ ଏକକାଳୀନ ଉପଲବ୍ଧ ହେବ। ଅତ୍ୟାଧୁନିକ ଏଆଇ ଉପକରଣ ବ୍ୟବହାର କରି ଏହି ଧାରାବାହିକଟିକୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହି ପ୍ରକଳ୍ପ ମୋକ୍ ଇନ୍ ଇଣ୍ଡିଆ ଓ ଡିଜିଟାଲ ଇଣ୍ଡିଆର ଆତ୍ମାକୁ ମୂର୍ତ୍ତିମନ୍ତ କରିବ ବୋଲି ଆଶା କରାଯାଉଛି। ଏ ସଂକ୍ରାନ୍ତରେ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି ଯେ ପ୍ରସାର ଭାରତୀ ସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ଘରେ ଜାତୀୟ ଓ ସାଂସ୍କୃତିକ ମହତ୍ତ୍ୱର କାହାଣୀ ଆଣିବା ପାଇଁ ପ୍ରତିବଦ୍ଧ। ଲକଡାଉନ୍ ସମୟରେ ମୂଳ ମହାଭାରତର ପୁନଃପ୍ରସାରଣ ଦେଶବାସୀଙ୍କ ମଧ୍ୟରେ ଏହି ମହାକାବ୍ୟ ପ୍ରତି କେତେଦୂର ଭଲ ପାଇବା ରହିଛି, ତାହା ପ୍ରମାଣିତ କରିଥିଲା। ସମ୍ପ୍ରତି ଏଆଇ-ଆଧାରିତ ପୁନଃକଳ୍ପନା ଦର୍ଶକଙ୍କୁ ପରମ୍ପରାକୁ ସମ୍ମାନ ଦେବା ସହ ଅତ୍ୟାଧୁନିକ କାହାଣୀ ପ୍ରସ୍ତୁତିରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତାକୁ ଗ୍ରହଣ କରିବା ସହ ନୂତନ ଅଭିଜ୍ଞତା ପ୍ରଦାନ କରିବ ବୋଲି ଶ୍ରୀ ଦ୍ୱିବେଦୀ ଆଶା ପ୍ରକାଶ କରିଛନ୍ତି। ସେହିପରି କଲେକ୍ଟିଭ୍



- ଏଆଇ ମାଧ୍ୟମରେ ଅଭୂତପୂର୍ବ ପୁନଃ-ପରିକଳ୍ପନା
- ଦୂରଦର୍ଶନରେ ପ୍ରସାରିତ ହେବ
- ୨୫ରେ ପ୍ରିମିୟର୍ ଶୋ'

ଆର୍ଟିଷ୍ଟସ ନେଟୱାର୍କର ପ୍ରତିଷ୍ଠାତା ଓ ଗ୍ରୁପ୍ ସିଇଓ ବିଜୟ ସୁବ୍ରମଣ୍ୟମ୍ କହିଛନ୍ତି ଯେ ଲକ୍ଷ ଲକ୍ଷ ଭାରତୀୟଙ୍କ ପରି ସେ ପ୍ରତି ରବିବାର ଟେଲିଭିଜନରେ କ୍ଲାସିକ୍ ମହାଭାରତ ଦେଖି ବଡ଼ ହୋଇଛନ୍ତି। ଏବେ ନୂଆ ମହାଭାରତ ଆଜିର ପିଢ଼ିକୁ ଏକ ନିମଗ୍ନ ଓ ସମନ୍ୱିତ ଅଭିଜ୍ଞତା ପ୍ରଦାନ କରିବ, ଯାହା ଆଜିର ପ୍ରଯୁକ୍ତିର ସମ୍ଭାବନା ସହ ଗଭୀର ଓ ନିର୍ବିଘ୍ନରେ ପ୍ରତିଧ୍ୱନିତ ହେଉଛି। ଏହା ଭକ୍ତି ଓ ପ୍ରଗତିର ଏକ ଉପଯୁକ୍ତ ମିଶ୍ରଣ, ଯାହା ଏକ ଦୂରଦର୍ଶୀ ପଦକ୍ଷେପ ମଧ୍ୟ ବୋଲି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି।

କଳିଯୁଗର ସାବିତ୍ରୀ

କିଡ଼ନୀ ଦେଇ ବଞ୍ଚାଇଲେ ସ୍ୱାମୀଙ୍କ ଜୀବନ

ନୂଆଦିଲ୍ଲୀ,୧୦।୧୦: କରୱା ଚୌଥ ପର୍ବ ପ୍ରତିଟି ସ୍ତ୍ରୀ ପାଇଁ ସ୍ୱାମୀଙ୍କ ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରିବାର ଏକ ବିଶେଷ ଦିନ, କିନ୍ତୁ ରାଜଗଡ଼ର ପ୍ରିୟା ଏହି ଦିନଟିକୁ ଆହୁରି ସ୍ୱତନ୍ତ୍ର କରିଛନ୍ତି। ସେ ଏହି ବ୍ରତ ସମୟରେ କେବଳ ଯେ ଉପବାସ ପାଳନ କରିଥିଲେ ତା' ନୁହେଁ, ବରଂ ସ୍ୱାମୀ ପୁରୁଷୋତ୍ତମଙ୍କୁ ନୂଆ ଜୀବନ ଦେଇଛନ୍ତି। ପ୍ରିୟା ଓ ପୁରୁଷୋତ୍ତମଙ୍କର ଏହି କାହାଣୀ ପ୍ରେମ, ତ୍ୟାଗ ଓ ବିଶ୍ୱାସର ଏକ ଜ୍ୱଳନ୍ତ ଉଦାହରଣ। ପୂର୍ବରୁ କୋଭିଡରେ ପୁରୁଷୋତ୍ତମଙ୍କ କିଡନୀ ନଷ୍ଟ ହୋଇଥିଲା। କେବଳ କିଡ଼ନୀ ପ୍ରତିରୋପଣ ହିଁ ତାଙ୍କ ଜୀବନ ବଞ୍ଚାଇପାରିବ ବୋଲି ଡାକ୍ତରମାନେ ସ୍ପଷ୍ଟ କରିଦେଇଥିଲେ। ଏହା ଶୁଣି ପରିବାର ଲୋକେ ବିଚଳିତ ହୋଇପଡ଼ିଥିଲେ ଓ କିପରି ପୁରୁଷୋତ୍ତମଙ୍କ ଜୀବନ ବଞ୍ଚାଯାଇପାରିବ, ସେନେଇ ଚିନ୍ତାରେ ପଡ଼ିଥିଲେ ସମସ୍ତେ। କିନ୍ତୁ ପ୍ରିୟା ଆଦୌ ବିଚଳିତ ହୋଇନଥିଲେ। ସେ ତୁରନ୍ତ ନିଷ୍ପତ୍ତି ନେବା ସହ ଯଦି ମୋ କିଡନୀ ମୋ ସ୍ୱାମୀଙ୍କ ଜୀବନ ରକ୍ଷା କରିପାରିବ, ତେବେ ଏହା ମୋର ପ୍ରକୃତ କରୱା ଚୌଥ ହେବ। ପ୍ରିୟାଙ୍କ ନିଷ୍ପତ୍ତିରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ, କିନ୍ତୁ ତାଙ୍କ ଆଖି ସ୍ପଷ୍ଟ ଭାବେ ତାଙ୍କ ସ୍ୱାମୀଙ୍କ ପ୍ରତି ତାଙ୍କର ପ୍ରେମ ଓ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଥିଲା। ଡାକ୍ତରମାନେ ପରୀକ୍ଷାନିରୀକ୍ଷା କଲେ। ପ୍ରିୟାଙ୍କ ରକ୍ତ ଗ୍ରୁପ ଓ ଟିସୁ ପୁରୁଷୋତ୍ତମଙ୍କ ସହ ମେଳ ଖାଉଥିଲା। ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା। କୌଣସି ଭୟ ନ କରି ପ୍ରିୟା ସ୍ୱାମୀଙ୍କୁ ତାଙ୍କର ଗୋଟିଏ କିଡନୀ ଦାନ କଲେ। ଅସ୍ତ୍ରୋପଚାର ସଫଳ ହୋଇଥିଲା ଓ ଏବେ ପୁରୁଷୋତ୍ତମ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ତାଙ୍କ ଜୀବନରେ ଖୁସି ଫେରିଆସିଛି ଓ ପ୍ରିୟା ଏଥିପାଇଁ ସମସ୍ତ ଶ୍ରେୟ ଦିଆଯିବା ଉଚିତ। ପୁରୁଷୋତ୍ତମ ଏବେ ବି ଭାବପ୍ରବଣତାର ସହ କହିଛନ୍ତି, ମୋ ସ୍ତ୍ରୀ ମୋ ପାଇଁ ଦେ

ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ ମ୍ୟାଚ

ଭାରତ ପ୍ରଥମ ଦିନରେ ୩୧୮/୨

ନୂଆଦିଲ୍ଲୀ,୧୦।୧୦: ନୂଆଦିଲ୍ଲୀରେ ଚାଲିଥିବା ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ଭାରତ ୩୧୮/୨ ରନ୍ କରିଛି। ଯଶସ୍ୱୀ ଜୟସୱାଲ ଶତକ ମାରିବା ପରେ ଦ୍ୱିଶତକ ଆଡ଼କୁ ମୁହାଁଉଛନ୍ତି। ଯଶସ୍ୱୀ ଜୟସୱାଲ ୧୭୩ ରନ କରି ଅପରାଜିତ ରହିଛନ୍ତି। ସେହିପରି ସାଇ ସୁଦର୍ଶନ ୮୭ ରନ୍ କରି ଆଉଟ୍ ହୋଇଛନ୍ତି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଯଶସ୍ୱୀ ଜୟସୱାଲ ୧୭୩ ରନ ଏବଂ ଶୁବମନ ଗିଲ୍ ୨୦ ରନ କରି ଅପରାଜିତ ରହିଛନ୍ତି। ସୁନୀଲ ଗାଭାସ୍କରଙ୍କ ପରେ ଭାରତ ପାଇଁ ଯଶସ୍ୱୀ ଜୟସୱାଲ ସବୁଠାରୁ ଦ୍ରୁତତମ ବାମହାତୀ ବ୍ୟାଟସମ୍ୟାନ୍ ଯିଏକି ୩,୦୦୦ ରନ ପୂରଣ କରିଛନ୍ତି। ସେ ୭୧ ଇନିଂସରେ ଏହି ମାଇଲ ଖୁଣ୍ଟରେ ପହଞ୍ଚିଛନ୍ତି। ସୁନୀଲ ଗାଭାସ୍କର ୬୯ ଇନିଂସରେ ୩,୦୦୦ ରନ ପୂରଣ କରିଥିଲେ। ଯଶସ୍ୱୀ ଜୟସୱାଲ କେବଳ ୨୩ ବର୍ଷ ବୟସର ଓ ସାତଟି ଟେଷ୍ଟ ଶତକ ହାସଲ କରିଛନ୍ତି।

ଇଣ୍ଡିଆ ଓ ଇଣ୍ଡିଜ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି। ଅହମ୍ମଦାବାଦରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଭାରତ ଇନିଂସ ସହ ୧୪୦ ରନରେ ଜିତିଥିଲା। ସିରିଜରେ ୧-୦ରେ ଆଗୁଆ ରହିଛି। ଏବେ ଭାରତ ପାଖରେ ଦିଲ୍ଲୀରେ କ୍ଲିନ ସୁଇପ ସୁଯୋଗ ରହିଛି।

ଆଜିଠୁ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟିଟି ଟିମ୍ ଚାମ୍ପିୟନସିପ୍

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ଅକ୍ଟୋବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ର ଆୟୋଜନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟରରେ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି। ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଶ୍ୱର ଟପ୍ ରାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳୀମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସୁସ୍ମିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି।

■ ‘ଓଡିଓପି’ କ୍ଷମତା ବିକାଶ କର୍ମଶାଳା

ସଙ୍କୁଳିତ ଆଞ୍ଚଳିକ ବିକାଶକୁ ମିଳୁଛି ପ୍ରୋତ୍ସାହନ

ଭୁବନେଶ୍ୱର, ୧୦।୧୦(ସଂଚାର ବ୍ୟୁରୋ): ‘ଏକ ଜିଲ୍ଲା ଏକ ଉତ୍ପାଦ’ (ଓଡିଓପି) ପଦକ୍ଷେପ ଉତ୍ପାଦକଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରୁଛି। ସଙ୍କୁଳିତ ଆଞ୍ଚଳିକ ବିକାଶ ସହ ସମସ୍ତ ଜିଲ୍ଲାର ସାମାଜିକ-ଅର୍ଥନୈତିକ ବିକାଶ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଆଜି ଏଠାରେ ଆୟୋଜିତ ‘ଏକ ଜିଲ୍ଲା ଏକ ଉତ୍ପାଦ’ କ୍ଷମତା ବିକାଶ କର୍ମଶାଳାରେ ମତ ପ୍ରକାଶ ପାଇଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧୀନ ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର୍‌ଠାରେ ଆୟୋଜିତ କର୍ମଶାଳା ପ୍ରାରମ୍ଭରେ ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସେ ପ୍ରତ୍ୟେକ ଜିଲ୍ଲାର ବିଶେଷ ଉତ୍ପାଦକୁ ଚିହ୍ନଟ କରି ସେଗୁଡିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍ଥାନୀୟ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ରପ୍ତାନି ବୃଦ୍ଧି ସହ ଏହାର ସୁବିଧାସୁଯୋଗ ଉପରେ ଆଲୋକପାତ କରିଥିଲେ। ସେହିପରି ଏମପେଡାର ଉପନିର୍ଦ୍ଦେଶକ ଅର୍ଚ୍ଚିମାନ ଲାହିରୀ ସାମୁଦ୍ରିକ ଖାଦ୍ୟର ରପ୍ତାନୀ ସୁଯୋଗ ଉପରେ ଆଲୋଚନା କରିଥିବା ବେଳେ କଟକ ମତ୍ସ୍ୟ ଚାଷ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଜଗଦୀଶ ସାହୁ ମତ୍ସ୍ୟ ଚାଷର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହାଛଡ଼ା ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ରାଜ୍ୟ ନିର୍ଦ୍ଦେଶକ ସୁବାସ ଛେତ୍ରୀ ପାରମ୍ପରିକ ଓ ଗ୍ରାମୀଣ ଶିଳ୍ପର ସମ୍ଭାବନା ସହିତ କ୍ଲଷ୍ଟରଭିତ୍ତିକ ବିକାଶ ଉପରେ ଆଲୋକପାତ କରିଥିଲେ। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରାଷ୍ଟ୍ର ଯୋଜନା ଅଧୀନରେ ଏହି କର୍ମଶାଳା ଆୟୋଜନ ହୋଇଥିଲା। ଏହି କର୍ମଶାଳା ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡିକ ମଧ୍ୟରେ ଜ୍ଞାନ ବିନିମୟ ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥିଲା।

ସୂଚନାଯୋଗ୍ୟ ଯେ ଏକ ଜିଲ୍ଲା ଏକ ଉତ୍ପାଦ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ଜିଲ୍ଲାରୁ ଗୋଟିଏ ଉତ୍ପାଦ ଚୟନ, ବ୍ରାଣ୍ଡ ଓ ପ୍ରୋତ୍ସାହିତ କରିବା। ଏଥିସହ ସେମାନଙ୍କର ବଜାର ସୁବିଧା ଉପଲବ୍ଧତା ବୃଦ୍ଧି ଓ ରପ୍ତାନି ସମ୍ଭାବନାକୁ ବଢ଼ାଇବା ପାଇଁ ନିଜ ନିଜ ଯୋଗାଣ ଶୃଙ୍ଖଳାର ସମସ୍ତ ପଏଣ୍ଟରେ ପ୍ରତ୍ୟେକ ମନୋନୀତ ଓଡିଓପି ଉତ୍ପାଦ ସହ ଜଡ଼ିତ ସମସ୍ୟାର ଚିହ୍ନଟ ଓ ସମାଧାନ କରିବା। ଉତ୍ପାଦକଙ୍କ ଜୀବନକୁ ଉନ୍ନତ କରିବା ଓ ପ୍ରକ୍ରିୟାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ହୋଟେଲରେ ଚାଲିଥିଲା ଜୁଆ ଖେଳ, ରେଡ୍ କଲା ପୁଲିସ

ପୁରୀ, ୧୦।୧୦ (ସଂଚାର ବ୍ୟୁରୋ) : ହୋଟେଲ ଭିତରେ ଜୁଆ ଖେଳ ଚାଲିଥିବାବେଳେ ମାଡ଼ି ବସିଲା ପୋଲିସ। ପୁରୀ ଚକ୍ରତୀର୍ଥ ରୋଡରେ ଥିବା ଏକ ହୋଟେଲରେ ଜୁଆ ଖେଳ ଚାଲିଥିବାବେଳେ, ସମୁଦ୍ର କୂଳ ଥାନା ପୋଲିସ ଚଢ଼ାଉ କରି ୯୦ ହଜାର ପାଞ୍ଚ ଶହ ଟଙ୍କା ଜବତ କରିଛି ପୋଲିସ। ଏଥି ସହିତ ୬ ଜଣକୁ ଗିରଫ କରିଛି ପୋଲିସ। ଗିରଫମାନେ ହେଲେ ସନ୍ତୋଷ ରେଡ୍ଡୀ, ମନୋଜ ସ୍ୱାଇଁ, ରାକେଶ ସେଠୀ, ଚିତ୍ରସେନ ସ୍ୱାଇଁ ପଦ୍ମନାଭ ବେହେରା ଓ ଆଶିଷ ଖୁଣ୍ଟିଆ। ପୋଲିସ ଏମାନଙ୍କଠାରୁ ୫ଟି ମୋବାଇଲ ଫୋନ୍ ସହିତ ତିନୋଟି ତାସ୍ ଜବତ୍ କରିଛି। ସନ୍ଧ୍ୟାରେ ସମ୍ପୃକ୍ତ ହୋଟେଲରେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ତୁରନ୍ତ ହୋଟେଲରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ନେଇ ସମୁଦ୍ର କୂଳ ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

୧୩ରୁ ଟେରାକୋଟା ପ୍ରଦର୍ଶନୀ ‘ମୃତ୍ତିକା’

ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ) : ‘ବାର୍ଷିକ ଟେରାକୋଟା ପ୍ରଦର୍ଶନୀ -ମୃତ୍ତିକା ୨୦୨୫’ ଆସନ୍ତା ୧୩ତାରିଖରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି । ଯାହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିବର୍ଷ ଦୀପାବଳି ପୂର୍ବରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥାଏ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ କାରିଗର ମାନେ ମାଟି ତିଆରି ବିଭିନ୍ନ ଦୀପଠାରୁ ଆରମ୍ଭ କରି ମାଟିର ଘର ସାଜସଜ୍ଜା ସାମଗ୍ରୀ ଗୁଡ଼ିକ ବିକ୍ରି କରିଥାନ୍ତି । ଏହି ମୃତ୍ତିକା ପ୍ରଦର୍ଶନୀରେ ଟେରାକୋଟା କାରିଗର, ଏସ୍‌ଏଚ୍‌ଜି ଗ୍ରୁପ, ପିଜିଏସ୍ ଗ୍ରୁପ ଯୋଗଦେବେ। ଏଥିରେ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ୟାକେଜିଂ ପାଇଁ ବ୍ୟବହାର କରି ହେବ ବୋଲି ହସ୍ତଶିଳ୍ପ ବିଭାଗ ତରଫରୁ ଅନୁମତି ମିଳିଛି। ହାତ ତିଆରି ସାମଗ୍ରୀ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବିକି କରାଯିବ ନାହିଁ । ସକାଳ ୧୧ଟାରୁ ରାତି ୯ଟା ଯାଏ ପ୍ରଦର୍ଶନୀ ଗ୍ରାହକଙ୍କ ଲାଗି ଖୋଲା ରହିବ । ଖୋର୍ଦ୍ଧା ଜିଲ୍ଲାର ୧୮ଟି ଗ୍ରୁପ ସାମିଲ ହୋଇଥିବା ବେଳେ ପାଖାପାଖି ୫୦୦ରୁ ଅଧିକ ଗ୍ରୁପ ନିଜ ହାତ ତିଆରି ସମାଗ୍ରୀ ବିକ୍ରି କରିବାର ସୁଯୋଗ ପାଇବେ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ) : ବର୍ଷା ରାତିରେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର। ଭୁବନେଶ୍ୱର ୟୁନିଟ ୯ ଅଂଚଳରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହେଲା ମୃତଦେହ। ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ। ଆତ୍ମହତ୍ୟା ନା ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଇଛି ତାକୁ ନେଇ ସନ୍ଦେହ ବଢୁଛି । ସହିଦ ନଗର ଅଂଚଳରେ ଘଟିଛି ଘଟଣା । ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି । ମୃତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ଘଟଣାକୁ ନେଇ ବଢୁଛି ସନ୍ଦେହ।

ଯୁବକଙ୍କ ଉପରେ ମାଡ଼ିଗଲା ବାଉଁଶ ବୋଝେଇ ଟ୍ରକ୍

ଗଡ଼ମଧୁପୁର, ୧୦।୧୦ (ସଂଚାର ବ୍ୟୁରୋ) : ଭଉଣୀକୁ ଶାଶୁଘର ଗାଁକୁ ଫେରୁଥିଲେ। ଫେରିବା ବାଟରେ ଛାଡ଼ିବାକୁ ଆସି ଫେରିଲାନି ଭାଇ। ବାଟରେ ମାଡ଼ିଗଲା ବାଉଁଶ ବୋଝେଇ ଟ୍ରକ୍। ଘଟଣାସ୍ଥଳରେ ଚାଲିଗଲା ଜୀବନ। ଅଳ୍ପକେ ବର୍ତ୍ତିଲେ ଭଉଣୀ ଓ ଭାଣିଜୀ। ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଚଢେଇଧରା ଛକରେ ଥିବା ଜଗନ୍ନାଥ ଜୀଉ ମହାବିଦ୍ୟାଳୟ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ଜଣଙ୍କ ଯାଜପୁର ଜିଲ୍ଲା ଛତିଆ ନିକଟସ୍ଥ ଚଖାପୁର ଗାଁର ଅଲେଖ ଦଲେଇ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଅଲେଖ ଦଲେଇଙ୍କ ଭଉଣୀ କିଛି ଦିନ ପୂର୍ବରୁ ବାପଘରକୁ ବୁଲିବାକୁ ଆସିଥିଲେ। ଆଜି ଶାଶୁଘର ମହିଶରା ଗାଁକୁ ଫେରୁଥିଲେ। ଫେରିବା ବାଟରେ ଚଢେଇଧରା ହାଟରୁ ପରିବା କିଣି ଘରକୁ ଫେରୁଥିଲେ। ଜଗନ୍ନାଥ ଜୀଉ ମହାବିଦ୍ୟାଳୟ ନିକଟରେ ବାଇକ୍‌କୁ ଏକ ବାଉଁଶ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଲେଖ ଦଲେଇଙ୍କ ମୃତ୍ୟୁ ଘଟିଥିଲା। ପଛରେ ବସିଥିବା ଭଉଣୀ ଓ ଭାଣିଜୀ ଛିଟିକି ପଡି ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ତୁରନ୍ତ ଚଢେଇଧରା ଫାଣ୍ଡି ଅଫିସର ଅନିଲ ସାହୁ ଏବଂ ସହକର୍ମୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛନ୍ତି। ଅଗ୍ନିଶମ ବାହିନୀ ମୃତାହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି।

ଓଡ଼ିଶା ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ୧୨ ପଦକ ଜିତି ଚାମ୍ପିଅନ

ବେଦାନ୍ତ ଲାଞ୍ଜିଗଡ଼ର ତୀରନ୍ଦାଜ ପ୍ରୟାସ

ଲାଞ୍ଜିଗଡ଼, ୧୦।୧୦(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ତୃଣମୂଳ କ୍ରୀଡା ପଦକ୍ଷେପରେ ଏକ ପ୍ରମୁଖ ସଫଳତା ହାସଲ କରିଛି। ଏହି କାର୍ଯ୍ୟକ୍ରମର ଯୁବ ତୀରନ୍ଦାଜମାନେ ଓଡ଼ିଶା ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ପ୍ରତିଷ୍ଠିତ ‘ସାମଗ୍ରିକ ଚାମ୍ପିଅନ’ ଉପାଧି ହାସଲ କରିଛନ୍ତି। ସୁନ୍ଦରଗଡ଼ରେ ଭାରତୀୟ ସ୍କୁଲ ଗେମ୍ସ ଫେଡେରେସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ତୀରନ୍ଦାଜମାନେ ମିଳିତ ଭାବରେ ମୋଟ ୮ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରି ତାଙ୍କର ପ୍ରତିଭାର ପ୍ରାଧାନ୍ୟ ବିସ୍ତାର କରିଥିଲେ। ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ଯୁବ ତୀରନ୍ଦାଜମାନଙ୍କୁ ବିଶେଷଜ୍ଞ ପ୍ରଶିକ୍ଷଣ, ବିଶ୍ୱସ୍ତରୀୟ ଉପକରଣ ଏବଂ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ସହିତ ସମର୍ଥନ କରେ, ଯାହା ସ୍ଥାନୀୟ ପ୍ରତିଭାକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ସେମାନଙ୍କ ସଫଳତା କଳାହାଣ୍ଡିରେ ଯୁବ ପ୍ରତିଭାର ଅପାର ସମ୍ଭାବନା ଏବଂ ସଂରଚିତ ତାଲିମ ଏବଂ ମାର୍ଗଦର୍ଶନର ପରିବର୍ତ୍ତନକାରୀ ପ୍ରଭାବକୁ ସ୍ପଷ୍ଟ କରେ। ଏହି ସଫଳତାକୁ ନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ, ଆମର ଯୁବ ତୀରନ୍ଦାଜମାନଙ୍କ ଉଲ୍ଲେଖନୀୟ ସଫଳତା ତୃଣମୂଳ ସ୍ତରର ପଦକ୍ଷେପଗୁଡ଼ିକର ପରିବର୍ତ୍ତନକାରୀ ଶକ୍ତିକୁ ପ୍ରତିଫଳିତ କରେ ଯାହା ଲୁକ୍କାୟିତ ସମ୍ଭାବନାକୁ ଉନ୍ମୁକ୍ତ କରିପାରିବ। ଆମେ କଳାହାଣ୍ଡିର ଯୁବ ପ୍ରତିଭାକୁ ସଶକ୍ତ କରିବା, ସେମାନଙ୍କୁ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଉତ୍କର୍ଷତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ। ଏହି କାର୍ଯ୍ୟକ୍ରମ ଅଧୀନରେ ୧୦୦ ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଛି, ଯେଉଁମାନେ ଗତବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ସାମୂହିକ ଭାବରେ ୫୦ରୁ ଅଧିକ ପଦକ ଜିତିଛନ୍ତି, ଯାହା ତୃଣମୂଳ ସ୍ତରର କ୍ରୀଡା ବିକାଶ ପ୍ରତି ବେଦାନ୍ତର ନିରନ୍ତର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଛୋଟ...

ଏବଂ ଜନ ବିଶ୍ୱାସ (ସଂଶୋଧନ) ଆଇନ, ୨୦୨୩ ଭଳି କେନ୍ଦ୍ରୀୟ ଆଇନ ସହିତ ସମସ୍ତ ରକ୍ଷା କରିବ।

ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ, ୨୦୨୫ ଅନୁଯାୟୀ ଛୋଟ ଏବଂ ପ୍ରକ୍ରିୟାଗତ ତ୍ରୁଟିକୁ ଅପରାଧମୁକ୍ତ କରିବା ଏବଂ ସମ୍ବନ୍ଧୀୟ ବିଚାର ଖର୍ଚ୍ଚରେ ଏକ ଉଲ୍ଲେଖନୀୟ ହ୍ରାସ ଘଟିବ। ଅଣ-ଗୁରୁତର ଖିଲାପ ପାଇଁ ଜେଲଦଣ୍ଡ ବଦଳରେ ଦେୱାନୀ ଦଣ୍ଡ ସହିତ, ବ୍ୟବସାୟ ଏବଂ ବ୍ୟକ୍ତିବିଶେଷ ଉଭୟଙ୍କ ଉପରେ ନିୟାମକ ବୋଝ ଯଥେଷ୍ଟ ହ୍ରାସ ପାଇବ। ଏହି ପରିବର୍ତ୍ତନ ଦ୍ରୁତ ବିବାଦ ସମାଧାନ, କୋର୍ଟ ମାମଲା ହ୍ରାସ, କମ ଆଇନଗତ ଖର୍ଚ୍ଚ ଏବଂ ଉନ୍ନତ ପ୍ରଶାସନିକ ଦକ୍ଷତା ପ୍ରତିପାଦିତ କରିପାରିବ। ସେହିଭଳି ନୂଆ ରାଜ୍ୟ ଯୋଜନା ‘ସ୍ୱଚ୍ଛ ଓଡିଶା’ର ଅବଧି ୨୦୨୯-୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହ ଏଥିପାଇଁ ୧୬ଶହ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବର୍ତ୍ତମାନ ସ୍ୱଚ୍ଛତା ପାଇଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି, ଯାହା ମୁଖ୍ୟତଃ ବର୍ଜ୍ୟବସ୍ତୁ ପରିଚାଳନା ଓ ବର୍ଜ୍ୟଜଳ ପରିଚାଳନା ଉପରେ ପର୍ଯ୍ୟବେସିତ। କାର୍ଯ୍ୟକାରୀ ହେଉଥିବା ଏହି ସମସ୍ତ ରାଜ୍ୟ ଯୋଜନା ବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ବା ବ୍ୟବହୃତ ଜଳ ପରିଚାଳନା ସହରାଞ୍ଚଳ ସେପ୍ଟିଜ ସିଷ୍ଟମ ଇତ୍ୟାଦି ଗୁଡିକର ସମନ୍ୱୟ ଓ ଏକତ୍ରିକରଣ ଦ୍ୱାରା ସୁଚାରୁ ରୂପେ କାମ କରିବା ପାଇଁ ‘ସ୍ୱଚ୍ଛ ଓଡ଼ିଶା’ ନାମକ ଏକ ନୂଆ ଯୋଜନା ତିଆରି କରାଯାଉଛି। ଏହା ଫଳରେ ଯୋଜନାର କାର୍ଯ୍ୟକାରିତା ସହ ଆର୍ଥିକ ଅନୁଦାନ ପ୍ରଦାନ ଓ ପରିଚାଳନା ସହଜରେ ହୋଇପାରିବ। ‘ସ୍ୱଚ୍ଛ ଓଡ଼ିଶା’ ଯୋଜନା ରାଜ୍ୟ ସରକାରଙ୍କ ଏହି ପ୍ରତିବଦ୍ଧତାକୁ ପ୍ରତିପାଦନ କରେ, ଯାହାର ଉଦ୍ଦେଶ୍ୟ ହେଉଛି ସମସ୍ତ ସହରାଞ୍ଚଳକୁ ବର୍ଜ୍ୟମୁକ୍ତ ଓ ସ୍ୱଚ୍ଛ କରିବା ଏବଂ ପୌରସଂସ୍ଥାମାନଙ୍କୁ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ପରିମ

ଫିରିଙ୍ଗିଆରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଫୁଲବାଣୀ,୧୦।୧୦ (ସଂଚାର ବ୍ୟୁରୋ): ସାରା ରାଜ୍ୟରେ ବିଜୁ ଜନତା ଦଳର ଜନସଚେତନତା ଶୋଭାଯାତ୍ରା ଜାରି ରହିଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ମଧ୍ୟ ବିଜେଡିର ଏହି ଜନସମ୍ପର୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଳିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଜନ ସମ୍ପର୍କ ପଦଯାତ୍ରାରେ କନ୍ଧମାଳ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମ ନାଭ ବେହେରା ଯୋଗଦେଇ ବିଜେଡି ସରକାର ସମୟରେ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉଦବୋଧନ ଦେଇଥିବା ବେଳେ ଆଗାମୀ ଦିନରେ ପୁଣି ଥରେ ବିଜେଡିକୁ କିଭଳି ବହୁମତ ମିଳିବ ସେନେଇ ଜନସାଧାରଣଙ୍କୁ କହିଥିଲେ । ଏହି ଅବସରରେ ବନ୍ଧଗଡ଼ ପଞ୍ଚାୟତ ସହ ଅଂଚଳର ବହୁ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

କୁମାର ପୂର୍ଣ୍ଣିମାରେ କୁମାରୀ ବିବାହ

କାକଟପୁର/ଅସ୍ତରଙ୍ଗ,୧୦।୧୦ (ସଂଚାର ବ୍ୟୁରୋ): କୁମାର ପୂର୍ଣ୍ଣିମାରେ କୁମାରୀ ବିବାହ ଅନୁଷ୍ଠିତ ହୋଇଯାଇଛି। କୁମାର ପୂର୍ଣ୍ଣିମାରେ ଗତ ୬ବର୍ଷରୁ ଊର୍ଦ୍ଧ୍ୱ ହେବ ଅଭିନବ ଉପାୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମର ଝିଅ ମାନଙ୍କ ମଧ୍ୟରେ ବର ଓ କନ୍ୟା ହୋଇ ବିବାହ ଅନୁଷ୍ଠିତ ହେଉଛି। ଏହି ବିବାହ ଦେଖିବା ପାଇଁ ଆଖ ପାଖ ଅଂଚଳରୁ ସ୍ଥାନୀୟ ଲୋକଙ୍କ ସୁଅ ଛୁଟିଥାଏ। ଖୁବ ଧୁମ୍‌ଧାମ୍‌ରେ ଏହି ବାହାଘର ଆୟୋଜନ କରାଯାଇଥିଲା। ପୂରା ଗାଁ ଏହି ବାହାଘରରେ ମଉଜ କରିଥିଲେ। ବର ବେଶରେ ଅମ୍ରିତା ନାୟକ ଓ କନ୍ୟା ବେଶରେ ସୁଶ୍ରୀ ଶ୍ରୀୟା ଶ୍ରୀ ବେହେରା ସଜାଇ ହୋଇଥିଲେ। ବର ଘରୁ ବରଯାତ୍ରୀ ମଧ୍ୟ ପ୍ରୋସେସନ କରି ନାଚ ଗୀତ କରି ଆସିଥିଲେ। ବିବାହ ରୀତିନୀତି ଅନୁଯାୟୀ ଏହି ୨ଟିଅଙ୍କ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ବର ବେଶରେ ଅମ୍ରିତା ନାୟକ ଝିଅ ଘରକୁ ଆସି ବେଦୀରେ ହୋମ ନିଆଁକୁ ସାକ୍ଷୀ ରଖି ଝିଅ ସୁଶ୍ରୀ ଶ୍ରୀୟା ଶ୍ରୀ ବେହେରାଙ୍କୁ ବିବାହ କରିଥିବା ବେଳେ ବ୍ରାହ୍ମଣ ବେଶରେ ମାନସୀ ମୁଦୁଲି ବିବାହ କାର୍ଯ୍ୟ କରିଥିଲେ।

ଜିଲ୍ଲାପାଳଙ୍କ ଅଫିସ ସାମ୍ନା ଏବେ ଅଘୋଷିତ ବସ୍‌ଷ୍ଟାଣ୍ଡ

ଯାଜପୁର,୧୦।୧୦ (ସଂଚାର ବ୍ୟୁରୋ): ଯାଜପୁର ସହରର ମୁଖ୍ୟ ରାସ୍ତା ଗାନ୍ଧି ଛକ ଠାରୁ ଯାଜପୁର ଥାନା ଦେଇ ଯାଇଥିବା ରାସ୍ତା ସବୁବେଳେ ଲୋକ ଓ ଯାନ ଚଳଚଳାରେ ଭରି ରହିଥାଏ। ଏହା ସହରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହେବା ସତ୍ତେ, ଏହି ରାସ୍ତାରେ ସୁବିଧା ଯାତାୟାତ ବ୍ୟବସ୍ଥା ନ ଥିବାରୁ ଏବେ ଅବସ୍ଥା ଦିନକୁ ଦିନ ଜଟିଳ ହୋଇଯାଉଛି।

ରାସ୍ତା ପ୍ରଶସ୍ତିକରଣ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନାରେ ଘରୋଇ ବସ ଗୁଡିକ ଯେପରି ଅଘୋଷିତ ବସ ଷ୍ଟାଣ୍ଡ ତିଆରି କରିଛନ୍ତି, ତାହା ଯାତାୟାତ ବ୍ୟବସ୍ଥାକୁ ସଂପୂର୍ଣ୍ଣ

ଭାବେ ଅସ୍ତବ୍ୟସ୍ତ କରିଦେଇଛି। ସେଠାରେ ସବୁବେଳେ ବସ ରହୁଥିବା ଫଳରେ ଲୋକମାନେ ଅସହାୟ ହୋଇ ଜାମରେ ଅଟକି ରହୁଛନ୍ତି। ଏହି ରାସ୍ତା ଦେଇ ଦିନକୁ ଶହ ଶହ ଲୋକ ଜିଲ୍ଲାପାଳ ଅଫିସ, କୋର୍ଟ, ଡିଆରଡିଏ ଅଫିସ, ପୋଷ୍ଟାଲ ଅଫିସ, ଜିଲ୍ଲା ସ୍କୁଲ, ପୌରପାଳିକା ଅଫିସ ଓ ଯାଜପୁର ଥାନାକୁ ଯାଆନ୍ତି। ଏତେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଅନିୟନ୍ତ୍ରିତ ଯାନ ରଖି, ବସ ଚାଳକଙ୍କ ଅନୁଶାସନହୀନ ବ୍ୟବହାର ଓ ପ୍ରଶାସନୀୟ ନିରବତା ଫଳରେ ଦିନକୁ ଦିନ ଦୁର୍ଘଟଣା ବଢୁଛି।

ପ୍ରଶାସନ ନିରବ, ଲୋକେ ହନ୍ତସନ୍ତ

ସହରବାସୀଙ୍କ ଅଭିଯୋଗ- "ଯେଉଁଠି ଜିଲ୍ଲାପାଳ ଅଫିସ ଅଛି ସେଠି ଆଇନ ଓ ଶୃଙ୍ଖଳା ଭଙ୍ଗ ହେଉଛି, ଏହା ଦୁଃଖଦ ଓ ଲଜ୍ଜାଜନକ।" ସେମାନେ ଦାବି କରିଛନ୍ତି ଯେ, ଅବିଳମ୍ବେ ଏହି ଅଘୋଷିତ ବସ ଷ୍ଟାଣ୍ଡକୁ ସ୍ଥାନାନ୍ତର କରି ଯାତାୟାତରେ ସୁବିଧା ଫେରାଇ ଆଣାଯାଉ।

ଏସଆଇ ପରୀକ୍ଷା ସ୍କାମ୍ ବିରୋଧରେ ବିଜେଡିର ଗର୍ଜନ

ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ସହ ସିବିଆଇ ତଦନ୍ତ ଦାବି

ବ୍ରହ୍ମପୁର,୧୦।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଯୁବ ଛାତ୍ର ବିଜେଡି ପକ୍ଷରୁ ରାଜ୍ୟ ପୁଲିସ୍ ଏସଆଇ ପରୀକ୍ଷା ସ୍କାମ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ସ୍ଥାନୀୟ ରାମଲିଙ୍ଗମ ପାର୍କ ଠାରୁ ଖଲ୍ଲିକୋଟ କଲେଜ ପର୍ଯ୍ୟନ୍ତ ଦଳୀୟ ହେବିୱେଟ୍‌ଙ୍କ ସମେତ ଯୁବ ଛାତ୍ର ଓ ମହିଳା ଜନତା ଦଳର ସଦସ୍ୟମାନେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ଯାଇ ସେଠାରେ କୁଶପୁତ୍ତଳିକା ଦାହ କରିଥିଲେ। ପୁଲିସ୍ ଏସଆଇ ଚାକିରୀ ବିକ୍ରି, ଦୁର୍ନୀତି ଏବଂ କେଳେଙ୍କାରୀର ନାରା ଦେବା ସହ ବିଜେପି ସରକାର ଉପରେ ବର୍ଷିଥିଲେ ବିଜେଡି ନେତା। ଏହାସହ ସରକାରଙ୍କ ଛାତ୍ର ଭବିଷ୍ୟତ ଅନ୍ଧାର କରିବା

ନୀତିକୁ ତୀବ୍ର ବିରୋଧ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ସହ ନିଯୁକ୍ତି ଜାଲିଆତି ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲା ଯୁବ ଛାତ୍ର ବିଜେଡି।

ସାପ କାମୁଡ଼ା ଓ ବଜ୍ରପାତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ,୧୦।୧୦ (ସଂଚାର ବ୍ୟୁରୋ): ସାପକାମୁଡା ଓ ବଜ୍ରପାତ ହେଉଛି ଏଭଳି ଏକ ବିପର୍ଯ୍ୟୟ ଯାହା କେବଳ ସଚେତନତା ଓ ସତର୍କତା ମାଧ୍ୟମରେ ସୁରକ୍ଷା ହୋଇପାରିବ। ଏଥିରେ ଶିକାର ହୋଇ ବହୁ ଧନ ଜୀବନ ହାନି ହେଉଥିବା ବେଳେ ଏହାକୁ ବିପର୍ଯ୍ୟୟ ତାଲିକାରେ ଅର୍ନ୍ତଭୂକ୍ତ କରି ଓଡିଶା ସରକାର ମୃତ୍ୟୁବରଣ କରୁଥିବା ମନୁଷ୍ୟ ଓ ପଶୁ ସମ୍ପଦ ପାଇଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଖଜୁରିପଡା ପଂଚାୟତ ସମିତି ବୈଠକ ଗୃହ ଠାରେ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାପ କାମୁଡା ଓ ବଜ୍ରପାତ ସଂପର୍କରେ ଉପସ୍ଥିତ ଜନସାଧାରଣମାନଙ୍କୁ ସଚେତନ କରାଯାଇଥିଲା।

ଯୋଗାଣ ବିଭାଗର ଅବହେଳା, ହନ୍ତସନ୍ତ ହେଉଛନ୍ତି ଉପଭୋକ୍ତା

ବାଲିଅନ୍ତା,୧୦।୧୦ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଖାଦ୍ୟ ନିରାପତ୍ତା ଯୋଜନାରେ ଲୋକଙ୍କୁ ଯୋଜନାଭୁକ୍ତ କରାଯିବାରେ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି । ଅଭିଯୋଗ କରାଯିବା ସତ୍ୱେ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକଏହାର ସରଜମିନ ତଦନ୍ତ କରି ପ୍ରକୃତ ଗରିବ ଲୋକଙ୍କୁ ଯୋଜନାଭୁକ୍ତ କରାଇ ଖାଉଟି ସାମଗ୍ରୀ ପ୍ରଦାନରେ ଅବହେଳା କରୁଥିବା ଅଭିଯୋଗ ହେଉଛି । ଆୟକର ପୈଠ କରୁନଥିଲେ ହେଁ ଅନେକ ଲୋକ ତଦନ୍ତରେ ତ୍ରୁଟି ଯୋଗୁ କାର୍ଡ ପାଇପାରୁନାହାନ୍ତି । ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ନେଇ ଆବେଦନକାରୀ ବ୍ଲକ ପଞ୍ଚାୟତ ଦୌଡୁଛନ୍ତି । ହେଲେ ତାଙ୍କୁ ପ୍ରକୋଷ୍ଠରେ ନପାଇ ହିତାଧିକାରୀ ଏବଂ ଆବେଦନକାରୀ ନିରାଶ ହୋଇ ଫେରୁଥିବା ଲକ୍ଷ୍ୟ କରାଯାଉଛି ।

ବ୍ଲକ ଅଧିକାରୀଙ୍କର ମଧ୍ୟ ଯୋଗାଣ ବିଭାଗ ଉପରେ ଅଙ୍କୁଶ ରହୁ ନାହିଁ। ଅପରପକ୍ଷରେ ଚାରିଚକିଆ ଦାମୀ ଗାଡି ଏବଂ ବଙ୍ଗଳା ଥିବା ଲୋକେ ରାସନ ହାତଉଛନ୍ତି । ସେହିପରି ପେଟ୍ରୋଲ ଓ ଡିଜେଲ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ଆସୁଥିଲେ ମଧ୍ୟ ଅଧିକାରୀ ପେଟ୍ରୋଲ ଟାଙ୍କିରେ ଚଢ଼ଉ କରି ତେଲର ମାନ ଯାଞ୍ଚ କରାଯାଉ ନାହିଁ। ଏବଂ ପେଟ୍ରୋଲ ଟାଙ୍କି ମାଲିକଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି। ବଦଳରେ ଅଧିକାରୀ ଉତ୍କୋଚ ନେଇ ପକେଟ ଗରମ କରୁଥିବା କୁହାଯାଉଛି। ଫଳରେ ଯୋଗାଣ ବିଭାଗର ଅବହେଳାରୁ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଗୋରୁ ଛାଡ଼ିଲେ ଗଣିବେ ତଣ୍ଡ, ଜାରି ହେଲା ନୋଟିସ୍

ହିଞ୍ଜିଳିକାଟୁ,୧୦।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସହରର ବିଭିନ୍ନ ରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଏପରି କି ଦୁର୍ଘଟଣା ଘଟି କେତେବେଳେ ଗୋରୁ ତ ଆଉ କେତେବେଳେ ବାଇକ୍ ଆରୋହୀଙ୍କ ଜୀବନ ଯାଉଛି। କିନ୍ତୁ ଗାଈ ରଖିଥିବା ମାଲିକମାନେ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଭଳି ସ୍ଥଳେ ହିଞ୍ଜିଳିକାଟୁ ମୁନିସିପାଲିଟି ଆରମ୍ଭ କରିଛି ଗୋରୁ ମାଲିକଙ୍କୁ ନୋଟିସ। ଗୋରୁ ମାନଙ୍କୁ ନିର୍ଦ୍ଧିଷ୍ଟ ଗୁହାଳରେ ରଖିବା ଓ ସେମାନଙ୍କ ଯତ୍ନ ନେବା, ରାସ୍ତାକୁ ନ ଛାଡିବା ପାଇଁ ପୌର କର୍ମଚାରୀ ବୁଲି ବୁଲି ନୋଟିସ ଜାରି କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କିଛି ମାଲିକଙ୍କୁ ନୋଟିସ ପରେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ମାଲିକଙ୍କୁ ନୋଟିସ ଜାରି ହେବ।ଏଥିରୁ ବିଚ୍ୟୁତ ହେଲେ ବା କେହି ଅବମାନନା କଲେ ମୁନିସିପାଲିଟି ତରଫରୁ ତଣ୍ଡ ଗ୍ରହଣ କରାଯିବ ବୋଲି ମୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି।

ବରାହ ନାଥ ଶିବା ପ୍ରକଳ୍ପ ଅବହେଳିତ



ଯାଜପୁର,୧୦।୧୦ (ସଂଚାର ବ୍ୟୁରୋ): ଯାଜପୁର ସହରର ବରାହ ନାଥ ସ୍ଥଳୀରେ ତିଆରି ହେଉଥିବା ଶିବା ପ୍ରକଳ୍ପ ସରକାର ପରିବର୍ତ୍ତନ ପରେ ଅବହେଳିତ ଅବସ୍ଥାରେ ପଡି ରହିଛି। ପୂର୍ବ ସରକାର ସମୟରେ ସଂସ୍କୃତି ବିଭାଗ ଦ୍ୱାରା ୬ କୋଟି ଟଙ୍କା ଅନୁଦାନ ମିଳିଥିଲେ ମଧ୍ୟ, ତିନି ବର୍ଷ ବିତିଗଲା ପରେ ମଧ୍ୟ ପ୍ରକଳ୍ପ କାମ ଅଧାରେ ଅଟକି ରହିଛି। ଓଟିଡିସି ଦ୍ୱାରା ଯୋଗାଯୋଗ ହୋଇଥିବା ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନପାରିବାରୁ ଅର୍ଥ ରାଜ୍ୟ ରାଜକୋଷକୁ ଫେରି ଯାଇଛି ବୋଲି ଖବର ମିଳିଛି। ଏହାର ଫଳରେ ପ୍ରକଳ୍ପ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଚିହ୍ନ ଦେଖାଦେଇଛି। ଏହି ପବିତ୍ର ସ୍ଥାନରେ ଏବେ ଅସାମାଜିକ ଲୋକମାନେ ଆଡ୍ଡା ଜମାଇ ରାତିରେ ମଦ୍ୟପାନ ଓ ଅସଭ୍ୟ କାର୍ଯ୍ୟ କରୁଥିବା ଦେଖାଯାଉଛି। ଶିବଙ୍କ ମୂର୍ତ୍ତି ଉପରକୁ ଚଢ଼ି ନିଷାଡିମାନେ ଯେପରି ଅସମ୍ଭବ ବ୍ୟବହାର କରୁଛନ୍ତି, ତାହା ହିନ୍ଦୁ ଭକ୍ତମାନଙ୍କ ଧାର୍ମିକ ଭାବନାକୁ ଗୁଭୀର ଆଘାତ ଦେଇଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ବରାହ ନାଥ ଶିବା ପ୍ରକଳ୍ପ ଯଦି ସମ୍ପୂର୍ଣ୍ଣ ହୋଇଥାନ୍ତା, ତେବେ ଯାଜପୁର ଧାର୍ମିକ ପର୍ଯ୍ୟଟନରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଥାନ୍ତା। ସରକାର ଓ ପ୍ରଶାସନ ତ୍ରୁଟିହୀନ ଭାବେ ଏହି ପ୍ରକଳ୍ପକୁ ପୁନରୁଜ୍ଜୀବିତ କରି ଧାର୍ମିକ ସଂସ୍କୃତିକ ଉତ୍ସାହକୁ ସୁରକ୍ଷା ଦିଅନ୍ତୁ ବୋଲି ସହରର ଜନସାଧାରଣଙ୍କ ଦାବି କରିଛନ୍ତି।

ଆଙ୍ଗୁଲାରେ ସ୍ୱଚ୍ଛ ଭାରତ ଅଭିଯାନ

ଚିଲିକା/ବାଣପୁର,୧୦।୧୦ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକର ଆଙ୍ଗୁଲା ଗ୍ରାମପଂଚାୟତ ରାହାଣବେଲି ଗ୍ରାମରେ ପ୍ରୟତ୍ନ ସଂସ୍ଥା ଓ ଏଚ୍.ଡି.ଏଫ୍.ସି ବ୍ୟାଙ୍କର ମିଳିତ ସହଯୋଗରେ ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଯାଇଅଛି । ସମଗ୍ର ଗ୍ରାମରେ ସ୍ୱଚ୍ଛତା ବାବଦରେ ଜାଗ୍ରତ କରିବା ପାଇଁ ଏକ ବିଶେଷ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକ, ମହିଳା, ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପରେ ଗ୍ରାମ ଶେଷରେ ମା' ତାରିଣୀ ପୀଠ ନିକଟରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ଗୀତ ମାଧ୍ୟମରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ସନ୍ଦେଶ ଦେଇଥିଲେ ।

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ଗୋପ,୧୦।୧୦ (ସଂଚାର ବ୍ୟୁରୋ): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀ ଡଭାର ଗ୍ରାମପଞ୍ଚାୟତର ଡଭାର ଗ୍ରାମରେ ପ୍ରଗତିଶୀଳ କୃଷକ ସଂଗଠନ ବନ୍ୟାଞ୍ଚଳ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବନ୍ୟାଞ୍ଚଳ କୃଷକ ସଂଗଠନର ସଭାପତି ଜିତେନ୍ଦ୍ରୀୟ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ ପ୍ରଦୀପ ପ୍ରକ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ସମୀର ରଞ୍ଜନ ଦାସ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମାଜ ପ୍ରତି ତ୍ୟାଗ ଓ ଅମ୍ଲାନ କୀର୍ତ୍ତୀର ସ୍ମୃତି ଚାରଣ କରି ବହୁମୁଖୀ ପ୍ରତିଭାର ଅଧିକାରୀ ଗୁଣଗାନ କରି ଯୁବ ସମାଜ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ସମାଜସେବୀ, ବୁଦ୍ଧିଜୀବୀ ଓ ଗୋପବନ୍ଧୁ ପ୍ରେମୀ ବ୍ୟକ୍ତି ବିଶେଷ ମାନେ ଯୋଗଦାନ କରିଥିଲେ।

ସମ୍ ନର୍ସିଂ କଲେଜ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ଶିବିର

ଭୁବନେଶ୍ୱର,୧୦।୧୦ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ ନର୍ସିଂ କଲେଜ (ଏସ୍‌ଏନ୍‌ସି)ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସେପ୍ଟେମ୍ବର ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଛତାବର ଗ୍ରାମରେ ଏକ ସ୍ୱତନ୍ତ୍ର ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ନିଶାଦ୍ରବ୍ୟର ଅପବ୍ୟବହାରକୁ ନେଇ ଏକ ସଚେତନତା ରାଲି ଆୟୋଜନ କରାଯିବା ସହ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ଏବଂ ସମାଜ ଉପରେ ଅବୈଧ ଔଷଧର କୁପ୍ରଭାବ ବିଷୟରେ ଅବଗତ କରାଯାଇଥିଲା। ପୁଷ୍ଟିକର ଖାଦ୍ୟକୁ ପ୍ରୋତ୍ସାହିତ କରିବା, ଡେଙ୍ଗୁ ନିୟନ୍ତ୍ରଣ ଓ ମଶାବାହିତ ରୋଗ ଉପରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧ୍ୟରେ ହୃଦଘାତ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକକ ନାଟକ ପରିବେଷଣ କରିଥିଲେ।

ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

ଖୋର୍ଦ୍ଧା,୧୦।୧୦ (ସଂଚାର ବ୍ୟୁରୋ): ଜିଲ୍ଲାପରିଷଦ ସନ୍ନିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ ସାଂସଦ, ଅପରାଜିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲାପାଳ ଅମ୍ରିତ୍ ରଞ୍ଜୁରାଜ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ, ଲାଡେ ଗଜାନନ ଦୟାନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ପୁରୀ ସାଂସଦଙ୍କ ପ୍ରତିନିଧି ପଶୁରାମ ବିଶୋଇ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ତା ୦୫.୧୦.୨୦୨୫ ରେ ଅନୁଷ୍ଠିତ ବୈଠକରେ ପ୍ରସ୍ତାବ ଗୁଡ଼ିକର ଅନୁପାଳନ ଉପରେ ଆଲୋଚନା କରିଥିଲେ। ପରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ୪୩ ଗୋଟି କେନ୍ଦ୍ର ସରକାର ଓ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକ ଅଗ୍ରଣୀ ଜନକଲ୍ୟାଣ ଯୋଜନାର ସମ୍ପୃକ୍ତ ଅଧିକାରୀ ଓ ବି.ଡି.ଓ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ପ୍ରତି ୩ ମାସରେ ଦିଶା ବୈଠକ ବସିବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହ

● ଅକ୍ଷୟ ଶକ୍ତି ବ୍ୟାଙ୍କିଂ କ୍ଷେତ୍ରରେ ଗ୍ରୀଡକୋର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ରିନ୍ୟୁ ଇ-ଫ୍ୟୁଏଲସ୍ ଓ ଅଲଟ୍ରାଟେକ୍ ସହ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଗ୍ରୀଡକୋ ଦୁଇଟି କମ୍ପାନୀ ସହ ଅକ୍ଷୟ ଶକ୍ତି ବ୍ୟାଙ୍କିଂ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ମେସର୍ସ ରିନ୍ୟୁ ଇ-ଫ୍ୟୁଏଲସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ମେସର୍ସ ଅଲଟ୍ରାଟେକ୍ ସିମେଣ୍ଟ୍ ଲିମିଟେଡ୍ ସହ ହୋଇଛି। ରିନ୍ୟୁ ଇ-ଫ୍ୟୁଏଲ୍ସ ସହ ୫୦ ମେଗାୱାଟ୍ ପାଇଁ ଓ ମେସର୍ସ ଅଲ୍ଟ୍ରାଟେକ୍ ସିମେଣ୍ଟ୍ ସହ ୬.୨୫ ମେଗାୱାଟ୍ ପାଇଁ ଚୁକ୍ତି ହୋଇଛି। ରାଜ୍ୟର ଅକ୍ଷୟ ଶକ୍ତି ଅନୁକୂଳ ଓ ଗ୍ରୀନ ହାଇଡ୍ରୋଜେନ୍ ବ୍ୟବହାରକୁ ଆଗକୁ ବଢ଼ାଇବା, ଏକ ସ୍ଥାୟୀ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଏହି ଚୁକ୍ତି ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି। ଏ ସଂକ୍ରାନ୍ତରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ବର୍ଦ୍ଧିତ ଶିଳ୍ପ ଚାହିଦା ପରିପ୍ରେକ୍ଷୀରେ ଦୃଢ଼ ନୀତି, ସୁଦୃଢ଼ ସବୁଜ ଭିତ୍ତିଭୂମି ଓ ରଣନୈତିକ ବନ୍ଦର ଦ୍ୱାରା ସମର୍ଥିତ ଏହି ଚୁକ୍ତିନାମା ରାଜ୍ୟର ନେତୃତ୍ୱ ଓ ଶିଳ୍ପ ବିକାଶ ପାଇଁ ଉଦ୍ଦିଷ୍ଟ। ରାଜ୍ୟ ସରକାର ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ସହ ୧୪ଟି ସବୁଜ ହାଇଡ୍ରୋଜେନ୍/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି, ଯାହାକି ୨୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ସେହିପରି ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ କହିଛନ୍ତି ଯେ ସୌର ଓ ପବନ ଭଳି ନବୀକରଣୀୟ ଶକ୍ତି ଉତ୍ସରୁ ଉତ୍ପାଦିତ ଶକ୍ତି ପାଣିପାଗ ପରିସ୍ଥିତି ଉପରେ ନିର୍ଭରଶୀଳ ହୋଇଥିବାରୁ ପାୱାରର ବ୍ୟାଙ୍କିଂ ନିହାତି ଜରୁରୀ। ଏହା ଅତିରିକ୍ତ ଉତ୍ପାଦନ ସମୟରେ ଶକ୍ତି ବ୍ୟାଙ୍କିଂ କରିବ ଓ ଲିନ୍ ଅବଧି ସମୟରେ ମହଜୁଦ ଥିବା ଶକ୍ତିକୁ ବ୍ୟବହାର କରିବ। ଏଥିରେ ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ରିନ୍ୟୁ ଓ ଅଲ୍ଟ୍ରାଟେକ୍ ସିମେଣ୍ଟର ପ୍ରତିନିଧି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆସନ୍ତା ୨୪ ଘଣ୍ଟାରେ ଭୀଷଣ ବର୍ଷା
୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ତୃତୀୟ ଦିନ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରାଯାଇଛି। କିନ୍ତୁ ପରବର୍ତ୍ତୀ ୪ ଦିନ ପାଇଁ କୌଣସି ଚେତାବନୀ ଦିଆଯାଇନାହିଁ। ଅନ୍ୟପକ୍ଷରେ ଆଜି ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।ସେହିପରି ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡିକ ମଧ୍ୟରୁ କେତେକ ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବାର ସମ୍ଭାବନା ରହିଛି।

ଭିଜିଲାନ୍ସ ହାତରେ ଆକାଉଣ୍ଟାଣ୍ଟ ଓ ସହଯୋଗୀ

● ବିଲ୍ କରାଇବାକୁ ନେଉଥିଲେ ଲାଞ୍ଚ

ଜଳେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଜଳେଶ୍ୱର ମ୍ୟୁନିସିପାଲଟିରେ ହୋର୍ଡିଂ ଓ ଲାଇଟ ପୋଷ୍ଟ ବାବଦରେ ବିଲ୍ ପାସ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଦୁଇ ଜଣ କର୍ମଚାରୀଙ୍କୁ ମାଡ଼ି ବସିଛି ବାଲେଶ୍ୱର ଭିଜିଲାନ୍ସ ଟିମ୍। ଆକାଉଣ୍ଟାଣ୍ଟ ବ୍ରଜ ଗୋପାଳ ଘୋଷ ଓ ତାଙ୍କ ସହଯୋଗୀ ରତିକାନ୍ତ ପାତ୍ର ଅଟକ ରହିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନସିପାଲଟିରେ। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ଅଭିଯୋଗକାରୀ ତଥା ଠିକାଦାର ଜ୍ୟୋତି ମହାପାତ୍ର ମ୍ୟୁନିସିପାଲଟିରେ ହୋର୍ଡିଂ ଓ ଲାଇଟ ପୋଷ୍ଟ କାର୍ଯ୍ୟ ପାଇଁ ବିଲ୍ ଉଠାଇବାକୁ ଆସିଥିଲେ। ମାତ୍ର ଆକାଉଣ୍ଟାଣ୍ଟ ବ୍ରଜଗୋପାଳ ୧ ଲକ୍ଷ ଟଙ୍କାର ବିଲ୍ ପାସ୍ କରିବାକୁ ଠିକାଦାରଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। କିନ୍ତୁ ଠିକାଦାର ଜଣଙ୍କ ଏଥିରେ ରାଜି ନ ହୋଇ ବ୍ରଜଗୋପାଳଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେବା ସହ ଏନେଇ ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟରେ ଖବର ଦେଇଥିଲେ। ଆଜି ଯୋଜନାବଦ୍ଧ ଭାବେ ଭିଜିଲାନ୍ସ ଡିଏସପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଚଢ଼ାଉ କରି ଉକ୍ତ ଲାଞ୍ଚ ବାବଦ ୧୦ ହଜାର ଟଙ୍କା ଜବତ କରିବା ସହ କମ୍ପ୍ୟୁଟରର ହୋର୍ଡିଂ ଡିସ୍କ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଏଥିସହ ବ୍ରଜଗୋପାଳ ଓ ରତିକାନ୍ତଙ୍କୁ ଅଟକ ରଖାଯାଇ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏଥିସହ ବ୍ରଜଗୋପାଳ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ମଧ୍ୟ କରାଯାଇଥିବା ଜଣାପଡ଼ିଛି।

ଜଙ୍ଗଲ ଛାଡ଼ି ଗାଁମୁହାଁ ହାତୀପଲ

■ ଶହଶହ ହେକ୍ଟର ଧାନ ଗଛ ଦଳିଚକଟି କରୁଛନ୍ତି ନଷ୍ଟ



ଅନୁଗୁଳ, ୧୦।୧୦ (ସଂଚାର ବ୍ୟୁରୋ) : ଜଙ୍ଗଲ ଛାଡ଼ି ଗାଁ ମୁହାଁ ହାତୀପଲ । ଅନୁଗୁଳରେ ହାତୀପଲଙ୍କ ଉତ୍ପାତ । ହାତୀପଲଙ୍କୁ ଦେଖି ଭୟଭୀତ ଲୋକେ । ଅନୁଗୁଳ ଜିଲ୍ଲା ନୂଆ ସାହି, କାଙ୍ଗୁଲା ଓ ଗୋପୀନାଥପୁର ଅଞ୍ଚଳରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ଶହଶହ ହେକ୍ଟର ଧାନ ଗଛ ଦଳିଚକଟି କରି ଧାନ ଫସଲ କ୍ଷୟକ୍ଷତି କରିଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହୋଇଛନ୍ତି ହାତୀପଲ। ଗତକାଲି ରାତି ୧୦ଟା ସମୟରେ ପ୍ରାୟ ୪୦ରୁ ଅଧିକ ହାତୀ ପଲ ନାଲକୋ ସ୍ଲେଲ୍ଟର ପ୍ଲାଣ୍ଟ ସୀମା ଅଞ୍ଚଳ ଗୋପୀନାଥପୁର ଓ କାଙ୍ଗୁଲା ଅଞ୍ଚଳକୁ ପ୍ରବେଶ କରି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ପରେ ହାତୀପଲ ଏକାଠି ଜଳକ୍ରୀଡା କରିଛନ୍ତି ।

ଫ୍ଲାଟ୍ କିଣାବିକା ନାଁରେ ମହିଳାଙ୍କୁ ଦୁଷ୍କର୍ମ

■ ବରମୁଣ୍ଡା ବସଷ୍ଟାଣ୍ଡରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ) : ଫ୍ଲାଟ୍ କିଣାବିକା ନାଁରେ ମହିଳାଙ୍କୁ ଦୁଷ୍କର୍ମ। ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରୁ ଅଭିଯୁକ୍ତ ମାନସ ରଞ୍ଜନ ଦାସକୁ ଗିରଫ କଲା ପୋଲିସ । ଜୁଲାଇ ୧୦ ତାରିଖରେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏକୁଟିଆର ସୁଯୋଗ ନେଇ ତାଙ୍କୁ ଭରତପୁରସ୍ଥିତ ଫ୍ଲାଟରେ ଦୁଷ୍କର୍ମ କରିଥିଲେ । ଏନେଇ ପିଡ଼ୀତା ଭରତପୁର ଥାନାରେ ଭିଯୋଗ କରିଥିଲେ। ସେବେଠୁ ଫେରାର ଥିଲେ ମାନସ ଦାସ । ରାଜ୍ୟ ବାହାରକୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ମାନସଙ୍କୁ ଗିରଫ କରିଛି ପୋଲିସ। ଅଭିଯୋଗ ଅନୁଯାୟୀ ଅଭିଯୋଗକାରିଣୀ ଓ ତାଙ୍କ। ବାପାଙ୍କର ପଟିଆ ଅଞ୍ଚଳରେ ଥିବା ଦୁଇଟି ପ୍ଲାଟ ବିକ୍ରି କରିବା ପାଇଁ ମାନସଙ୍କ ସହ ଡିଲ୍ ହୋଇଥିଲା। ତେବେ ଅଗ୍ରିମ ବାବଦରେ କିଛି ଟଙ୍କା ମାନସ ଦେଇଥିଲେ ଏବଂ ପଞ୍ଜୀକରଣ ସମୟରେ ସମ୍ପୂର୍ଣ୍ଣ ଟଙ୍କା ଦେବେ ବୋଲି କହିଥିଲେ। ପରେ କିନ୍ତୁ ଆଉ ଟଙ୍କା ନ ଦେଇ ଧରାଛୁଆଁ ଦେଉନଥିଲେ । ସେନେଇ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ପାଇଁ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ଥିବା ବେଳେ। ସେଠାରେ ଅଭିଯୋଗ କାରିଣୀ ସହ ଏପରି ଦୁଷ୍କର୍ମ କରିଥିବା ଅଭିଯୋଗକାରିଣି ଭରତପୁର ଥାନାରେ ଅଭିଯୋଗ କରିଥିଲେ । ତେବେ ମାନସଙ୍କ ନାଁରେ ପୂର୍ବରୁ ମଧ୍ୟ ଭରତପୁର ଖଣ୍ଡଗିରି ଓ ଚନ୍ଦକା ଥାନାରେ ମଧ୍ୟ କେସ ରହିଛି ।

କାର୍ଯ୍ୟରେ ଅବହେଳା ପାଇଁ ଏସ୍ଆଇ ନିଲମ୍ବିତ

■ ତଦନ୍ତ ପାଇଁ ନିଜେ ନ ଯାଇ ଯୁବକଙ୍କୁ ପଠାଇ ଥିଲେ

ଭଦ୍ରକ, ୧୦।୧୦ (ସଂଚାର ବ୍ୟୁରୋ) : ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍ଆଇ ନିଲମ୍ବିତ। ତଦନ୍ତ ପାଇଁ ଅସଲି ପୋଲିସ ନକଲି ପୋଲିସକୁ ପଠାଇ ନିଲମ୍ବିତ ହୋଇଛନ୍ତି । ଗ୍ରାମାଞ୍ଚଳ ଥାନାର ସବ ଇନିସପେକ୍ଟର କାର୍ତ୍ତିକ ଜେନାଙ୍କୁ ନିଲମ୍ବନ କରାଯାଇଥିବା ଭଦ୍ରକ ଏସପି ମନୋଜ ରାଉତ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ରସିକବାଦ ଗାଁରେ ପାରିବାରିକ କଳହକୁ ନେଇ ଅଭିଯୋଗ ହୋଇଥିଲା । ତେବେ ଦାୟିତ୍ୱରେ ଥିବା ପୋଲିସ SI ନିଜେ ନଯାଇ ତଦନ୍ତ ପାଇଁ ଯୁବକଙ୍କୁ ପଠାଇଥିଲେ। ଯୁବକ ଜଣଙ୍କ ମଧ୍ୟ ଗାଁକୁ ଯାଇ ଅଭିଯୋଗକାରିଣୀଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ । ପରେ କିଛି ଟଙ୍କା ମଧ୍ୟ ମାଗିଥିଲେ।ସ୍ଥାନୀୟ ଲୋକେ ଏହା ଜାଣି ସନ୍ଦେହ କରି ପରିଚୟ ପତ୍ର ମାଗିବାରୁ ସେ ନିଜକୁ ଗୁଇନ୍ଦା ବିଭାଗ କର୍ମଚାରୀ ବୋଲି କହିଥିଲେ। ଅଧିକ ସନ୍ଦେହ ହେବାରୁ ଗ୍ରାମବାସୀ ଯୁବକଙ୍କୁ ଅଟକ ରଖି ପୋଲିସକୁ ଡାକିବାରୁ ପୋଲିସ ଯାଇ ଚିହ୍ନଟ କରିଥିଲା ଯେ ଯୁବକ ଜଣକ ଅସଲି ପୋଲିସ ନୁହନ୍ତି। ତେଣୁ ଗ୍ରାମାଞ୍ଚଳ ପୋଲିସ ସେହି ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଆରମ୍ଭ କରିଛି । ତେବେ ସମ୍ପୃକ୍ତ ଯୁବକ ଜଣଙ୍କୁ ପୋଲିସ ସବ ଇନ୍ସପେକ୍ଟର କାର୍ତ୍ତିକ ଜେନା ପଠାଇ ଥିଲେ ବୋଲି ଭଦ୍ରକ ଏସପି ପ୍ରମାଣ ପାଇଲା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଜଣାଯାଇଛି ।

● ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

ଛତିଶଗଡ଼ୀ ଯୁବକ ଅଟକ

ପୁରୀ,୧୦।୧୦(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ଉପରେ ପୁଣି ଉଡିଲା ଡ୍ରୋନ୍। ଡ୍ରୋନ୍ ଉଡୁଥିବା ଦୃଶ୍ୟ ସାମ୍ନାକୁ ଆସିବା ପରେ ପୁରୀ ପୁଲିସର ଆକ୍ସନ। ଡ୍ରୋନ୍ ଜବତ୍ କରିବା ସହ ଏହାକୁ ଉଡ଼ାଇଥିବା ଯୁବକଙ୍କୁ ଅଟକ ରଖିଛି ପୁଲିସ। ପୁରୀ ଏସପି ପ୍ରତୀକ ସିଂଙ୍କ ନଜରକୁ ଆସିବା ପରେ ନିଆଯାଇଛି ଆକ୍ସନ। ସମ୍ପୃକ୍ତ ଯୁବକକୁ ସିଂହଦ୍ୱାର ଥାନା ପୁଲିସ ଅଟକ ରଖିଛି। ଅଟକ ଯୁବକ ଜଣଙ୍କ ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବ। ହାଡ଼ଗୋଡିଆ ସାହି ଶନି ମନ୍ଦିର ନିକଟରୁ ସମ୍ପୃକ୍ତ ଯୁବକକୁ ଧରିବାରେ ସକ୍ଷମ ହୋଇଛି ପୁଲିସ।

୩୨ ଦିନ ପରେ ଓଡ଼ିଶା ଫେରିଲେ ନବୀନ

ଭୁବନେଶ୍ୱର, ୧୦।୧୦ (ସଂଚାର ବ୍ୟୁରୋ) : ଓଡ଼ିଶା ଫେରିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେପ୍ଟେମ୍ବର ୭ ତାରିଖରେ ଦିଲ୍ଲୀ ଯାଇଥିଲେ ନବୀନ। ଦିଲ୍ଲୀରେ ୩୨ ଦିନ ରହିବା ପରେ ଓଡ଼ିଶା ଫେରିଛନ୍ତି। ବିଭିନ୍ନ ସାମାଜିକ ଓ ବ୍ୟକ୍ତିଗତ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀ ଗସ୍ତରେ ଥିଲେ ନବୀନ। ଏବେ ନୂଆପଡ଼ା ଉପନିର୍ବାଚନ ଲାଗି ପ୍ରାର୍ଥୀ ଚୟନ ଥିବାରୁ ସେ ଓଡ଼ିଶା ଫେରିଥିବା କୁହାଯାଉଛି। ସୂଚନାଯୋଗ୍ୟ, ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାବେଳେ ନବୀନଙ୍କ ଦିଲ୍ଲୀ ଗସ୍ତ ନେଇ ଚର୍ଚ୍ଚା ବଢ଼ିଥିଲା। ନବୀନ ନିବାସରେ ବସିଥିଲା ବିଜେଡି ରାଜନୈତିକ ବ୍ୟାପାର କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ନବୀନ ଦଳକୁ ପରିଚାଳନା କରିବା, ଦଳର ରଣନୀତିକୁ ଦିଗ ଦେବା ଓ ନୀତି ନିର୍ଦ୍ଧାରଣ କରିବା ନେଇ ଏହି ବୈଠକରୁ ବଡ଼ ବାର୍ତ୍ତା ଦେଇଛନ୍ତି। ଦଳର ଯୁବ, ଛାତ୍ର ଓ ମହିଳା ସଂଗଠନକୁ ଆହୁରି କିପରି ସୁଦୃଢ କରାଯିବ ଏବଂ ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବା ପାଇଁ ପିଏସି ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହା ସହ ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ଉଠିବାକୁ ଥିବା ପ୍ରସଙ୍ଗ ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଦଳିତ, ଆଦିବାସୀ, ମହିଳାଙ୍କ ବିରୋଧରେ ଅତ୍ୟାଚାର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଭ୍ରାଟକୁ ନେଇ ଆସନ୍ତା ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ।

ବିଦେଶ ଗସ୍ତରେ ବାଚସ୍ପତି

ମହିଳାଙ୍କ ସମାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୦।୧୦(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ୬୮ତମ ବିଦେଶ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ଅବସରରେ ସେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେ ବାର୍ବାଡୋସ୍ ଗସ୍ତରେ ବ୍ରିଜ୍‌ଟାଉନଠାରେ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇଛନ୍ତି। ଏଥିରେ ସେ କହିଛନ୍ତି ଯେ ଭାରତ ବୃହତ ଗଣତନ୍ତ୍ର ସତ୍ତ୍ୱେ ୩୦ ବର୍ଷରେ ସଂସଦ ମାତ୍ର ୨୭ ପ୍ରତିଶତ ମହିଳାଙ୍କ ପ୍ରତିନିଧିତ୍ୱ ପାଇପାରିଛି। ତେଣୁ ଦେଶରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜାତୀୟ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଆଇନ ପ୍ରଣୟନ ହୋଇଛି। ମହିଳାମାନେ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ମହିଳା ସଶକ୍ତିକରଣ ହେଉଛି ସମୟର ଆହ୍ୱାନ ଓ ଆଜିର ଆବଶ୍ୟକତା। ତେଣୁ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ମହିଳାମାନଙ୍କର ଅଂଶଗ୍ରହଣ ଓ ଭାଗୀଦାରୀ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି କ୍ରମରେ ଓଡ଼ିଶାରେ ତୃଣମୂଳ ସ୍ତରରୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉତ୍ତମ ଅଭ୍ୟାସ ଓ ରଣନୀତି ଦ୍ୱାରା ମହିଳାମାନେ ନେତୃତ୍ୱ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇପାରିବେ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ସମ୍ମିଳନୀରେ ୫୬ ଦେଶ ସଭ୍ୟ ଭାବରେ ରହିଥିବାବେଳେ ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶଙ୍କ ସମେତ ପାର୍ଲାମେଣ୍ଟର ସଦସ୍ୟ, ୨୨ ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।

ପୁରୀ ଜିଲ୍ଲାକୁ ନିଖୋଜ ନାବାଳିକା ଶୂନ୍ୟ କରିବା ଆମ ଲକ୍ଷ୍ୟ : ପ୍ରତୀକ ସିଂ

ପୁରୀ, ୧୦।୧୦ (ସଂଚାର ବ୍ୟୁରୋ) : ପୁରୀ ପୋଲିସ ନାବାଳିକା ନିଖୋଜ ଓ ଛୁଆମାନଙ୍କ ଉଦ୍ଧାର ପାଇଁ ଲଗାତର ଭାବେ ଅଭିଯାନ ଜାରି ରଖିଛି । ପୁରୀ ଟାଉନ୍ ଥାନାରେ ୨୨.୯.୨୦୨୫ରେ କେସ୍ ନମ୍ବର ୪୭୮/୨୫ରେ ଗୋଟିଏ ନାବାଳିକା ଝିଅ ନିଖୋଜ ହୋଇଥିବା ଅଭିଯୋଗ ରେଜିଷ୍ଟ୍ର ହୋଇଥିଲା। ଘଟଣା ଥାନାକୁ ନଜର ଆସିବା ପରେ, ପୁରୀ ଟାଉନ୍ ପୋଲିସ ସଙ୍ଗେ ସଙ୍ଗେ ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲଗାତର ରେଡ୍ କରିଛି । ଏହି ଅଭିଯାନରେ ଟାଉନ୍ ପୋଲିସ୍ ଟିମର ସଚେତନ ଓ ଦୃଢ଼ ପ୍ରୟାସ ଫଳ ସ୍ୱରୂପ ଏହି ସଫଳତା ମିଳିଛି । ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ମାସକରେ ପୁରୀ ପୋଲିସ ଦ୍ୱାରା ୧୬ନିଖୋଜ ନାବାଳିକା ଓ ଶିଶୁ ଉଦ ଧାର। ଗତ ୧ ମାସରେ ପୁରୀ ପୋଲିସ ଦ୍ୱାରା ୧୫ଜଣ ନାବାଳିକା ଓ ୧ ଜଣ ଛୋଟ ଛୁଆ ଉଦ୍ଧାର କରାଯାଇଛି।

##

ଇରାନଠାରୁ ତେଲ କିଣିବା ନେଇ ଆମେରିକାର କାର୍ଯ୍ୟାନୁଷ୍ଠାନ

୨ ଭାରତୀୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କମ୍ପାନୀ ଉପରେ କଟକଣା

ୱାଶିଂଟନ, ୧୦।୧୦: ଇରାନକୁ ଶକ୍ତି ରପ୍ତାନିରେ ସହଯୋଗ କରିବା ଅଭିଯୋଗରେ ଯୁକ୍ତରାଷ୍ଟ୍ର ଆମେରିକା ୫୦ ରୁ ଅଧିକ ସଂସ୍ଥା, ବ୍ୟକ୍ତି, ଦୁଇଜଣ ଭାରତୀୟ ନାଗରିକ ଏବଂ ଜାହାଜ ଉପରେ ପ୍ରତିବନ୍ଧକ ଲଗାଇଛି। ଏନେଇ ଆମେରିକା ପକ୍ଷରୁ ଏକ ବିବୃତ୍ତି ଜାରି କରି ସୂଚନା ଦିଆଯାଇଛି। ତେହେରାନର ଏନର୍ଜି ଏକ୍ସପୋର୍ଟ ମେସିନଙ୍କୁ ଟାର୍ଗେଟ୍ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଟ୍ରେଜେରୀ ବିଭାଗର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫଏସି) ଗୁରୁବାର ଏହି କଟକଣା ଘୋଷଣା କରିଛି।

ବିଭାଗ ଏକ ପ୍ରେସ ବିଜ୍ଞପ୍ତି ଜାରି କରି କହିଛି “ଏହି ଅଂଶୀଦାରମାନେ ମିଳିତ ଭାବରେ ଇରାନକୁ କୋଟି କୋଟି ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଉତ୍ପାଦର ରପ୍ତାନି କରିବାରେ ସହଯୋଗ



କରିଛନ୍ତି। ଏଥିରେ ଇରାନ ଶାସନକୁ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ମିଳିଛି। ଏଭଳି କରି ଏମାନେ ଯୁକ୍ତରାଷ୍ଟ୍ରକୁ ବିପଦରେ ପକାଇଥିବା ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିଛନ୍ତି।” ଇରାନର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ ରପ୍ତାନିକୁ ସୀମିତ କରିବା ପାଇଁ ଟ୍ରେଜେରୀ ବିଭାଗର ବ୍ୟାପକ ପ୍ରୟାସର ଏହା ଏକ ଅଂଶ। ଏନେଇ ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି “ଇରାନର ଶକ୍ତି ରପ୍ତାନି ମେସିନର ପ୍ରମୁଖ ଉପାଦାନଗୁଡ଼ିକୁ ଭାଙ୍ଗି ଦେଇ ଆମେରିକାର ଟ୍ରେଜେରୀ ବିଭାଗ ଇରାନର କ୍ୟାସ୍ ପ୍ରବାହକୁ ହ୍ରାସ କରୁଛି।”

ଦୁଇ ଭାରତୀୟଙ୍କ ଉପରେ ମଧ୍ୟ ଆମେରିକା ପ୍ରତିବନ୍ଧକ ଲଗାଇଛି। ଜଣେ ହେଲେ ବରୁଣ ପୁଲା। ଯିଏ ହେଉଛନ୍ତି ବର୍ଥା ସିପିଂ ଇନକର୍ପୋରେଟେଡ୍‌ର ମାଲିକ। ମାର୍ଶାଲ୍ ଦ୍ୱୀପପୁଞ୍ଜର ଏହି କମ୍ପାନୀ କୋମୋରୋସ୍-ଫ୍ଲାଗ୍‌ଡ ଭାସେଲ ପିଏମଆଇଆର ପରିଚାଳନା କରେ। ଏହି କମ୍ପାନୀ ଜୁଲାଇ ୨୦୨୪ ପରଠାରୁ ଚୀନ୍‌କୁ ପ୍ରାୟ ୪ ନିୟୁତ ବ୍ୟାରେଲ ଇରାନୀ ଏଲପିଜି ପରିବହନ କରିଛି। ଅନ୍ୟ ଜଣେ ହେଲେ ସୋନିଆ ଶ୍ରେଷ୍ଠା। ସେ ବି ଜଣେ ଭେଗା ଷ୍ଟାର ସିପ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡର ମାଲିକ। ତାଙ୍କ କମ୍ପାନୀ କୋମୋରୋସ୍-ଫ୍ଲାଗ୍ଡ ଜାହାଜ ନେପ୍‌ଟା ପରିଚାଳନା କରେ। ସୋନିଆ ଶ୍ରେଷ୍ଠାଙ୍କ କମ୍ପାନୀ ଜାନୁଆରୀ ୨୦୨୫ ଠାରୁ ପାକିସ୍ତାନକୁ ଇରାନୀ-ଉତ୍ପନ୍ନ ଏଲପିଜି ପରିବହନ କରୁଛନ୍ତି। ପ୍ରତିବନ୍ଧକ ନେଇ ଆମେରିକା ବିବୃତ୍ତିରେ କହିଛି ଯେ ଆମେରିକା ମଧ୍ୟରେ କିମ୍ବା ଆମେରିକୀୟ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ସମସ୍ତ ନିର୍ଦ୍ଦିଷ୍ଟ କିମ୍ବା ଅବରୋଧିତ ବ୍ୟକ୍ତିଙ୍କ ସମ୍ପତ୍ତିରେ ଥିବା ସମସ୍ତ ସମ୍ପତ୍ତି ଏବଂ ସେମାନଙ୍କ ସ୍ୱାର୍ଥରେ ଆସୁଥିବା ସମ୍ପତ୍ତିକୁ ମଧ୍ୟ ଫ୍ରିଜ୍ କରାଯିବ, ଏବଂ ଓଏଫଏସିକୁ ରିପୋର୍ଟ କରାଯିବ ଏହି ପ୍ରତିବନ୍ଧକ ଫଳରେ ପ୍ରତ୍ୟେକ୍ଷ ଆଉ ପରୋକ୍ଷରେ ଏକାଧିକ କମ୍ପାନୀ ଓ ବ୍ୟକ୍ତି କଟକଣାରେ ଶିକାର ହେବେ।

ରତନ ଟାଟାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ମୁରବୀ ଯିବା ପରେ ଟାଟା ଗ୍ରୁପ୍‌ରେ ଝଗଡ଼ା

ନୋଏଲ୍ ଟାଟା-ମିସ୍ତ୍ରି ପରିବାର ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୦: ଟାଟା ଗ୍ରୁପ୍‌ର ପୂର୍ବତନ ମୁଖ୍ୟ ରତନ ଟାଟାଙ୍କ ଦେହାନ୍ତକୁ ଆଜି ଗୋଟିଏ ବର୍ଷ ପୂରିଛି। ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପୂର୍ବରୁ ଗ୍ରୁପ୍‌ରେ ବଡ଼ ଧରଣର ଝଗଡ଼ା ଆରମ୍ଭ ହୋଇଯାଇଛି, ଯାହା ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ସ୍ଥିତି ଏଭଳି ଗମ୍ଭୀର ହୋଇଛି ଯେ ସରକାରଙ୍କୁ ହସ୍ତକ୍ଷେପ କରିବା ଲାଗି କମ୍ପାନିର କିଛି ଅଧିକାରୀ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି। ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଝଗଡ଼ା ଶେଷ କରିବାକୁ ଉଦ୍ୟମ କରାଯିବ।

ଗତବର୍ଷ ଅକ୍ଟୋବର ୯ରେ ୮୬ ବର୍ଷ ବୟସରେ ରତନ ଟାଟାଙ୍କ ଦେହାନ୍ତ ହୋଇଥିଲା। ସେ ଆରପାରିକୁ ଚାଲିଯିବା ପରେ ଟାଟା ଗ୍ରୁପ୍‌ର ନେତୃତ୍ୱ ପଦଗୁଡ଼ିକରେ ପରିବର୍ତ୍ତନ ହୋଇଥିଲା। ତାଙ୍କ ସାବତ ଭାଇ ନୋଏଲ ଟାଟାଙ୍କୁ ୨୦୨୪ ଅକ୍ଟୋବରରେ ‘ଟାଟା ସନ୍ସ’ (ଟାଟା ଗ୍ରୁପ୍‌କୁ ପରିଚାଳନା କରୁଥିବା ଅନୁଷ୍ଠାନ)ର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଥିଲା ଓ ମାସକ ପରେ ତାଙ୍କୁ ବୋର୍ଡରେ ସାମିଲ କରାଯାଇଥିଲା। ନୋଏଲଙ୍କ ସେହି ନିଯୁକ୍ତିକୁ ନେଇ କିନ୍ତୁ ଅନ୍ୟ ବୋର୍ଡ ସଦସ୍ୟମାନେ ଏକମତ ନଥିଲେ। ଏହାକୁ ନେଇ ଟାଟା ସନ୍ସକୁ ପରିଚାଳନା କରୁଥିବା ‘ଟାଟା ଟ୍ରଷ୍ଟସ୍’ର ଅଧିକାରୀମାନେ ଦୁଇ ଭାଗ ହୋଇଯାଇଛନ୍ତି। ଗୋଟିଏ ପକ୍ଷ ନୋଏଲଙ୍କ ସହିତ ଥିବା ବେଳେ ଅନ୍ୟ ପକ୍ଷ ମେହଲି ମିସ୍ତ୍ରିଙ୍କ ସହିତ ରହିଛନ୍ତି। ମେହଲି ହେଉଛନ୍ତି ସାପୁରଜୀ ପାଲୋଞ୍ଜି ପରିବାରର ସଦସ୍ୟ। ତାଙ୍କ ପରିବାରର ଟାଟା ଗ୍ରୁପ୍‌ରେ ୧୮.୩୭ ପ୍ରତିଶତ ଅଂଶଧନ ରହିଛି।

ବୋର୍ଡରେ ସିଟ୍‌କୁ ନେଇ ନୋଏଲ ଓ ମିସ୍ତ୍ରିଙ୍କ ମଧ୍ୟରେ ବିବାଦ ବଢ଼ିବା ପରେ ଚଳିତ ମାସ ୭ରେ କମ୍ପାନିର ବରିଷ୍ଠ ଅଧିକାରୀମାନେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ୪୫ ମିନିଟ୍ ଧରି ଆଲୋଚନା କରିଥିଲେ। ଏହି ସହିତ ସେମାନେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟିଥିଲେ। ପାରିବାରିକ ଝଗଡ଼ାକୁ ଶୀଘ୍ର ସମାଧାନ କରିବାକୁ ଉଭୟ ମନ୍ତ୍ରୀ କମ୍ପାନି ଅଧିକାରୀଙ୍କୁ କହିଥିଲେ। ‘ଟାଟା ଟ୍ରଷ୍ଟସ୍’ର ଅଧ୍ୟକ୍ଷ ନୋଏଲ ଟାଟା, ଉପାଧ୍ୟକ୍ଷ ବେଣୁ ଶ୍ରୀନିବାସନ, ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ ଓ ଟ୍ରଷ୍ଟି ଡେରିୟସ୍ ଖମ୍ବାଟା ଦୁଇ ମନ୍ତ୍ରୀଙ୍କୁ ଭେଟିବା ଲାଗି ଦିଲ୍ଲୀ ଯାଇଥିଲେ। ‘ଟାଟା ଟ୍ରଷ୍ଟସ୍’ ବିବାଦ ଗତ ସେପ୍ଟେମ୍ବର ୧୧ରେ ହୋଇଥିବା ଏକ ବୈଠକରୁ ଆରମ୍ଭ ହୋଇଥିଲା। ଟ୍ରଷ୍ଟର ବୋର୍ଡରେ ୭ ଜଣ ସଦସ୍ୟ ଅଛନ୍ତି। ପୂର୍ବତନ ପ୍ରତିରକ୍ଷା ସଚିବ ବିଜୟ ସିଂହଙ୍କୁ ବୋର୍ଡକୁ ପୁନଃ ମନୋନୀତ କରିବା ଲାଗି ବୈଠକ ଡକାଯାଇଥିଲା। ନୋଏଲ ଓ ଶ୍ରୀନିବାସନ ସେହି ପ୍ରସ୍ତାବ ଦେଇଥିଲେ ଯାହାକୁ ଅନ୍ୟ ଚାରି ସଦସ୍ୟ ମେହଲି ମିସ୍ତ୍ରି, ପ୍ରମିତ ଝାବେରୀ, ଜାହାଙ୍ଗୀର ଏଚ୍ ସି ଜାହାଙ୍ଗୀର ଓ ଡେରିୟସ୍ ଖମ୍ବାଟା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଯେହେତୁ ଏହି ଚାରି ଜଣ ସଂଖ୍ୟା ଗରିଷ୍ଠ ଥିଲେ, ତେଣୁ ଶ୍ରୀ ସିଂହଙ୍କ ନିଯୁକ୍ତି ପ୍ରସ୍ତାବ କାଟ ଖାଇଯାଇଥିଲା। ସେଥିରେ ଅସନ୍ତୁଷ୍ଟ ହୋଇ ଶ୍ରୀ ସିଂହ ନିଜ ଆଡୁ ଇସ୍ତଫା ଦେଇଥିଲେ। ବିବାଦ ଏତିକିରେ ଶେଷ ହୋଇନଥିଲା। ମେହଲିଙ୍କୁ ବୋର୍ଡକୁ ମୋନୀତ କରିବା ଲାଗି ଅପରପକ୍ଷ ପ୍ରସ୍ତାବ ଦେଇଥିଲେ ଯାହାକୁ ନୋଏଲ ଓ ଶ୍ରୀନିବାସନ ଗ୍ରହଣ କରିନଥିଲେ। ଏହି ଝଗଡ଼ାରେ ମେହଲିଙ୍କ ସହ ଥିବା ଚାରି ସଦସ୍ୟଙ୍କ ସାପୁରଜୀ ପାଲୋଞ୍ଜି ପରିବାର ସହ ସମ୍ପର୍କ ରହିଛି। ସେହି ପରିବାରର ସଦସ୍ୟ ସ୍ୱର୍ଗତ ସାଇରସ୍ ମିସ୍ତ୍ରୀଙ୍କୁ କିଛି ବର୍ଷ ପୂର୍ବେ ଟାଟା ସନ୍ସର ଅଧ୍ୟକ୍ଷ କରାଯାଇଥିଲା। ସେ ଟାଟା ପରିବାର ବାହାରର ପ୍ରଥମ ସଦସ୍ୟ ଥିଲେ ଯାହାଙ୍କୁ ସେହି ପଦ ମିଳିଥିଲା। ରତନ ଟାଟା ଅବସର ନେବା ପରେ ସାଇରସ୍ କମ୍ପାନିର ନେତୃତ୍ୱ ନେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟକାଳ ବିବାଦୀୟ ରହିଥିଲା ଓ ତାଙ୍କୁ ଏକ ବୋର୍ଡ ବୈଠକ ପୂର୍ବରୁ ୨୦୧୬ରେ ଅଧ୍ୟକ୍ଷ ପଦରୁ ହଟାଇ ଦିଆଯାଇଥିଲା। ସେହି ନିଷ୍ପତ୍ତିକୁ ସାଇରସ୍ ଅନ୍ୟାୟ ବୋଲି କହିବା ସହ ଟାଟା ବିରୋଧରେ ଆଇନଗତ ଲଢ଼େଇ ଲଢ଼େଇ ଜାରି ରଖିଥିଲେ। କିନ୍ତୁ ସଡ଼କ ପଥରେ ଗୁଜରାଟରୁ ମୁମ୍ବାଇ ଫେରୁଥିବା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହୋଇଥିଲା। ନୋଏଙ୍କ ସହ ମୁହାଁମୁହିଁ ସ୍ଥିତିକୁ ଆସିଥିବା ମେହଲି ହେଉଛନ୍ତି ସାଇରସ୍‌ଙ୍କ ସମ୍ପର୍କୀୟ ଭାଇ।

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୨,୨୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୨,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୨,୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୨,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୨,୨୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୨,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୨୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୨,୮୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୨,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୨, ୨୯୦ ଓ ୧, ୧୨,୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୦,୦୦୦ ଟଙ୍କା ହୋଇଛି।

ଲାଲ୍‌ଚନ୍ଦ୍ରର ଧନତେରସ୍, ଦୀପାବଳି ଅଫର୍

ଭୁବନେଶ୍ୱର, ୧୦।୧୦: ଧନତେରସ୍ ଓ ଦୀପାବଳି ଉପଲକ୍ଷେ ଲାଲ୍‌ଚନ୍ଦ୍ର ଜୁଏଲର୍ସ ତରଫରୁ ରିହାତି ଅଫର ଘୋଷଣା କରାଯାଇଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୬୦%, ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୬୦% ଏବଂ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ଏବଂ ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଫ୍ଲାଟ୍ ୫୦% ରିହାତି ରହିଛି। ରୁପା ବ୍ରାଣ୍ଡେଡ୍ ଆଇଟମ୍ ଉପରେ ରହିଛି ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ୧.୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର କିଣିଲେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରତ୍ୟେକ କ୍ରୟ ଉପରେ ନିଶ୍ଚିତ ଉପହାର ରହିଛି। ଏସ୍‌ବିଆଇ କାର୍ଡ ଉପଭୋକ୍ତାମାନେ ଅକ୍ଟୋବର ୧୧ରୁ ୨୦ ମଧ୍ୟରେ ଖରିଦ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ପାଇପାରିବେ। ତା’ ସହିତ ନଭେମ୍ବର ୨ ପର୍ଯ୍ୟନ୍ତ ଲକି ଲକ୍ଷ୍ମୀ ଜୁଏଲାରି ଫେଷ୍ଟିଭାଲ୍ ଚାଲୁ ରହିଛି। ଏଥିରେ ବଙ୍କର ପୁରସ୍କାର ଭାବରେ ଜଣେ ଗ୍ରାହକ ଜିତିବେ ୧ କେଜି ସୁନା। ୪ ଜଣ ଜୋନ୍ ସ୍ତରୀୟ ବିଜେତା ଜିତିବେ ଜଣକା ୨୫୦ ଗ୍ରାମ୍‌ର ଗୋଲ୍ଡ ବାର୍। ଏହା ବ୍ୟତୀତ ୧ ଗ୍ରାମ୍ ଏବଂ ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା, ୧୦ ଗ୍ରାମ୍ ଏବଂ ୫୦ ଗ୍ରାମ୍‌ର ରୌପ୍ୟ ମୁଦ୍ରା ଭଳି ୧୫ ହଜାର ପୁରସ୍କାର ଦିଆଯିବ। ସେହିପରି ସାତଟି ସାପ୍ତାହିକ ଡ୍ର ରହିଛି । ଯେଉଁଥିରେ ଅଛି ୧୪୦ଟି ପୁରସ୍କାର । ଅର୍ଥାତ୍ ପ୍ରତି ସପ୍ତାହରେ ୨୦ଟି ପୁରସ୍କାର, ଯେଉଁଥିରେ ରହିଛି ୨୦ଟି ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା। କେବଳ ସେତିକି ନୁହେଁ, ନିଶ୍ଚିତ ଉପହାର ଭାବରେ ରହିଛି ୨୦୦ ଟଙ୍କାର ଡିଜିଟାଲ୍ ଗିଫ୍ଟ ଭାଉଚର। ଜିଜେସି ପ୍ରସ୍ତୁତ ଲକି ଲକ୍ଷ୍ମୀ ଯୋଜନାରେ ଗ୍ରାହକମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଉପହାର ଜିତିବା ସହ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ଉପହାର ପାଇବେ।

ଗ୍ରାହକ ଜିତିବେ ୧ କେଜି ସୁନା

ସ୍ୱର୍ଣ୍ଣ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଲାଲ୍‌ଚନ୍ଦ୍ର ଆଣିଛି ସ୍ମାର୍ଟ ଗୋଲ୍ଡ ପ୍ରି-ବୁକିଂ ସୁବିଧା। ଯେଉଁ ଗ୍ରାହକ ଏବେ ସୁନା ମୂଲ୍ୟ ଲକ୍ କରିବେ, ପରବର୍ତ୍ତି ସମୟରେ ସୁନା ମୂଲ୍ୟ ବଢ଼ିଲେ ମଧ୍ୟ ଏବେର ଦରରେ ସୁନା କିଣି ପାରିବେ। ସେହିପରି ଯଦି କିଣିବା ବେଳକୁ ସୁନାର ମୂଲ୍ୟ କମ୍ ହୋଇଯାଏ, ଆଜିର ଦର ବଦଳରେ କିଣିବା ଦିନର ଦର ଲାଗୁ ହେବ। ଏବେ ଲାଲ୍‌ଚନ୍ଦ୍ରର ସୋନେ ପେ ସୁହାଗା ସହଜ କିସ୍ତି ଯୋଜନାରେ ଗ୍ରାହକମାନେ ବିନା ମେକିଂ ଚାର୍ଜରେ ଅଳଙ୍କାର କିଣିପାରିବେ। ଉତ୍ସବ ଋତୁ ପାଇଁ ମାଷ୍ଟରକ୍ୟାଣ୍ଟିନ ସୋ’ରୁମ୍‌ରେ ପାର୍କିଂର ଉତ୍ତମ ବନ୍ଦୋବସ୍ତ କରାଯାଇଛି।

୧୦୦ ଧନୀ ହରାଇଲେ ୯ ଲକ୍ଷ କୋଟି

ନୂଆଦିଲ୍ଲୀ, ୧୦।୧୦: ଦେଶରେ ୧୦୦ ବଡ଼ ଧନୀଙ୍କ ସମ୍ପତ୍ତି ଗୋଟିଏ ବର୍ଷ ଭିତରେ ୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ୨୦୨୪ରେ ସେମାନଙ୍କ ମୋଟ୍ ସମ୍ପତ୍ତି ୯୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୫ରେ ତାହା ୯ ପ୍ରତିଶତ ହ୍ରାସ ପାଇ ୮୮ ଲକ୍ଷ କୋଟି ଟଙ୍କା ରହିଯାଇଛି ବୋଲି ଫୋର୍ବସ୍ ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ତାଲିକାର ଶୀର୍ଷରେ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ ୧.୨୯ ଲକ୍ଷ କୋଟି



ଫୋର୍ବସ୍ ଧନୀ ତାଲିକା ଶୀର୍ଷରେ ମୁକେଶ

ଟଙ୍କା ହରାଇଛନ୍ତି। ତାଙ୍କ ସମ୍ପତ୍ତି ୯.୩୨ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଆଦାନୀ ଗ୍ରୁପ୍‌ର ମୁଖ୍ୟ ଗୌତମ ଆଦାନୀ ୮.୧୭ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ହ୍ରାସ ଓ ସେୟାର ବଜାରରେ ହେଉଥିବା ହ୍ରାସ ପାଇଁ ଧନୀମାନଙ୍କ ସମ୍ପତ୍ତି କମିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି। ଫୋର୍ବସ୍ ଧନୀ ତାଲିକାର ଶ୍ରେଷ୍ଠ ୧୦ ମଧ୍ୟରେ ଅମ୍ବାନୀ ଓ ଆଦାନୀଙ୍କ ବ୍ୟତୀତ କ୍ରମାନ୍ୱୟରେ ଜିନ୍ଦଲ ଗ୍ରୁପ୍‌ର ସାବିତ୍ରୀ ଜିନ୍ଦଲ (୩.୫୭ ଲକ୍ଷ କୋଟି), ଭାରତୀ ଏୟାରଟେଲ୍‌ର ମୁଖ୍ୟ ସୁନିଲ ମିତ୍ତଲ (୩.୦୭ ଲକ୍ଷ କୋଟି), ଏଚ୍‌ସିଏଲ୍ ଟେକ୍‌ର ଶିବ ନାଦର (୨.୯୫ ଲକ୍ଷ କୋଟି), ଆଭେନ୍ୟୁ ସୁପର୍‌ମାର୍ଟର ରାଧାକ୍ରିଷ୍ଣ ଦମାନି (୨.୫୦ ଲକ୍ଷ କୋଟି), ସନ୍ ଫାର୍ମାର ଦିଲ୍ଲୀପ ସାଂଘ୍‌ଭି (୨.୩୩ ଲକ୍ଷ କୋଟି), ବଜାଜ୍ ଗ୍ରୁପ୍‌ର ନିରଜ ବଜାଜ (୧.୯୩ ଲକ୍ଷ କୋଟି), ସିରମ ଇନଷ୍ଟିଚ୍ୟୁଟ୍‌ର ସାଇରସ୍ ପୁନାୱାଲା (୧.୮୯ ଲକ୍ଷ କୋଟି) ଓ ଆଦିତ୍ୟ ବିର୍ଲା ଗ୍ରୁପ୍‌ର କୁମାର ମଙ୍ଗଳମ ବିର୍ଲା (୧.୮୪ ଲକ୍ଷ କୋଟି) ରହିଛନ୍ତି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



ଭଲ ଅମଳ ସତ୍ତ୍ୱେ ପାନଚାଷୀ ଆର୍ଥିକ ସଙ୍କଟର ସମ୍ମୁଖୀନ

ଭୁବନେଶ୍ୱର, ୧୦।୧୦: ରାଜ୍ୟର ପାନ ଚାଷୀ ଭଲ ଅମଳ ସତ୍ତ୍ୱେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ ଜିଲ୍ଲାର ସମେତ ଅନ୍ୟ ଅଞ୍ଚଳରେ ଜିଲ୍ଲାର ପାନ ଚାଷୀମାନେ ବଙ୍କର ଉତ୍ପାଦନ ସତ୍ତ୍ୱେ ଚିନ୍ତିତ ଅଛନ୍ତି କାରଣ କମ୍ ମୂଲ୍ୟ ସେମାନଙ୍କ ରୋଜଗାରକୁ ପ୍ରଭାବିତ କରିଛି। ପାନ ଚାଷୀଙ୍କ ଉତ୍ପାଦନ ସନ୍ତୋଷଜନକ ଥିଲେ ମଧ୍ୟ ବ୍ୟବସାୟୀମାନେ କମ୍ ମୂଲ୍ୟ ପ୍ରଦାନ କରୁଥିବାରୁ ଏବଂ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ଯୋଗୁ ପାନ ଚାଷୀମାନେ ଅଧିକ ରୋଜଗାର କରି ପାରୁନାହାନ୍ତି।

ଚର୍ଚ୍ଚାରେ ଅଙ୍ଗନବାଡ଼ି ଦିଦି: ନାଚ, ଗୀତ ମାଧ୍ୟମରେ ପଢ଼ାଉଛନ୍ତି

ବସ୍ତା,୧୦।୧୦ (ସଂଚାର ବ୍ୟୁରୋ): କୁନିକୁନି ପିଲାମାନଙ୍କର ପାଠ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ନିଆରା ପ୍ରୟାସ। ନାଚ, ଗୀତ, ଗପ ଏବଂ ଖେଳ ପରି ଅଭିନବ ଉପାୟରେ ପାଠ ପଢ଼ାଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କୁଡ଼ିଆ ଅଙ୍ଗନବାଡ଼ି କର୍ମୀ ରେଣୁବାଳା ପାତ୍ର। ଯାହାକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି ଅଭିଭାବକ । ବସ୍ତା ବ୍ଲକ କୁଡ଼ିଆ ଅଙ୍ଗନବାଡି କର୍ମୀ ରେଣୁବାଳା ପାତ୍ର । କୁନିକୁନି ପିଲାଙ୍କୁ ନିଆରା ଅନ୍ଦାଜର ପାଠ ପଢ଼ାଇ ଏବେ ସେ ଚର୍ଚ୍ଚାରେ । କାନ୍ଥରେ ବିଭିନ୍ନ ପ୍ରକାରର ଶିକ୍ଷଣୀୟ ଚିତ୍ର ଅଙ୍କିଛନ୍ତି । ପିଲାଙ୍କୁ ଶିକ୍ଷାମନସ୍କ କରିବା ପାଇଁ ବଜାରରୁ କିଣିଛନ୍ତି କଣ୍ଢେଇ, ପ୍ଲାଷ୍ଟିକ ଜୀବଜନ୍ତୁ, ଫୁଲ, ଫଳ ଓ ସାଙ୍କେତିକ ଚିତ୍ର । ନାଚ, ଗୀତ, ଗପ ଓ ଖେଳ ମାଧ୍ୟମରେ ପାଠ ପଢ଼ାଉଛନ୍ତି। ପିଲା ବି ଦିଦିଙ୍କ ପାଖରେ ପଢ଼ିବା ପାଇଁ ସମୟ ପୂର୍ବରୁ ପହଞ୍ଚିଯାଉଛନ୍ତି ଅଙ୍ଗନବାଡ଼ି କେନ୍ଦ୍ରରେ । ରେଣୁବାଳା ଅଙ୍ଗନବାଡ଼ିକୁ ମନ୍ଦିର ଭାବେ ଦେଖନ୍ତି । କେନ୍ଦ୍ରର ମୁଖ୍ୟ ଦ୍ୱାରରେ ପ୍ରତ୍ୟେକ ଦିନ ଘଟ ସ୍ଥାପନ କରି ପଢ଼ା ଆରମ୍ଭ କରନ୍ତି । ରେଣୁବାଳାଙ୍କ ଏପରି ପାଠପଢ଼ା ଶୈଳୀ ପାଇଁ ପିଲାମାନେ ବି ସହଜରେ ପାଠ ମନେ ରଖିପାରୁଛନ୍ତି । ଏଭଳି ପ୍ରୟାସ ପାଇଁ ତାଙ୍କୁ ସମସ୍ତେ ଡ୍ୟାନ୍ସିଂ ଅଙ୍ଗନବାଡ଼ି ଦିଦି ବୋଲି ଡାକିଥାନ୍ତି । ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ କେବଳ ଭୋଜନ ଉପରେ ଗୁରୁତ୍ୱ ନଦେଇ ଯଦି ଏହିଭଳି ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଏ ତେବେ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆସିପାରନ୍ତା ।

ବଟେଶ୍ୱର ବାଲିଯାତ୍ରା ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୦।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ ଗଡ଼ ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠ ଅବସ୍ଥିତ। ବର୍ତ୍ତମାନ ପବିତ୍ର ଧାର୍ମିକ କାର୍ତ୍ତିକ ମାସ ଆରମ୍ଭ ହୋଇ ଯାଇଥିବା ବେଳେ ଆସନ୍ତା ୫ରେ ସେଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ସେଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ବଟେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର କୁମାର ତରାଇ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଞ୍ଜିତ କୁମାର ପଲାଇ ସଂଯୋଜନା କରିଥିଲେ । ବିଡ଼ିଓ ଅତ୍ୟୁତାନନ୍ଦ ଯାନୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ, କମିଟି ସଭାପତି ପିତାମ୍ବର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ହାତୀ ଦାଉରୁ କେବେ ମିଳିବ ରକ୍ଷା ? ଖାଉଛନ୍ତି କମ୍, ନଷ୍ଟ କରୁଛନ୍ତି ଅଧିକ

ଅନୁଗୁଳ,୧୦।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ହାତୀ ଆତଙ୍କ ବଢ଼ିବାରେ ଲାଗିଛି । ବିଲରେ ପଶି ଚାଷ ନଷ୍ଟ କରୁଛନ୍ତି, କାହା ଘର ଭାଙ୍ଗୁଛନ୍ତି । ଅନେକ ଲୋକଙ୍କ ପ୍ରାଣ ଯାଉଛି । ଏବର୍ଷ ଅନୁଗୁଳ ଜିଲ୍ଲାରେ ସର୍ବାଧିକ ଫସଲ ନଷ୍ଟ ହୋଇଛି । ଯାହାକୁ ନେଇ ଚାଷୀ ଚିନ୍ତାରେ । ହାତୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ବନବିଭାଗ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି ।

ପ୍ରାକୃତିକ ବିପର୍ଯ୍ୟୟଠୁ ବଳୁଛି ହାତୀ ଉପଦ୍ରବ । ଅନୁଗୁଳ ବନଖଣ୍ଡର ୫୦ରୁ ଅଧିକ ପଞ୍ଚାୟତ ଚାଷୀଙ୍କ ନିଦ

ନିୟନ୍ତ୍ରଣ କରିବାରେ ବିଫଳ ବନ ବିଭାଗ

ହଜାଇଛନ୍ତି ହାତୀପଲ । ରାତିରେ କ୍ଷେତରେ ପଶି ଦଳିତକଟି ଏକର ଏକର ଧାନ ଓ ପରିବା ଫସଲ ନଷ୍ଟ କରିଦେଇଛନ୍ତି। ଉଜୁଡ଼ା କ୍ଷେତକୁ ଦେଖି ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଅନ୍ୟପଟେ ହାତୀଙ୍କୁ ନିୟନ୍ତ୍ରଣ କରିବାରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି । ବନ ବିଭାଗର ରିପୋର୍ଟ ଅନୁସାରେ, ୨୦୨୩-୨୪ରେ ଅନୁଗୁଳ ବନଖଣ୍ଡରେ ସର୍ବାଧିକ ୧୨,୭୮୫ ଜଣ ଚାଷୀ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ପୁଣି ୨୦୨୪-୨୫ରେ ରାଜ୍ୟରେ ଅନୁଗୁଳ ବନଖଣ୍ଡରେ ସର୍ବାଧିକ ଫସଲ ନଷ୍ଟ ହୋଇଛି । ଅଗଷ୍ଟ ମାସ ସୁଦ୍ଧା ୧,୯୫୩ ଜଣ ଚାଷୀ କ୍ଷତିପୂରଣ ପାଇଁ ଆବେଦନ କରିଛନ୍ତି । ହାତୀ ନଷ୍ଟ କରୁଥିବା ଫସଲର ଉଚିତ ମୂଲ୍ୟାୟନ କରି କ୍ଷତିପୂରଣ ଯୋଗାଇ ଦିଆଯାଇଥିବା ଅନୁଗୁଳ ଡିଏଫ୍ଓ ନୀତିଶ କୁମାର । ବନ ବିଭାଗ ହାତୀପଲକୁ ଆୟତ୍ତ କରିବାର ଲକ୍ଷଲକ୍ଷ ଟଙ୍କାର ଯୋଜନା ଫେଲ୍ ମାରିଛି । ଏହିଭଳି ଭାବେ ହାତୀ ଉପଦ୍ରବ ଜାରି ରହିଲେ ଚାଷ ଛାଡ଼ି ଦାଦନ ଖଟିବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି ଚାଷୀ ।

ସୁସ୍ଥହୋଲେ ବଜ୍ରପାତରେ ଗୁରୁତର ହୋଇଥିବା ଛାତ୍ର

ଦାରିଙ୍ଗବାଡ଼ି,୧୦।୧୦(ସଂଚାର ବ୍ୟୁରୋ): ଯାହାକୁ ରଖିବେ ଅନନ୍ତ କି କରି ପାରେ ବଳବନ୍ତ। ଏଭଳି ଉକ୍ତିକୁ ଯଦି ଦେଖିବା ତେବେ ବଜ୍ରପାତରେ ଗୁରୁତର ଜଣେ ପଞ୍ଚମ ଶ୍ରେଣୀର ଛାତ୍ର ଗୁରୁତର ହୋଇ ପ୍ରଥମେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତେବେ ସେ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଅନ୍ୟତ୍ର ନେବାକୁ ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକେ ତାଙ୍କୁ ଏମ୍କେସିଜିରେ ଭର୍ତ୍ତି କରିଥିଲେ। ସଠିକ୍ ସମୟରେ ଭର୍ତ୍ତି ହୋଇଥିବାରୁ ଉତ୍ତମ ଚିକିତ୍ସା ପାଇ ସେ ସୁସ୍ଥ ହୋଇ ଶୁକ୍ରବାର ନିଜ ଗ୍ରାମକୁ ଫେରିଛନ୍ତି।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ବାଲିଆପାଳ, ୧୦।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଶ୍ରୀରାମପୁର ସ୍ଥିତ ଶଙ୍କର ନାଥ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଖାଲମୁହାଣୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାଲମୁହାଣୀ କ୍ଲଷ୍ଟର ରେ ୧୭ ଟି ବିଦ୍ୟାଳୟରୁ ୨୦୦ ଊର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ସିଆରସିସି ପାର୍ଥ ସାରଥି ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣ ର ପରିପ୍ରକାଶ ହୋଇପାରୁଛି ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଲତା ମହାପାତ୍ର, ଶିକ୍ଷାବିତ ଯୁଗଳ କିଶୋର ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଭୂବନ ମୋହନ ପାତ୍ର, ପରିଚାଳନା କମିଟି ର ସଭାପତି ଜୟନାରାୟଣ ଜେନା ପ୍ରମୁଖ ଯୋଗଦେଇ ଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନାଉଗାଁ,୧୦।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପିତାମ୍ବର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ସ୍ୱାଇଁ, ଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ସୁଶାନ୍ତ କୁମାର ଜେନା, ସବିତା ଦାସ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କ୍ଲଷ୍ଟରରେ ଥିବା ୯ଟି ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବର୍ଗର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜି, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ସହ ପିଏମପୋଷଣ ଚିତ୍ରକଳା ଓ ଶିଳ୍ପକଳା ଆଦିରେ ଅଂଶ ଗ୍ରହଣ କରିଥିଲେ।

ବାରିପଦାରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ବାରିପଦା,୧୦।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମୟୂରଭଞ୍ଜ ପକ୍ଷରୁ ଶହୀଦ ସ୍ମୃତି ଭବନ ଠାରେ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳିତ ହୋଇଯାଇଅଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘରୁ ୨୮୦ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ଅବସରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ଯୋଗ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବା ସହ, ଏକ ନାଟକ ପରିବେଷଣ ହୋଇଥିଲା। ଯୋଗ ଶିବିରରେ ଜିଲ୍ଲା ପତଞ୍ଜଳୀ ଯୋଗ ପ୍ରଭାରୀ ବ୍ରହ୍ମାନନ୍ଦ ନାୟକ ବିଭିନ୍ନ ଯୋଗ ପ୍ରଣାଳୀ ଶିଖାଇବା ସହ ଏହାର ଉପଦେୟତା ବିଷୟରେ ଆଲୋକପାତ କରିଥିଲେ।

ନୂଆଗାଁ ଯୁକ୍ତ ୨ କଲେଜରେ ନବ ନିର୍ମିତ ଗ୍ରନ୍ଥାଗାର ଦଶପଲ୍ଲା ବିଧାୟକ ଉଦ୍‌ଘାଟନ କରିଥିବାରୁ ତେଜିଲା ରାଜନୀତି

ନୟାଗଡ଼,୧୦।୧୦(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ନବ ନିର୍ମିତ ଗ୍ରନ୍ଥାଗାର ଉଦ୍ଘାଟନ କରିଛନ୍ତି ଦଶପଲ୍ଲା ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ବେହେରା । ସୂଚନାନୁସାରେ, ନୂଆଗାଁ ଯୁକ୍ତ ୨ କଲେଜ୍ ମଧ୍ୟରେ ଗତ ବିଜେଡି ସରକାର୍ ସମୟରେ ବିଧାୟକ ରମେଶ ବେହେରା ନିଜ ବିଧାୟକ ପାଣ୍ଠିରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ ଏକ ଗ୍ରନ୍ଥାଗାର। କିନ୍ତୁ ବର୍ତ୍ତମାନ ବିଜେପି ସରକାର୍ ଆସିବା ପରେ ଏହି ଗ୍ରନ୍ଥାଗାରକୁ ଉଦ୍‌ଘାଟନ କରିବା ପାଇଁ ଆସନ୍ତା କାଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଆସିବା କାର୍ଯ୍ୟକ୍ରମ ରହିଛି କିନ୍ତୁ ସ୍ଥାନୀୟ ବିଧାୟକ ତଥା ଗ୍ରନ୍ଥାଗାର ନିର୍ମାତା ରମେଶ ଚନ୍ଦ୍ର ବେହେରାଙ୍କୁ ନିମନ୍ତ୍ରଣ କରାଯାଇ ନଥିବା ଖୋଦ୍ ବିଧାୟକ ପ୍ରତିକ୍ରିୟା ରଖିଛନ୍ତି । ତେବେ କେମିତି ଏକ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ ତାହା ପ୍ରଶ୍ନ ଉଠିବା ସ୍ୱାଭାବିକ ଘଟଣା । କଲେଜ୍ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ସରକାର୍ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକଙ୍କୁ ନିମନ୍ତ୍ରଣ କରାଯିବ ନାହିଁ ।

ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ସୁବର୍ଣ୍ଣପୁର, ୧୦।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ଦିବସ ୨୦୨୫ ସୋନପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଦିବସ ପାଳନ ଅବସରରେ ସମ୍ପାଦକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ଶ୍ରୀ ଦେବାଶିଷ ଦାଶ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଲିନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀମତି ଉଷାରାଣୀ ଦାଶ, ଭାରପ୍ରାପ୍ତ ଉପଜିଲ୍ଲାପାଳ, ସୋନପୁର, ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଏହି ଦିବସ ପାଳନ କରିବାର ଗୁରୁତ୍ୱ, ତାତ୍ପର୍ଯ୍ୟ, ଓ ବରିଷ୍ଠ ନାଗରିକ ମାନଙ୍କ ଦିନଚର୍ଯ୍ୟା ଉପରେ ଉପସ୍ଥାପନ କରିଥିଲେ। ଅତିଥିମାନେ ବୃଦ୍ଧ ନାଗରିକମାନଙ୍କ ଅଧିକାର, ସୁରକ୍ଷା, ରକ୍ଷଣାବେକ୍ଷଣ ଓ ସୁଖମୟ ଜୀବନ ନେଇ ମତାମତ ବ୍ୟକ୍ତ କଲେ। ସେମାନେ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସମାଜର ଦାୟିତ୍ୱ ଓ ସେମାନଙ୍କୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଜୋର ଦେଲେ। ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସୋନପୁର ମ୍ୟୁନିସିପାଲିଟିର। ବରିଷ୍ଠ ନାଗରିକ ମାନେ ଅଂଶ ଗ୍ରହଣ କରିଥିଲେ। ତତ୍ ସହିତ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ କମିଟି ର ସଦସ୍ୟ ଓ ସ୍ଥାନୀୟ ସ୍ୱେଚ୍ଛା ସେବି ସଂସ୍ଥା (ଏନ୍‌ଜିଓ) ମାନଙ୍କ ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନଙ୍କ ଅନୁଭବ, ବରିଷ୍ଠ ନାଗରିକଙ୍କ ଅସୁବିଧା ଓ ଆଇନଗତ ଅଧିକାର ତଥା ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

ଓଏବ୍ ଡାକ୍ତରଖାନାରେ ବକେୟା ଥିବା ୨.୭୮ କୋଟି ଉନ୍ନୟନମୂଳକ କାମ ପାଇଁ ବାଟ ଫିଟିଲା

ବୈଶିଙ୍ଗା,୧୦।୧୦ (ସଂଚାର ବ୍ୟୁରୋ): ଶହେ ବର୍ଷର ବୈଶିଙ୍ଗୀ ଡାକ୍ତରଖାନା ର ଉନ୍ନତି ପାଇଁ କେତେ କେତେ ଲୋକ ପ୍ରତିନିଧି ସ୍ୱାଧୀନତା ପରେ ଶାସନ କରି ଗଲେଣି ସତ ମାତ୍ର ଏଥି ପ୍ରତି କାହାରି ନଜର ନଥିବା ପରିଲକ୍ଷିତ ହୁଏ। ତେବେ ୨୦୨୨ରୁ ୨୦୨୫ ଆର୍ଥିକ ବର୍ଷରେ 'ଠଐ' ନାମରେ ୫ କୋଟି ଦୁଇ ଲକ୍ଷ ଟଙ୍କା ବଜେଟ ଅନୁମୋଦିତ ହୋଇ ଦୁଇ କୋଟି ଟଙ୍କାର ଆଉଟଡୋର ବିଲ୍ଡିଂ, ୨୪ ଲକ୍ଷ ଟଙ୍କା ରେ ଆଶା ଗୃହ, ଶବ ଗୃହ ନିର୍ମାଣ କରାଯାଇଛି। ବାକି ଥିବା ଦୁଇ କୋଟି ୭୮ ଲକ୍ଷ ଟଙ୍କାର କାର୍ଯ୍ୟ କଣ ହେବ କାହାରି ପାଖରେ ହିସାବ ନଥିଲା। ଏଥପାଇଁ ବୈଶିଙ୍ଗା ଶିବାଜୀ ଯୁବକ ସଂଘ ଅଣ୍ଟା ଭିଡିଥିଲା। ସୂଚନା ଅଧିକାର ବଳରେ ଏହି ଟଙ୍କାର ହିସାବ ଜାଣିବା ପାଇଁ ଆର .ଡି. ବିଭାଗରେ ଆବେଦନ କରାଯାଇଥିଲା। ଏହି ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର ରାଜେଶ ପ୍ରଧାନ ଙ୍କୁ ଆଜି ସାକ୍ଷାତ କରାଯିବା ପରେ ସେ ସମସ୍ତ ବିଷୟ ଅବଗତ ହେବା ପରେ ଗୋଟିଏ ସପ୍ତାହ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ ଖୁବ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଯୁବକକୁ ବିଭତ୍ସ ହତ୍ୟାକାଣ୍ଡ, ପୁଲିସର ତଦନ୍ତ ଜାରି

ବାରିପଦା,୧୦।୧୦ (ସଂଚାର ବ୍ୟୁରୋ): ଦିନକୁ ଦିନ ବାମନଘାଟୀ ଉପଖଣ୍ଡରେ ହତ୍ୟାକାଣ୍ଡ ବୃଦ୍ଧି ପାଉଛି।ସୂଚନା ଯୋଗ୍ୟ ଆଜି ଶୁକ୍ରବାରଦିନ ସକାଳେ ବହଳଦା ଥାନା ଅନ୍ତର୍ଗତ ସାନଦୁନ୍ଦୁ ଗ୍ରାମର କିଛି ଲୋକେ ଗାଁ କବରସ୍ଥଳ ଦେଇ ନିଛାଟିଆ ଜାଗା କୁସୁମ ଡୁଙ୍ଗୁରୀରେ ଶୌଚ ପାଇଁ ଯାଉଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଅଜଣା ଯୁବକର ମୃତଦେହ ପଡ଼ିଥିବା ଦେଖିଥିଲେ। ପରେ ଗ୍ରାମବାସୀ ବହଳଦା ଥାନାକୁ ଜଣାଇଥିଲେ। ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁ, ବହଳଥା ଥାନାଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ବାରିପଦାର ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଯୁବକର ମୃତଦେହ ଉଲଗ୍ନ ଅବସ୍ଥାରେ ପଡ଼ିଥିଲା। ଯୁବକର ଗଳା କାଟିବା ସହ ମୁଣ୍ଡକୁ ମଧ୍ୟ ହାଣି ଦେଇଛନ୍ତି।ସ୍ଥାନଟି ଅତ୍ୟନ୍ତ ନିଛାଟିଆ। ଏହି ରାସ୍ତା ପଡୋଶୀ ଝାଡ଼ଖଣ୍ଡର ଦୁମା ଅଞ୍ଚଳକୁ ଯାଇଛି।

ଏମ୍ଓୟୁ ରଦ୍ଦ ଦାବିରେ ରାସ୍ତା ଅବରୋଧ

ପାଟଣା, ୧୦।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟକୁ ବିରୋଧ କରୁଥିବା ଜିନ୍ଦଲ, ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ପ୍ରଭାବିତ ୧୨ଟି ଗ୍ରାମର ପୁରୁଷ ମହିଳା ଜିନ୍ଦଲ, ପୋସ୍କୋ ସହ ଷ୍ଟିଲ୍ ପ୍ଲାଣ୍

ନିମ୍ ଫେସ୍ ପ୍ୟାକ୍‌ରେ ଚମକିବ ତ୍ୱଚା

ପ୍ରତ୍ୟେକଟି ମଣିଷ ଏକ ଦାଗଶୂନ୍ୟ,ଚମକଦାର ଏବଂ ବ୍ରଣମୁକ୍ତ ମୁହଁ ଚାହାଁନ୍ତି। ତଥାପି, ବୟସ ବୃଦ୍ଧି ପାଇବା ସହିତ କିମ୍ବା ଜୀବନଶୈଳୀ ପରିବର୍ତ୍ତନ ହେବା ସହିତ, ତ୍ୱଚା ସମସ୍ୟା ମଧ୍ୟ ବୃଦ୍ଧି ପାଏ। ବିଶେଷକରି ବ୍ରଣ, ଲାଲପଣ ଏବଂ ଜ୍ୱଳନ ମୁହଁର ଚମକକୁ ହରଣ କରିଦିଏ। ତ୍ୱାଚାକୁ ଉଜ୍ଜ୍ୱଳ କରିବା ପାଇଁ ଆମେ ପାର୍ଲର ଯାଇ ହଜାର ହଜାର ଟଙ୍କାର ପ୍ୟାକ୍ ମୁଖରେ ପ୍ରୟୋଗ କରନ୍ତି। ହେଲେ ଏପରି କିଛି ଘରୋଇ ପ୍ୟାକ୍ ଅଛି; ଯାହାକୁ ପ୍ରୟୋଗ କଲେ ବିନା ଟଙ୍କାରେ ବି ତ୍ୱଚାର ଚମକ ବୃଦ୍ଧି ପାଇବ। ଅନେକ ଲୋକ ମହଙ୍ଗା ଉତ୍ପାଦ ଉପରେ ନିର୍ଭର କରନ୍ତି, କିନ୍ତୁ ସତ୍ୟ ହେଉଛି ଯେ ତ୍ୱଚା ପାଇଁ ପ୍ରକୃତ ଆରାମ କେବଳ ପ୍ରକୃତିର ଉପଚାରରୁ ମିଳିଥାଏ।

ସେଭଳି ଏକ ପ୍ୟାକ୍ ହେଉଛି ନିମ୍ ଫେସ୍ ପ୍ୟାକ୍। ନିମ୍ ବା ଯାହାକୁ ଆମ ଓଡ଼ିଆରେ କୁହନ୍ତି ଲିମ୍ବ। ଲିମ୍ବ ପତ୍ରର ଲେପ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାରୁ ଜୀବାଣୁ ହ୍ରାସ୍ ପାଏ। ଫଳରେ ମୁହଁରୁ ବ୍ରଣ ହେବା କମିବା ସହ ଦାଗଶୂନ୍ୟ ମଧ୍ୟ ହୋଇଥାଏ। ଲିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଫଙ୍ଗାଲ୍ ଏବଂ ଆଣ୍ଟି-ଇଫ୍ଲେମାଟ୍ରିରି ଗୁଣ ଅଛି, ଯାହା ତ୍ୱଚାରେ ଥିବା ଜୀବାଣୁକୁ ଦୂର କରେ ଏବଂ ଜ୍ୱଳନକୁ ହ୍ରାସ କରେ। ଏହି କାରଣରୁ ବ୍ରଣ, ଏବଂ ଚର୍ମ ସଂକ୍ରମଣ ପାଇଁ ଲିମ୍ବକୁ ସବୁଠାରୁ ପ୍ରଭାବଶାଳୀ ଘରୋଇ ଉପଚାର ଭାବରେ ବିବେଚନା କରାଯାଏ। ଯଦି ଆପଣଙ୍କର ତେଲିଆ ତ୍ୱଚା ଏବଂ ବାରମ୍ବାର ବ୍ରଣ ହେଉଥାଏ। ତେବେ ନିମ ଏବଂ ମୁଲତାନି ମାଟି ଫେସ୍ ପ୍ୟାକ୍ ଆଶ୍ଚର୍ଯ୍ୟଜନକ ଭାବରେ କାମ କରିପାରିବ। ଏହାକୁ ତିଆରିବା ପାଇଁ ଗୋଲାପ ଜଳ ସହିତ ଲିମ୍ବ ପାଉଡର ଏବଂ ମୁଲତାନି ମାଟି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପ୍ୟାକ୍ ତ୍ୱଚାରୁ ଅତିରିକ୍ତ ତେଲ ଶୋଷିତ କରେ, ଛିଦ୍ରକୁ ବନ୍ଦ୍ କରେ ଏବଂ ମୁହଁକୁ ଥଣ୍ଡା କରେ। ସପ୍ତାହରେ ୧-୨ ଥର ବ୍ୟବହାର କରନ୍ତୁ। ଶୁଷ୍କ ତ୍ୱଚା ପାଇଁ ଲିମ୍ବ ସହ ମହୁ ମିଶ୍ରଣ କରି ଲେପ ଦେବା ଖୁବ୍ ଭଲ ହୋଇଥାଏ। ଯଦି ଆପଣଙ୍କର ତ୍ୱଚା ଶୁଷ୍କ କିମ୍ବା ଲାଲ ହେବାର ସମ୍ଭାବନା ଥାଏ, ତେବେ ଲିମ୍ବ ଏବଂ ମହୁ ପ୍ୟାକ୍ ସର୍ବୋତ୍ତମ।

ଅଣ୍ଡାରୁ ମିଳେ ଉଚ୍ଚମାନର ପ୍ରୋଟିନ୍ ମସ୍ତିଷ୍କ ବୃଦ୍ଧି ପାଇଁ ଖୁବ୍ ଭଲ

ଅଣ୍ଡାରେ ଉଚ୍ଚମାନର ପ୍ରୋଟିନ୍, ଭିଟାମିନ୍ ଫୋଲେଟ୍, ସେଲେନିୟମ୍, କୋଲାଇନ୍ ଏବଂ ଲ୍ୟୁଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ସମେତ ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକୀୟ ପୁଷ୍ଟିକର ପଦାର୍ଥ ଭରପୂର୍ ମାତ୍ରାରେ ରହିଛି। ଯାହାଫଳରେ ଅଣ୍ଡା ଖାଇଲେ ଆମକୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସୁବିଧା ମିଳିଥାଏ।

ଏହି ପୁଷ୍ଟିକର ପଦାର୍ଥ ମାଂସପେଶୀ ବୃଦ୍ଧି, ମସ୍ତିଷ୍କ କାର୍ଯ୍ୟ, ଚକ୍ଷୁ ସ୍ୱାସ୍ଥ୍ୟ ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ବୃଦ୍ଧି କରିବାରେ ସହାୟକ ହୁଏ। କେବଳ ସେତିକି ନୁହେଁ, ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଅଧିକାଂଶ ଲୋକଙ୍କ ପାଇଁ ପ୍ରତିଦିନ ଗୋଟିଏରୁ ତିନୋଟି ଅଣ୍ଡା ଖାଇବା ଖୁବ୍ ଭଲ। ୧୦୦ ଗ୍ରାମ ଅଣ୍ଡାରେ ପ୍ରାୟ ୧୩ ଗ୍ରାମ ପ୍ରୋଟିନ୍ ସହିତ ସମସ୍ତ ନଅଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ରହିଥାଏ। ଅଣ୍ଡାରୁ ଆମକୁ ଉଚ୍ଚମାନର ପ୍ରୋଟିନ୍ ମିଳିଥାଏ। ଯାହାକି ମସ୍ତିଷ୍କ ବୃଦ୍ଧିରେ ଗୁରୁତର ଭୂମିକା ନିର୍ବାହ କରେ। ସେଥିପାଇଁ ଛୋଟପିଲାଙ୍କୁ ଦୈନନ୍ଦିନ ଗୋଟାଏ ଅଣ୍ଡା ଦେବା ଜରୁରୀ ବୋଲି ଡାକ୍ତରମାନେ କହନ୍ତି। କେବଳ ମସ୍ତିଷ୍କ ପାଇଁ ନୁହେଁ; ହୃଦୟ ପାଇଁ ବି ଅଣ୍ଡା ଖୁବ୍ ଭଲ। କୋଲେଷ୍ଟ୍ରଲ୍ ଅଧିକ ଥିଲେ ମଧ୍ୟ ବ୍ୟକ୍ତି ଅଣ୍ଡା ଖାଇପାରିବେ। ଏହା କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ। ତେବେ ଅଣ୍ଡାର ଧଳା ଅଂଶ ଏବଂ ହଳଦିଆ ଅଂଶ ଉଭୟ ବେଶ୍ ଉପକାରୀ। ପ୍ରତିଦିନ ଅନ୍ତତଃ ଗୋଟାଏ ଅଣ୍ଡା ଖାଇବା ଶରୀର ପ୍ରତି ଭଲ ହୋଇଥାଏ।

ଶୀତରେ ବଢ଼େ ଗଳା ଯନ୍ତ୍ରଣା କେମିତି ରହିବେ ସୁରକ୍ଷିତ ?

ଶୀତଦିନେ ପ୍ରାୟ ଲୋକଙ୍କଠାରେ ଗଳା ଯନ୍ତ୍ରଣା ସମସ୍ୟା ବଢ଼ିଯାଇଥାଏ। ଫଳରେ ଲୋକମାନେ ଖାଇବାପିଇବା ଓ କଥା କହିବାରେ ସମସ୍ୟା ଭୋଗିଥାନ୍ତି। ତେଣୁ ଏଭଳି ସ୍ଥିତିରୁ ନିଜକୁ ଦୂରେଇ ରଖିବା ଖୁବ୍ ଜରୁରି। ଗଳା ଯନ୍ତ୍ରଣା ପଛରେ ଅନେକ କାରଣ ରହିଥାଏ। ଚାଲନ୍ତୁ ଜାଣିବା କାରଣ କ'ଣ କେମିତି ରହିପାରିବେ ସୁରକ୍ଷିତ ? ଆରମ୍ଭ ହେବାକୁ ବସିଲାଣି ଶୀତ ଋତୁ। ଥଣ୍ଡା ଋତୁ କାହା ପାଇଁ ଖୁବ୍ ଆନନ୍ଦଦାୟକ ତ ଆଉ କାହା ପାଇଁ ଅନେକ ରୋଗ ନେଇ ଆସିଥାଏ। ଫଳରେ ନିୟମିତ ଜୀବନଯାପନରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଋତୁରେ ପ୍ରାୟତଃ ରୋଗ ପ୍ରତିରୋଧକ ଶକ୍ତି କମିବା ଯୋଗୁ ସଂକ୍ରମଣ ବଢ଼ିଥାଏ। ତେଣୁ ଲୋକମାନେ ରୋଗାକ୍ରାନ୍ତ ହୋଇଥାନ୍ତି। ବିଶେଷକରି ଗଳାଯନ୍ତ୍ରଣା ବା ଗଳା ସଂକ୍ରମଣର ଶିକାର ହୋଇଥାନ୍ତି। ଗଳା ଯନ୍ତ୍ରଣା ଖୁବ୍ ଯନ୍ତ୍ରଣାଦାୟକ ସ୍ଥିତି ହୋଇଥାଏ, ଯଦ୍ୱାରା ଖାଇବାପିଇବା ଓ କଥା ହେବା ସହଜ ହୋଇ ନଥାଏ। କାହିଁକି ହୁଏ? ଥଣ୍ଡା ଆରମ୍ଭରୁ ଗଳା ବା ଉପର ରେସ୍ପାରେଟୋରୀର ସମସ୍ୟାକୁ ବଢ଼ାଇ ଦେଇଥାଏ। ଏହାର ଅନେକ କାରଣ ରହିଥାଏ। କମ୍ ତାପମାତ୍ରାରେ ଭାଇରାଲ୍ ପାର୍ଟିକଲ୍ସ ଶୀଘ୍ର ବିକଶିତ ହୋଇଥାନ୍ତି। ଶୀତ ଋତୁରେ ବୁଲାବୁଲି, ବିବାହ ଓ ପାର୍ଟି ଆଦି ବଢ଼ିଯାଇଥାଏ। ଫଳରେ ଲୋକମାନେ ପ୍ରାୟତଃ ବେଶି ଭିଡ଼ ଭିତରକୁ ଯିବାକୁ ପଡିଥାଏ। ବାରମ୍ବାର ବିଭିନ୍ନ ଲୋକମାନଙ୍କ ସମ୍ପର୍କରେ ଆସିବାକୁ ପଡିଥାଏ। ଫଳରେ କିଛି ଲୋକ ସଂକ୍ରମିତ ହୋଇଥାନ୍ତି। ସେହିପରି ଶୀତରେ ପ୍ରଦୂଷଣ ମଧ୍ୟ ଖୁବ୍ ବଢ଼ିଯାଇଥାଏ। ଫଳରେ କାଶ ଓ ଏହି ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। କେମିତି ରହିବେ ସୁରକ୍ଷିତ ? ଗଳାରେ ଯନ୍ତ୍ରଣା ବା ଜ୍ୱଳନ କାରଣରୁ ଜ୍ୱର ହୋଇ ନଥାଏ। କିନ୍ତୁ ଯଦି ଭାଇରାଲ୍ ଜ୍ୱର ହୁଏ, ତେବେ ଏହା ବ୍ୟାକ୍ଟେରିଆଲ୍ ଜ୍ୱରରେ ପରିବର୍ତ୍ତିତ ହୋଇଯାଇପାରେ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ଲୋକମାନଙ୍କଠାରେ ଏହା ତୀବ୍ର ବେଗରେ ବଢ଼ିପାରେ। ତେଣୁ ସମସ୍ୟାକୁ ଦୂର କରିବା ପାଇଁ ଅଧିକ ଥଣ୍ଡା ଜିନିଷଠାରୁ ଦୂରେଇ ରହିବା ସହ ଗରମ ପାନୀୟକୁ ପ୍ରାଥମିକତା ଦେବା ଜରୁରି। କମ୍ ଇମ୍ୟୁନିଟି ଥିବା ଲୋକମାନେ ନିୟମିତ ଗାର୍ଗଲିଂ କରିବା ଜରୁରି। ଆଜ୍‌ମା ସମସ୍ୟା ଥିବା ବ୍ୟକ୍ତିମାନେ ନିଜ ପାଖରେ ନେବୁଲାଇଜର୍ ଓ ଇନ୍‌ହେଲର୍‌କୁ ରଖିବା ସହ ନିୟମିତ ଔଷଧ ଖାଇବା ଆବଶ୍ୟକ।



ସବୁବେଳେ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଥିଲେ ପିଅନ୍ତୁ ହର୍ବାଲ୍ ଡ୍ରିଙ୍କସ୍

ଆପଣ ସବୁବେଳେ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି କି ? ଯଦି ହଁ, ତେବେ ଆଜି ଆମେ ଏପରି କିଛି ପାନୀୟ ବିଷୟରେ କହିବୁ ଯାହା ଆପଣଙ୍କ ଏନର୍ଜି ଲେବଲ୍ ବୁଷ୍ଟ କରିବାରେ ପ୍ରଭାବଶାଳୀ ହୋଇପାରେ। ଏହିସବୁ ନ୍ୟାଚୁରାଲ ଡ୍ରିଙ୍କସ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଅନେକ ସକାରାତ୍ମକ ପ୍ରଭାବ ପକାଇବ। ତେବେ ଆସନ୍ତୁ ଏହା ବିଷୟରେ ଜାଣିବା।

କମଳା ଜୁସ୍: ଯଦି ଆପଣ ଥକ୍କାପଣ ଏବଂ ଦୁର୍ବଳତା ଦୂର କରିବାକୁ ଚାହାଁନ୍ତି, ତେବେ ଆପଣ କମଳା ଜୁସ୍ ପିଇପାରିବେ। କମଳା ଜୁସରେ ଭିଟାମିନ ସି ସମେତ ଅନେକ ପୋଷକ ତତ୍ତ୍ୱ ଯଥେଷ୍ଟ ପରିମାଣରେ ଥାଏ। ତେଣୁ ଆପଣଙ୍କ ଶରୀରର ଏନର୍ଜି ଲେବଲ୍ ବୁଷ୍ଟ କରିବା ପାଇଁ କମଳା ଜୁସକୁ ଆପଣଙ୍କ ଦୈନନ୍ଦିନ ଡାଏଟ୍ ପ୍ଲାନରେ ସାମିଲ କରାଯାଇପାରିବ।

ନଡ଼ିଆ ପାଣି: କ'ଣ ଆପଣ ଭାବୁଛନ୍ତି କି ନଡ଼ିଆ ପାଣି କେବଳ ଡିହାଇଡ୍ରେସନ୍ ଦୂର କରିବାରେ ପ୍ରଭାବଶାଳୀ ହୋଇପାରେ ? ଯଦି ହଁ, ତେବେ ଯଥାଶୀଘ୍ର ଏହି ଭୁଲ ଧାରଣାକୁ ଦୂର କରିବା ଉଚିତ। ନଡ଼ିଆ ପାଣି ଡିହାଇଡ୍ରେସନ୍ ଦୂର କରିବା ସହ ଏଥିରେ ମିଳୁଥିବା ଉପାଦାନଗୁଡ଼ିକ ଥକ୍କାପଣ, ଦୁର୍ବଳତା ହ୍ରାସ କରିବା ଏବଂ ଏନର୍ଜି ଲେବଲ୍ ବୁଷ୍ଟ କରିବାରେ ମଧ୍ୟ ବହୁତ ସହାୟକ ହୋଇପାରେ।

ଲେମ୍ବୁ ପାଣି: ଅନେକ ଲୋକ ଲେମ୍ବୁ ପାଣିର ସ୍ୱାଦ ଉପଭୋଗ କରନ୍ତି। ଏହା ମନେ ରଖିବା ଉଚିତ ଯେ ଲେମ୍ବୁ ପାଣି କେବଳ ସ୍ୱାଦିଷ୍ଟ ନୁହେଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ଲେମ୍ବୁ ପାଣିକୁ ଏନର୍ଜି ବୁଷ୍ଟ କରିବା ପାଇଁ ପିଇପାରିବେ। ତଥାପି ସର୍ବୋତ୍ତମ ଫଳାଫଳ ପାଇଁ ଏହି ପାନୀୟକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଅତ୍ୟନ୍ତ ଜରୁରୀ।

କ'ଣ ଆପଣ ବି ସକାଳେ ଡେରିରେ ଉଠୁଛନ୍ତି ?

ସାବଧାନ! ବଢ଼ିପାରେ ଓଜନ

ସକାଳେ ଡେରିରେ ଉଠିବା ଆଜିକାଲିର ଖୁବ୍ ସାଧାରଣ କଥା ହୋଇପଡିଲାଣି। ଏହାର ପ୍ରମୁଖ କାରଣ ହେଉଛି ଖରାପ ଜୀବନଶୈଳୀ। ଜାଣନ୍ତି କି ଶରୀର ଉପରେ ଏହାର କି ପ୍ରଭାବ ପଡିଥାଏ? ବିଶେଷକରି ଡେରିରେ ଉଠିବା ଦ୍ୱାରା ଅନେକ ସମୟରେ ଓଜନ ବଢ଼ିଯାଇଥାଏ। ସକାଳେ ଡେରିରେ ଉଠିବା ଏକ ଟ୍ରେଣ୍ଡ୍ ହେଇପଡିଲାଣି। କାରଣ ଯାହା ହେଉନା କାହିଁକି ଏପରି କରିବା ଦ୍ୱାରା ଶରୀରର ରିଦମ୍ ବିଗିଡିପାରେ ଅର୍ଥାତ୍ ଶୋଇବା, ଉଠିବା ସମୟ, ପାଚନ କ୍ରିୟା ଓ ବାୱେଲ୍ ମୁଭ୍‌ମେଣ୍ଟ୍। ଡେରିରେ ଶୋଇବା ଦ୍ୱାରା ହର୍‌ମୋନାଲ୍ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପଡିଥାଏ। ଫଳରେ ଅନେକ ସମସ୍ୟାର ଶିକାର ହେବାକୁ ପଡେ। କେତେକ ଗବେଷଣାରୁ ଜଣାପଡିଛି ଯେ ଡେରିରେ ଉଠିବା ଦ୍ୱାରା ମୁଡ୍ ସୁଇଂ ଓ ଚିଡ଼ଚିଡାପଣ ସାଙ୍ଗ ହୋଇ ଆସିଥାନ୍ତି। ଅର୍ଥୋପେଡିକ୍ ଡାକ୍ତର ମିହିର୍ ଥାନବୀଙ୍କ ମତରେ ଡେରିରେ ଶୋଇବା ଓ ଡେରିରେ ଉଠିବା ଦ୍ୱାରା ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଏହି ଅଭ୍ୟାସ ଶରୀରର ବାୟୋଲୋଜିକାଲ୍ ଘଡ଼ିକୁ ବିଗାଡି ଦେଇଥାଏ। ଫଳରେ ହର୍‌ମୋନ୍ ଅସନ୍ତୁଳନ ବିଶେଷକରି ଭୋକ ଓ ମେଟାବଲିଜିମ୍ ସମ୍ପର୍କୀୟ ହର୍‌ମୋନ୍‌ରେ ଅସନ୍ତୁଳନ ଦେଖିବାକୁ ମିଳିଥାଏ। ଏହି ଅସନ୍ତୁଳନ ଫଳରେ ଭୋକ ବଢ଼ିପାରେ, ଯାହାଦ୍ୱାରା ବ୍ୟକ୍ତି ଅଧିକ ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇଚାଲେ। ଶରୀରରେ କ୍ୟାଲୋରୀ ଇନ୍‌ଟାକ୍ ବଢ଼ିବା ଦ୍ୱାରା ଓଜନ ତୀବ୍ର ବେଗରେ ବଢ଼ିଥାଏ। କେବଳ ସେତିକି ନୁହେଁ, ଡେରିରେ ଉଠିବା ଦ୍ୱାରା ଦିନରେ ଗତିବିଧି କମିଥାଏ, ଫଳରେ କମ୍ କ୍ୟାଲୋରି ଖର୍ଚ୍ଚ ହେବା ସହ ଓଜନ ବଢ଼ିଥାଏ। ଏହାବ୍ୟତୀତ ଚିନ୍ତା ଓ ନିଦର ଅଭାବ କାରଣରୁ ମଧ୍ୟ ଓଜନ ବଢ଼ିଥାଏ। ଡେରିରେ ଉଠିବା ଦ୍ୱାରା ଅନେକ କ୍ଷତି ହୋଇଥାଏ ଯେପରିକି ବାଉଲ୍ ମୁଭମେଣ୍ଟ୍ ଖରାପ ହେବା ଦ୍ୱାରା କବ୍ଜ ସମସ୍ୟା ଆସିଥାଏ। ଦୀର୍ଘଦିନ କବ୍ଜ ରହିବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇପାରେନା। ଫଳରେ ଶରୀରର ବିଷାକ୍ତ ପଦାର୍ଥ ରକ୍ତରେ ମିଶିଥାଏ। ଏହାର ପ୍ରଭାବ ତ୍ୱଚାରେ ଦେଖିବାକୁ ମିଳେ। ଏହାବ୍ୟତୀତ ଡେରିରେ ଉଠିବା ଦ୍ୱାରା ଶରୀରରେ କୋଲେଷ୍ଟେରଲ୍ ଜମା ହୋଇଚାଲେ, ଯାହା ହୃଦୟ ସମ୍ବନ୍ଧୀୟ ରୋଗକୁ ବଢ଼ାଏ। ସେହିପରି ହର୍‌ମୋନଲ୍ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହେବା ଦ୍ୱାରା ଆଙ୍ଗ୍‌ଜାଇଟି, ମୁଡ୍ ସୁଇଂ, ଚିନ୍ତା ଓ ମାଇଗ୍ରେନ୍ ପରି ସମସ୍ୟା ଉପୁଜିଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ନିୟମିତ ଶୋଇବା ଓ ଉଠିବା ସମୟକୁ ସ୍ଥିର ରଖିବାକୁ ପ୍ରୟାସ କରନ୍ତୁ। ସକାଳେ ଶୀଘ୍ର ଉଠିବା ଦ୍ୱାରା ଶରୀର ସକ୍ରିୟ ରହିବା ଦ୍ୱାରା ଓଜନ ନିୟନ୍ତ୍ରିତ ରହିବା ସହ ସାମଗ୍ରିକ ଶରୀର ସୁସ୍ଥ ରହିଥାଏ।

ସ୍ୱରାଜ ହସ୍ପିଟାଲ୍ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ବଲାଙ୍ଗୀର,୧୦।୧୦ (ସଂଚାର ବ୍ୟୁରୋ): ବିଶ୍ୱ ଦୃଷ୍ଟି ଦିବସ ଅବସରରେ, ବଲାଙ୍ଗୀରର ସ୍ୱରାଜ ହସ୍ପିଟାଲ୍ ଏବଂ ଗବେଷଣା ପ୍ରତିଷ୍ଠାନରେ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ ଏବଂ ଏଡାଇହେବା ଅନ୍ଧତ୍ୱର ପ୍ରତିରୋଧ ଉପରେ ଆଲୋକପାତ କରିବା ପାଇଁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ବଲାଙ୍ଗୀରର ସଦର ଥାନାରୁ ସ୍ୱରାଜ ହସ୍ପିଟାଲର ଅଧ୍ୟକ୍ଷ ଡକ୍ଟର ସୁଜ୍ଞାନେନ୍ଦ୍ର ମିଶ୍ର ଏବଂ ଲକ୍ଷ୍ମୀଜୋର ଥାନା ଆଇଆଇସି ଶୁଭରାଜ ଧାରୁଆ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିଟି ରାଜେନ୍ଦ୍ର କଲେଜ ଛକ ଦେଇ ପରେ ସ୍ୱରାଜ ହସ୍ପିଟାଲ୍ ପରିସରରେ ଶେଷ ହୋଇଥିଲା। ଆଜିର ରେଲି ରେ ସ୍ୱରାଜ ହସ୍ପିଟାଲର କର୍ମଚାରୀ ଓ ବଲାଙ୍ଗୀରର ବାଲାଜୀ କଲେଜ ଅଫ୍ ନର୍ସିଂର ଛାତ୍ରମାନେ ସାମିଲ ଥିଲେ, ଯେଉଁମାନେ ସମଗ୍ର ରାଲିରେ ଚକ୍ଷୁ ସ୍ୱାସ୍ଥ୍ୟ ଏବଂ ପ୍ରତିରୋଧକ ଯତ୍ନ ଉପରେ ସକ୍ରିୟ ଭାବରେ ବାର୍ତ୍ତା ପ୍ରସାର କରିଥିଲେ। ଏହି ଅବସରରେ ଲକ୍ଷ୍ମୀଜୋର ଥାନା ଆଇଆଇସି ଶ୍ରୀ ଧାରୁଆ 'ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ ଏବଂ ମୋତିଆବିନ୍ଦୁ ଭଳି ଅନ୍ଧତ୍ୱର କାରଣଗୁଡ଼ିକୁ ରୋକିବା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱରାଜ ହସ୍ପିଟାଲର ଏହା ଏକ ପ୍ରଶଂସନୀୟ ପଦକ୍ଷେପ' ବୋଲି କହିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡକ୍ଟର ସୁଜ୍ଞାନେନ୍ଦ୍ର ମିଶ୍ରଙ୍କ ନିଜ ବକ୍ତବ୍ୟରେ 'ସାମଗ୍ରିକ ସୁସ୍ଥତା ପାଇଁ ଭଲ ଦୃଷ୍ଟି ମୌଳିକ। ଏହି ରାଲି ମାଧ୍ୟମରେ, ଆମେ ସମସ୍ତଙ୍କୁ ମନେ ପକାଇବାକୁ ଲକ୍ଷ୍ୟ ରଖିଛୁ ଯେ ସମୟୋଚିତ ଚକ୍ଷୁ ପରୀକ୍ଷା ଏବଂ ପ୍ରତିରୋଧକ ପଦକ୍ଷେପ ଲକ୍ଷ ଲକ୍ଷ ଲୋକଙ୍କୁ ଏଡାଇହେବା ଭଳି ଅନ୍ଧତ୍ୱରୁ ରକ୍ଷା କରିପାରିବ। ସ୍ୱରାଜ ହସ୍ପିଟାଲ ସାମୁଦାୟିକ ସ୍ୱାସ୍ଥ୍ୟ ଏବଂ ସଚେତନତା ପ୍ରତି ପ୍ରତିବଦ୍ଧ।' ବୋଲି କହିଥିଲେ ।

ଭିନ୍ନକ୍ଷମଙ୍କୁ ସାଇକେଲ ଚାଳକ ଧକ୍କା ଦେଲା ବସ

ଭବାନୀପାଟଣା,୧୦।୧୦(ସଂଚାର ବ୍ୟୁରୋ): ସାଇକେଲ ଚାଳକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପଛପଟୁ ପିଟିଲା ଏକ ଘରୋଇ ବସ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଘୋଡ଼ାଘାଟ ଛକ ନିକଟରେ ଜଣେ ସାଇକେଲ ଚାଳକ ଭିନ୍ନକ୍ଷମ ବ୍ୟକ୍ତି ଙ୍କୁ ପଛପଟୁ ଧକ୍କା ଦେଇଥିଲା ଘରୋଇ ବସ ଯାହାଫଳରେ ଭିନ୍ନକ୍ଷମ ବ୍ୟକ୍ତି ଗୁରୁତର ହୋଇଥିଲେ। ଗୁରୁତର ବ୍ୟକ୍ତି ଭବାନୀପାଟଣା ସହର ସ୍ଥିତ ଟିଭିସେଣ୍ଟର୍ ପଡ଼ାର ୪୦ ବର୍ଷୀୟ ସୁଦର୍ଶନ ଦୀପ ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ବସ୍ ଛାଡ଼ି ଡ୍ରାଇଭର ଫେରାର ମାରିଥିଲା। ଘଟଣାସ୍ଥଳରେ ସାଇକେଲ ଚାଳକ ଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିବା ସହ ବସ କୁ ଅଟକ ରଖିଛି ଟାଉନ ଥାନା ପୋଲିସ। ଖବର ଲେଖିବା ପର୍ଯ୍ୟନ୍ତ ଗୁରୁତର ବ୍ୟକ୍ତି ଭବାନିପାଟଣା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି ଯଦି ତାଙ୍କ ସ୍ଥିତିରେ କିଛି ସୁଧାର ନଆସିଲେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ମେଡିକାଲ ପଠାଯିବ। ପରିବାର ପକ୍ଷରୁ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି।

ଆଶା କର୍ମୀଙ୍କ ମୃତ୍ୟୁ ପ୍ରତିବାଦ ନେଇ ଆନ୍ଦୋଳନ ଜୋରଦାର କରିବ ସଂଘ

୧୪ରୁ ଆଶାକର୍ମୀଙ୍କ କାର୍ଯ୍ୟବନ୍ଦ ଓ ଅନଶନ

ନବରଙ୍ଗପୁର,୧୦।୧୦ (ସଂଚାର ବ୍ୟୁରୋ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ନବରଙ୍ଗପୁର ଜିଲା ତରଫରୁ କାର୍ଯ୍ୟ ବନ୍ଦ କରିବା ଓ ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ନିଷ୍ପତ୍ତୀ ନେଇଛି। ଗୋଟିଏ ମାସରୁ ଅଧିକ ସମୟ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ କୁ ଓଲ୍ଲାଇବାକୁ ସଂଘ ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି। ଆସନ୍ତା ତା ୧୪ ତାରିଖ ରୁ ପୁଲିସ ପଡ଼ିଆ ଠାରୁ ଏକଶୋଭା ଯାତ୍ରା ବାହାରି ଜିଲାପାଳଙ୍କ ବାସଗୃହ କାର୍ଯ୍ୟାଳୟ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏବଂ ତା ୧୫ ତାରିଖରୁ ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କିଗତ ତା ୩୦.୦୮.୨୦୨୫ ରିଖରେ ଘଟିଥିବା ଉମରକୋଟ ବ୍ଲକ, ବଡବାସୀନି ଗ୍ରାମର ଆଶାକର୍ମୀ ଦମୟନ୍ତି ଭତରାଙ୍କ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ସାଗରିକା ସ୍ୱାଇଁଙ୍କ ଅବହେଳା ଯୋଗୁଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ରେଫେର ହୋଇ ନବରଙ୍ଗପୁର ଆସୁଥିବା ସମୟରେ ଡାବୁଗାଁ ରାସ୍ତା ପାଖରେ ଗର୍ଭରେ ଥିବା ଛୁଆ ଓ ମାଙ୍କରମୃତ୍ୟୁ ହୋଇଥିଲା। ଏହାକୁ ନେଇ ୦୧.୦୯.୨୦୨୫ରିଖ ସମୋବାର ଦିନ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଦମୟନ୍ତୀଭତରାଙ୍କ ଶବକୁ ରଖି ଆନ୍ଦୋଳନ କରାଯାଇଥିଲା।ସେହି ସମୟରେ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଆସି ଲିଖିତ ଆକାରରେ ୦୮.୦୯.୨୦୨୫ରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ କରିବା ପାଇଁପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ମୁତାବକ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇଥିବାରୁ ଗତ ୦୩.୦୯. ୨୦୨୫ରିଖରେ ଆଶାକର୍ମୀ ସଂଘ ତରଫରୁ ନବରଙ୍ଗପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁଣି ତା୧୨.୦୯.୨୦୨୫ରିଖରେ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରି ପାଞ୍ଚ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଥିଲା ଓ ଆସନ୍ତା ୦୫.୧୦.୨୦୨୫ରିଖ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କାର୍ଯ୍ୟବନ୍ଦ ଆନ୍ଦୋଳନକରିବାକୁ ମୌଖିକ ଭାବେ କୁହା ଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ ତରଫରୁ କିମ୍ବା ରାଜ୍ୟ ସରକାରଙ୍କ ତରଫରୁ ଡ଼ାକ୍ତର ସାଗରିକା ସ୍ୱାଇଁଙ୍କ ଉପରେ କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନାହିଁ। ସେହି ଡ଼ାକ୍ତର ଙ୍କୁ ନିଲମ୍ବନ କରି ତୁରନ୍ତ ଗିରଫ କରାଯାଉ।

● ହିତାଧିକାରୀଙ୍କୁ ଦିଆଯାଉଛି ପୋକ ଲଗା ଲଡୁ ଘଟଣା

ତଦନ୍ତ ପାଇଁ ଗାଁରେ ପହଞ୍ଚିଲେ ହିତାଧିକାରୀ

ଜୟପୁର,୧୦।୧୦ (ସଂଚାର ବ୍ୟୁରୋ): ସଂଚାର ଖବର କାଗଜ ରେ ଖବର ପ୍ରକାଶିତ ପରେ ପୋକ ଲଗା ଲଡୁ ର ଆରମ୍ଭ ହେଲା ତଦନ୍ତ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ ଲଖମଳିଆଗୁଡା ଅଙ୍ଗନୱାଡି କେନ୍ଦ୍ର ରେ ହିତାଧିକାରୀ ଙ୍କୁ ପୋକ ହୋଇଥିବା ଲଡୁ ବଣ୍ଟାଯାଉଥିବରୁ ହିତାଧିକାରୀ ଲଡୁ ସହ ଛତୁଆ ନେବାକୁମନା କରିଥିଲେ ଏନେଇ କେବଳ ଦୈନିକ ସଂଚାର ଖବର କାଗଜ ରେ ଖବର ପ୍ରକାଶ ପାଇବା ପରେ ଅଧିକାରୀ ଙ୍କୁ ନିର୍ଦେଶ ଜିଲ୍ଲା ପାଳ ସମ୍ମନ୍ୱିତ ଶିଶୁ ବିକାଶ ଅଙ୍ଗନୱାଡି କେନ୍ଦ୍ର ଯାଇ ଦେବା ପରେ ସମ୍ମନ୍ୱିତ ଶିଶୁ ଅଧିକାରୀ ତଦନ୍ତ କରିବା ସହ ହିତାଧିକାରୀ ଙ୍କ ପଚାରି ତଦନ୍ତ କରି ଫେରିଛନ୍ତି। କେନ୍ଦ୍ର ରେ ପୋକ ଲଗା ଲଡୁ ରହିହିଲା। ସେ ତଦନ୍ତ ରିପୋର୍ଟ ଜିଲ୍ଲା ଅଧିକାରୀ ଙ୍କୁ ଦେବେ ବୋଲି ସୂଚନା ଦେଇଛନ୍ତୁ। ଅପରପକ୍ଷେ ହିତାଧିକାରୀ ଙ୍କୁ ଖାଦ୍ୟ ଯୋଗାଣ କରୁଥିବା ଗ୍ରୁପ ର ଜଣେ ସଦସ୍ୟ ଅଭିଯୋଗକାରୀ ଏବଂ ସ୍ଥାନୀୟ ପ୍ରତିନିଧି ଙ୍କୁ ଭେଟି ଆର୍ଥିକ ପ୍ରଲଭନ ଦେଖାଇ ଅନ୍ୟ ରୁପ ଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି ଗାଁ ବାସି ।

ଦେଓମାଳି ଉପରେ ରାତ୍ରିଯାପନ ମନା

ନୋଟିସ୍ ଜାରି କଲେ ଉପଜିଲ୍ଲାପାଳ

କୋରାପୁଟ,୧୦।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି। ଦେଓମାଳିରେ ରାତ୍ରିଯାପନ ଉପରେ କୋରାପୁଟ ଜିଲ୍ଲା ପ୍ରଶାସନ କଟକଣା ଲଗାଇଛି। ବିଭିବଧ ଭାବେ ନୋଟିସ୍ ଜାରି କରିଛନ୍ତି ଉପଜିଲ୍ଲାପାଳ। ରାତିରହଣି ପାଇଁ ପର୍ଯ୍ୟଟକମାନେ ବାହାରେ ଟେଣ୍ଟ ପକାଇ ପାରିବେ ନାହିଁ। ଏମିତି କି ବାହାରୁ ଅନ୍ୟ କୌଣସି ସାମଗ୍ରୀ ମଧ୍ୟ ଆଣିପାରିବେ ନାହିଁ। ଏହାକୁ ବେଖାତିର କଲେ ୫ ହଜାର ଟଙ୍କା ଜରିମାନା ସହ କାର୍ଯ୍ୟାନୁଷ୍ଠାନ ନେବ ଜିଲ୍ଲା ପ୍ରଶାସନ। ପ୍ରତିଦିନ ଓଡ଼ିଶା ସମେତ ଓଡ଼ିଶା ବାହାରୁ ଶହଶହ ପର୍ଯ୍ୟଟକ ଦେଓମାଳି ଆସିଥାନ୍ତି। ପାହାଡ଼ ଉପରେ ରାତିକାଟି, ସକାଳ ସୂର୍ଯ୍ୟୋଦୟର ମଜା ନେବାକୁ ସମସ୍ତେ ଚାହାନ୍ତି। ହେଲେ ଦେଓମାଳିରେ ରାତ୍ରିଯାପନକୁ ନେଇ ନୂଆ ନିୟମ କରିଛି ଜିଲ୍ଲା ପ୍ରଶାସନ। କୋଟିଆବାସୀଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ କୋଟିଆ ଗ୍ରାମପଞ୍ଚାୟତ ପକ୍ଷରୁ ସୁଲଭ ମୂଲ୍ୟରେ ଟେଣ୍ଟ ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି। ସେହି ଟେଣ୍ଟରେ ରହିପାରିବେ ପର୍ଯ୍ୟଟକ। କିଛିମାସ ତଳେ ଦେଓମାଳିରେ ଫିଲ୍ମ ସୁଟିଂ ସମୟରେ ଆବର୍ଜନାମୟ ପରିବେଶକୁ ନେଇ ଦୁଃଖ ପ୍ରକାଶ କରିଥିଲେ ଫିଲ୍ମନିର୍ମାତା ଏସ୍ଏସ୍ ରାଜା ମୌଲି। ବିଗତ ଦିନରେ ଏନ୍ଜିଟି ମଧ୍ୟ କଂକ୍ରିଟ୍ କଟେଜକୁ ନେଇ ପ୍ରତିକ୍ରିୟାଶୀଳ ହୋଇଥିଲେ। ଏତେସବୁ ପରେ ଦେଓମାଳିକୁ ନୂଆ ପରିଚୟ ଦେବା ପାଇଁ ପ୍ରାଶାସନିକ ସ୍ତରରେ ଆରମ୍ଭ ହୋଇଛି ପ୍ରକ୍ରିୟା।

ପଲ୍ସ ପୋଲିଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଜିଲ୍ଲା କାର୍ଯ୍ୟକାରିଣୀ କମିଟି ବୈଠକ

ବାରିପଦା,୧୦।୧୦ (ସଂଚାର ବ୍ୟୁରୋ): ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଆସନ୍ତା ଅକ୍ଟୋବର ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ପଲ୍ସ ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟନ୍ୱୟନ ନିମନ୍ତେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଏ ଡି ପି ଏଚ ଓ (ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ବାରିପଦା ପୌରପାଳିକା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ରୋଟାରି କ୍ଲବର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଭବାନୀପାଟଣା, ୧୦।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ସ୍ଥାନୀୟ ଟାଉନ ହଲ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅକ୍ଟୋବର ନଅ ତାରିଖ ଦିନ ଅମଳା ଭବନ ଠାରେ ବରିଷ୍ଠ ନାଗରିକ ମାନଙ୍କର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ରକ୍ତଚାପ, ମଧୁମେହ, ଚକ୍ଷୁ ପରୀକ୍ଷା ଇତ୍ୟାଦି ଚିକିତ୍ସା କରାଯାଇଥିଲା। ଆଜି ଟାଉନ୍ ହଲ୍ ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସକାଳ ସାତ ଘଟିକା ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା, ଯୋଗ ଶିବିର ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଶମିତକ୍ଷ ରାୟ ଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଶୁଭ୍ରାଂଶୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍କ ରାଉତ, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ଉପ ସଭାପତି ମଳୟ ମୁଣ୍ଡ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ର ସଭାପତି ଶରତ ଚନ୍ଦ୍ର ନାୟକ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଏମ୍ ପି ଙ୍କ ପ୍ରତିନିଧି ଜୟଶଙ୍କର ନାୟକ ଯୋଗଦେଇ ବରିଷ୍ଠ ନାଗରିକ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ବାଲିଆପାଳ,୧୦।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସ୍ଥିତ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ବଡ଼ାପାଳ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଥିବା ୧୩ ଟି ବିଦ୍ୟାଳୟରୁ ୨୦୦ ଶହରୁ ଉର୍ଦ୍ଧ୍ୱ ପିଲା ଭାଗନେଇଥିଲେ। ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମରଞ୍ଜନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅସ୍ତିର ପୂର୍ବତନ ସରପଞ୍ଚ ଶରତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ପବନ କୁମାର ଦେ, ବଂଶୀ ଧର ନାୟକ, ଏବେ କାର ସିଆରସିସି ତପନ କୁମାର ରାଉଳ, ଶିକ୍ଷକ ନେତା ପୂର୍ଣେନ୍ଦୁ ଦାସ, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ବ୍ଲକ ସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ରଶ୍ମିତା ସି ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଗୁରୁତର ହର୍ଷବର୍ଦ୍ଧନଙ୍କୁ ଭେଟିଲେ ଜିଲ୍ଲାପାଳ

● ଉଚ୍ଚ ଚିକିତ୍ସା ପାଇଁ ଦେଲେ ପ୍ରତିଶ୍ରୁତି

ସୁବର୍ଣ୍ଣପୁର,୧୦।୧୦ (ସଂଚାର ବ୍ୟୁରୋ): ବୟସ ମାତ୍ର ୧୫ ବର୍ଷ। ଚଳିତ ବର୍ଷ ମାଟ୍ରିକ ପାଠ ପଢୁଥିବା ହର୍ଷବର୍ଦ୍ଧନ ବେଶ ସୁସ୍ଥ ସବଳ ଥିବାବେଳେ ଗତ ମାସ ସେପ୍ଟେମ୍ବର ୧୩ ତାରିଖ ସନ୍ଧ୍ୟା ବେଳେ ତାଙ୍କ ଜୀବନରେ ଘୋଟି ଆସିଲା କଳା ବାଦଲ। ସୋନପୁର ସହରର ବଡ଼ବଜାର ବାଳକ ହର୍ଷବର୍ଦ୍ଧନ ସନ୍ଧ୍ୟା ବେଳେ ଖେଳକୁଦ କରିସାରି ଘରକୁ ପହଞ୍ଚିଲା ପରେ ହଠାତ ବାନ୍ତି କରିବା ସହ ଗୁରୁତର ଅସୁସ୍ଥ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରେ ସେଠାରୁ ବୁର୍ଲା ବଡ଼ ମେଡ଼ିକାଲ ପରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍ କୁ ସ୍ଥାନନ୍ତରିତ କରଯାଇଥିଲା। ପରେ ବିବେକାନନ୍ଦ ହସ୍ପିଟାଲ ରେ କିଛି ଦିନ ଚିକିତ୍ସା କରାଯିବା ସହ କିଛି ଦିନ ଭିତରେ ହାର୍ଟ ଅପରେସନ କରିବାକୁ ଡାକ୍ତର ପରାମର୍ଶ କରିଥିଲେ। ଏ ନେଇ ଆର୍ଥିକ ସ୍ୱଚ୍ଛଳ ନ ଥିବା ପରିବାର ଭାଙ୍ଗିପଡ଼ିଥିଲେ। ତେବେ ଆଜି ତାଙ୍କୁ ହସ୍ପିଟାର ଜିଲ୍ଲାପାଳ ରାଜେନ୍ଦଅ ମାଝୀ ଭେଟିବା ସହ ତାଙ୍କର ଉଚ୍ଚ ଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି।

ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଦ୍ୱାରା ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୧୦।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ